CMYK

• Vol.- 45, Issue No. 30
• Wednesday, 30 April 2025
• ବୁଧବାର, ୩୦ ଏପ୍ରିଲ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ଆତଙ୍କବାଦୀ ହାସିମ ମୁସାର ପାକିସ୍ତାନ ସଂଯୋଗ !

ନୂଆଦିଲ୍ଲୀ,୨୯।୪: ପହଲଗାମ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ ଭାବରେ ଚିହ୍ନଟ ହୋଇଥିବା ତିନି ଜଣ ଆତଙ୍କବାଦୀଙ୍କ ମଧ୍ୟରେ ଅଲି ଭାଇ ଏବଂ ଆଦିଲ ହୁସେନ ଠୋକରଙ୍କ ସହିତ ହାସିମ ମୁସା ଓରଫ ସୁଲେମାନର ନାମ ରହିଛି। ଆତଙ୍କବାଦୀ ହାସିମ ମୁସାର ପାକିସ୍ତାନ ସଂଯୋଗ ଦିଗ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ପାକିସ୍ତାନୀ



ବଂଶୋଦ୍ଭବ ହାସିମ ମୁସା ଓରଫ ଆସିଫ ଫୌଜି ଓରଫ ସୁଲେମାନ ପୂର୍ବରୁ ପାକିସ୍ତାନୀ ସେନାର ସ୍ପେଶାଲ ଫୋର୍ସ ଏସଏସଜି (ସ୍ପେଶାଲ ସିକ୍ୟୁରିଟି ଗ୍ରୁପ)ର କମାଣ୍ଡୋ ଥିଲେ। ପାକିସ୍ତାନୀ ସେନାରେ ତାଙ୍କର ସେବା ଯୋଗୁଁ ସେ 'ଫୌଜି' ଭାବରେ ମଧ୍ୟ ଜଣାଶୁଣା ଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିବାକୁ ଚେଷ୍ଟା କରୁଛନ୍ତି ଯେ, ଏହା ସେହି ଗୋଷ୍ଠୀ କି ଯେଉଁମାନେ ଦେଢ଼ ବର୍ଷ ପୂର୍ବେ ପୁଞ୍ଚ ରାଜୌରୀରେ ଅନୁପ୍ରବେଶ କରିଥିଲେ। ପହଲଗାମ ଆକ୍ରମଣରେ ସାମିଲ ଥିବା ତିନି ଆତଙ୍କବାଦୀ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆରଏଫ୍) ନାମକ ଏକ ଆତଙ୍କବାଦୀ ସଂଗଠନ ସହିତ ଜଡିତ, ଯାହା ନିଷିଦ୍ଧ ସଂଗଠନ ଲସ୍କର-ଏ-ତୋଇବାର ଏକ ଶାଖା। ବୈସରନ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କ ଉପରେ ଏହି ଲୋକମାନେ ହଠାତ୍ ଗୁଳି ଚଳାଇଥିଲେ। ସେନା ଶୈଳୀର ପୋଷାକ ଏବଂ କୁର୍ତ୍ତା-ପାଇଜାମା ପିନ୍ଧିଥିବା କିଛି ଆତଙ୍କବାଦୀ ନିକଟସ୍ଥ ଘନ ଜଙ୍ଗଲରୁ ଆସିଥିଲେ ଏବଂ ସେମାନେ ଏକେ-୪୭ ଭଳି ବିପଜ୍ଜନକ ଅସ୍ତ୍ରଶସ୍ତ୍ର ବହନ କରିଥିଲେ ବୋଲି କୁହାଯାଇଛି।

## ପହଲ୍‌ଗାମ ପ୍ରତିଶୋଧ ! ସେନାକୁ ସବୁଜ ସଂକେତ

- ଆଗକୁ ପ୍ରତିରକ୍ଷାର ପ୍ରହାର ହୋଇପାରେ
- ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ
- ରାଜନାଥ,ଡୋଭାଲ ଓ ୩ସେନା ମୁଖ୍ୟ ଥିଲେ ଉପସ୍ଥିତ
- 'ସେନାକୁ ପୂର୍ଣ୍ଣ କ୍ଷମତା: ତାରିଖ,ସମୟ, ଲକ୍ଷ୍ୟ ନିର୍ଣ୍ଣୟ ନେବ'

ନୂଆଦିଲ୍ଲୀ,୨୯।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ତାଙ୍କ ସରକାରୀ ବାସଭବନରେ ମଙ୍ଗଳବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପହଲଗାମ ଆକ୍ରମଣର ପ୍ରତିଶୋଧ ପାଇଁ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ଆଲୋଚିତ ହୋଇଛି। ସୂଚନାଯୋଗ୍ୟ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଯାଇଥିଲା। ମଙ୍ଗଳବାର ଦେଢ ଘଣ୍ଟା ଯାଏଁ ଚାଲିଥିବା ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ଓ ସିଡିଏସ୍ ଜେନେରାଲ୍ ଅନିଲ୍ ଚୌହ୍ୱାନଙ୍କ ସମେତ ତିନି ସେନାର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସିସିଏସ ବୈଠକ ଅବ୍ୟବହିତ ପୂର୍ବରୁ ଆୟୋଜିତ ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଇଛି। ସୂତ୍ର ଅନୁସାରେ ଏହି ବୈଠକରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷାବଳଙ୍କ କାର୍ଯ୍ୟାନୁଷ୍ଠାନ ଓ ପରବର୍ତ୍ତୀ ରଣନୀତି ଉପରେ ଆଲୋଚନା କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମରୁ ହିଁ ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି । ଏକ ସୂତ୍ରରୁ ପ୍ରକାଶ ଯେ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରେ । ପ୍ରଧାନମନ୍ତ୍ରୀ ମୋଦି ସେନାକୁ ପୂର୍ଣ୍ଣ କ୍ଷମତା ଦେଇଛନ୍ତି।



ସେନା ଉପରେ ପୂର୍ଣ୍ଣ ଭରସା ରହିଛି। ତାରିଖ,ସମୟ, ଲକ୍ଷ୍ୟ ସେନା ନିର୍ଣ୍ଣୟ ନେବ। କଠୋର ଜବାବ ଦେବା ପାଇଁ ଦେଶ ସଂକଳ୍ପ ନେଇଥିବା ଦୃଷ୍ଟିରୁ ପ୍ରତିରକ୍ଷା ଦୃଷ୍ଟିରୁ ହୁଏତ ବଡ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ପୂର୍ବରୁ କୂଟନୈତିକ ସ୍ତରରେ ପାକିସ୍ତାନକୁ ପ୍ରହାର କରାଯାଇଛି। ଏଥର ହୁଏତ ପ୍ରତିରକ୍ଷା ଦୃଷ୍ଟିରୁ କାର୍ଯ୍ୟାନୁଷ୍ଠାନ ହୋଇପାରେ ଏପରି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକ ବସିବା ପୂର୍ବରୁ ଗୃହ ମନ୍ତ୍ରଣାଳୟରେ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା । ବୈଠକରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ବିଏସଫ୍, ଆସାମ ରାଇଫାଲ୍ସ ଓ ଏନଏସଜି ଡିଜି ଉପସ୍ଥିତ ଥିଲେ।



'ଅକ୍ଷୟ ତୃତୀୟା' ଅବସରରେ 'ଦିନଲିପି' ପକ୍ଷରୁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା

## ଗଭାଇ ପରବର୍ତ୍ତୀ ପ୍ରଧାନ ବିଚାରପତି

### ମେ ୧୪ରେ ନେବେ ଶପଥ



ନୂଆଦିଲ୍ଲୀ,୨୯।୪: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟର ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇଙ୍କୁ ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି । ଏହା ମେ ୧୪ ,୨୦୨୫ ରୁ ଲାଗୁ ହେବ। ଗଭାଇ ସେହି ଦିନ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ। ବର୍ତ୍ତମାନର ପ୍ରଧାନ ବିଚାରପତି ସଂଜୀବ ଖାନ୍ନା ମେ ୧୩ରେ ଅବସର ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

## ଖୁବଶୀଘ୍ର ନୂଆ ଅବକାରୀ ନୀତି

ଭୁବନେଶ୍ୱର,୨୯।୪: ଖୁବଶୀଘ୍ର ଆସିବ ନୂଆ ଅବକାରୀ ନୀତି । ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏପରି ସୂଚନା ରଖିଛନ୍ତି। ସପ୍ତାହେ ଭିତରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ । ସପ୍ତାହକ ମଧ୍ୟରେ ପ୍ରକ୍ରିୟା ସରିବ। କମିଟି ଗଠନ ହେବା ପରେ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ ।

## ଆଜି ଚାଷୀଙ୍କୁ ମିଳିବ ସିଏମ୍ କିଷାନ ଟଙ୍କା



ଭୁବନେଶ୍ୱର, ୨୯।୪: ସିଏମ୍ କିଷାନ ଯୋଜନା ଅଧୀନରେ ଚାଷୀଙ୍କୁ ଟଙ୍କା ମିଳିବ । ବୁଧବାର ଚାଷୀଙ୍କୁ ସିଏମ୍ କିଷାନ ଟଙ୍କା ମିଳିବ। ଅକ୍ଷୟ ତୃତୀୟାରେ ଟଙ୍କା ବାଣ୍ଟିବେ ମୁଖ୍ୟମନ୍ତ୍ରୀ । ୨ ହଜାର ଟଙ୍କା ଲେଖାଏଁ ପାଇବେ ଚାଷୀ । ୫୦ ଲକ୍ଷ ଚାଷୀଙ୍କ ଖାତାକୁ ଯିବ ୧ ହଜାର କୋଟି ଟଙ୍କା । ଯୋଜନାରେ ଚାଷୀଙ୍କୁ ୨ଟି କିସ୍ତିରେ ମିଳୁଛି ୪ ହଜାର ଟଙ୍କା। ନୂଆଖାଇ ଓ ଅକ୍ଷୟ ତୃତୀୟାରେ ଦୁଇଟି କିସ୍ତିରେ ୪ ହଜାର ଟଙ୍କା ଦେବେ ସରକାର । ସେହିପରି ପିଏମ କିଷାନ ଯୋଜନାରେ ବର୍ଷକୁ ୩ କିସ୍ତିରେ ମିଳୁଛି ୬ ହଜାର ଟଙ୍କା।

## ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ମିଳିବ 'ଯାଦୁପେଡ଼ି'

### ୪୫ ହଜାର ସ୍କୁଲରେ ହେବ ବଣ୍ଟନ, ଖର୍ଚ୍ଚ ହେବ ୯୦ କୋଟି



ଭୁବନେଶ୍ୱର,୨୯।୪: ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଶିଶୁ ବାଟିକା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡି ଦେଖିବା ସହିତ, ପିଲାମାନଙ୍କ ପାଇଁ ଏହାର ଉପଯୋଗିତା ବିଷୟରେ ବୁଝିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଯାଦୁପେଡି ଭିତରେ ଥିବା ବିଭିନ୍ନ ସାମଗ୍ରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଏହି ପେଡି ଭିତରେ ଥିବା ସାମଗ୍ରୀ ଦେଖି ଖୁସି ବ୍ୟକ୍ତ କରି କହିଥିଲେ, ଛୋଟ ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗିତା ବିଷୟରେ ଏହି ଯାଦୁପେଡିରେ ଥିବା ଖେଳନାରୁ ଶିଖି ପାରିବେ। ଶିଶୁମାନଙ୍କୁ ଏହି ଯାଦୁପେଡ଼ିର ଖେଳନାଗୁଡିକ ଶିଖିବା ସହିତ ପାଠ ପ୍ରତି ମଧ୍ୟ ଆକର୍ଷିତ କରିବ। ସୂଚନାଯୋଗ୍ୟ ଯେ, ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଛୋଟ ଛୋଟ ପିଲାମାନଙ୍କ ପାଇଁ ଏହି ଯାଦୁପେଡିର ପରିକଳ୍ପନା କରାଯାଇଛି। ଏହାକୁ ଏନସିଇଆରଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଏହି କିଟ୍ ପ୍ରଦାନ କରାଯିବ। ପ୍ରତ୍ୟେକ କିଟ୍ ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟର ୪୫ ହଜାର ସ୍କୁଲରେ ଏହାକୁ ଆବଣ୍ଟନ କରାଯିବ ଏବଂ ସମୁଦାୟ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ।

### ସ୍ଲିପରସେଲ ପୁଣି ସକ୍ରିୟ କାରଣରୁ ନିର୍ଦ୍ଦେଶ !

## ଜମ୍ମୁ-କାଶ୍ମୀରରେ ୪୮ ପର୍ଯ୍ୟଟକ ସ୍ଥଳ ବନ୍ଦ

ଜମ୍ମୁ,୨୯।୪: ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଜମ୍ମୁ-କାଶ୍ମୀରରେ ସରକାର ୪୮ଟି ପର୍ଯ୍ୟଟନ ସ୍ଥଳ ବନ୍ଦ କରିଦେଇଛନ୍ତି। ଫଳରେ ଦୁଧପାତ୍ରୀ ଓ ଭେରୀନାଗ ଭଳି ଅନେକ ପର୍ଯ୍ୟଟନ ସ୍ଥଳକୁ ପର୍ଯ୍ୟଟକଙ୍କ ଯିବା ଉପରେ ରୋକ ଲାଗିଛି। ମିଳୁଥିବା ସୂଚନା ଅନୁସାରେ ଜମ୍ମୁ-କାଶ୍ମୀର ସରକାର ସୁରକ୍ଷା ଏଜେନ୍ସୀଙ୍କ ପରାମର୍ଶରେ ଏହି ନିଷ୍ପତ୍ତି ନେଇଛନ୍ତି। କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ଏଜେନ୍ସୀମାନେ ପୂର୍ବରୁ ସତର୍କ କରିଥିଲେ। ଏହି କାରଣରୁ ୮୭ଟିରୁ ୪୮ଟି ପର୍ଯ୍ୟଟକସ୍ଥଳକୁ ବନ୍ଦ କରି ଦିଆଯାଇଛି। ନିକଟରେ ପହଲଗାମ ଆତଙ୍କୀ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା । ସୂତ୍ର ଅନୁସାରେ ପହଲଗାମରେ ହୋଇଥିବା ଆତଙ୍କବାଦୀ କାଣ୍ଡ ପରେ କିଛି ଲୁଚି ରହିଥିବା ଆତଙ୍କବାଦୀ (ସ୍ଲିପରସେଲ) ପୁଣି ସକ୍ରିୟ ହୋଇ ଉଠିଛନ୍ତି ଓ ସେମାନଙ୍କୁ ଏପରି କାଣ୍ଡ କରିବାକୁ ନିର୍ଦ୍ଦେଶ ମିଳିଥିବା କୁହାଯାଉଛି।

### 'ସମୟ ସୀମିତ ଏବଂ ଲକ୍ଷ୍ୟ ବହୁତ ବଡ଼'

## ମୋଦିଙ୍କୁ ଭେଟିଲେ ମୋହନ ଭାଗବତ ଓ ଶାହା

ନୂଆଦିଲ୍ଲୀ,୨୯।୪: ପ୍ରଧାନମନ୍ତ୍ରୀ ମଧ୍ୟାହ୍ନ ୧୨ଟା ସମୟରେ ୱାଇୟୁଜିଏମ୍ କନକ୍ଲେଭକୁ ସମ୍ବୋଧିତ କରି କହିଥିଲେ ଆଗାମୀ ୨୫ ବର୍ଷ ପାଇଁ ଆମେ ସମୟସୀମା ପ୍ରସ୍ତୁତ କରି ରଖିଛୁ । ଆଉ ଏହି କଥା କହୁଥିବା ବେଳେ ସେ କ୍ୟାମେରାକୁ ମୁହଁ କରି ଗମ୍ଭୀରତାର ସହ କହିଥିଲେ ଯେ ଆମ ପାଖରେ ସମୟ ସୀମିତ ଏବଂ ଲକ୍ଷ୍ୟ ବହୁତ ବଡ଼ ଅଛି । ମୋଦିଙ୍କ ଏହି କଥାକୁ ଶୁଣିବା ମାତ୍ରେ ଉପସ୍ଥିତ ଥିବା ଅତିଥି ତାଳି ବଜାଇଲେ । ଆଉ ଠିକ୍ ସେତିକି ବେଳେ ପ୍ରଧାନମନ୍ତ୍ରୀ ଚୁପି ଚୁପି କହିଲେ ଯେ ମୁଁ ବର୍ତ୍ତମାନର କଥା କହୁନାହିଁ । ଏହାପରେ ପ୍ରଧାନମନ୍ତ୍ରୀ କିଛି ସମୟ ଚୁପ୍ ରହିଲେ ଏବଂ ସ୍ମିତ ହସି ଆଗକୁ କହିଥିଲେ ।ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ମୁଖ୍ୟ ମୋହନ ଭାଗବତ ପ୍ରଧାନମନ୍ତ୍ରୀଙ୍କ ୭,ଲୋକକଲ୍ୟାଣ ମାର୍ଗ ସ୍ଥିତ ବାସଭବନରେ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ ପରେ ସଂଧ୍ୟାରେ ଭେଟି ଥିବା ସୂଚନା ମିଳିଛି। ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଥିଲେ। ଏ ସଂପର୍କିତ ଆଲୋଚନା କ'ଣ ହୋଇଥିଲା ତାହା ଜଣାପଡିନାହିଁ।

## ଗୋଲଡେନ ଲ୍ୟାଣ୍ଡର ୧୪୨୮ କୋଟିର ସଂପତ୍ତି ଆଟାଚ୍

ଭୁବନେଶ୍ୱର,୨୯।୪(ନିପ୍ର): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)ର ଭୁବନେଶ୍ୱର ଜୋନାଲ ଅଫିସ ଚିଟ୍‌ଫଣ୍ଡ ସଂସ୍ଥା ଗୋଲଡେନଲାଣ୍ଡ ଗ୍ରୁପ ଅଫ କଂପାନୀର ୧୪୨୮ କୋଟି ଟଙ୍କାର ସଂପତ୍ତିକୁ ଆଟାଚ୍ କରିଛି। ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ)୨୦୦୨ ନିୟମ ଅନୁଯାୟୀ ଇଡ଼ି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ କଂପାନୀର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ମୋଟ ୧୫ କୋଟି ୬ ଲକ୍ଷ ଟଙ୍କା ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ୧ ହଜାରର ଏକରରୁ ଅଧିକ ଜମିକୁ ମଧ୍ୟ ଇଡି ଆଟାଚ୍ କରିଛି। ଇଡ଼ି ପକ୍ଷରୁ ଉକ୍ତ ଚିଟ୍‌ଫଣ୍ଡ କଂପାନୀର ଆଟାଚ୍ ହୋଇଥିବା ସ୍ଥାବର ସଂପତ୍ତିର ମୂଲ୍ୟ ୧୪୧୩ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଗୋଲଡେନଲାଣ୍ଡ କଂପାନୀ ଚିଟ୍‌ଫଣ୍ଡ ସଂସ୍ଥା ଜରିଆରେ ଓଡ଼ିଶାର ଓ ଆନ୍ଧ୍ରପ୍ରଦେଶର ବହୁ ଲୋକଙ୍କୁ ଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲା। ଏନେଇ କଲିକତା ସିବିଆଇରେ ଅଭିଯୋଗ ହେବା ପରେ ସିବିଆଇ ଏହାର ମାଲିକଙ୍କୁ ଗିରଫ କରିଛି।

## ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୧୦ ଟଙ୍କା ବୃଦ୍ଧି

ଭୁବନେଶ୍ୱର,୨୯।୪: ରାଜ୍ୟ ସରକାର ଶ୍ରମିକଙ୍କ ଦୈନିକ ମଜୁରି ବଢ଼ାଇଛନ୍ତି। ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୧୦ ଟଙ୍କା ବୃଦ୍ଧି କରିଛନ୍ତି। ଏସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମଞ୍ଜୁରି ଦେଇଛନ୍ତି। ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୧୦ ଟଙ୍କା ବୃଦ୍ଧି କରିଛନ୍ତି। ସୂଚନା ଅନୁସାରେ ସରକାର ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୪୫୨ ପରିବର୍ତ୍ତେ ୪୬୨ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୫୦୨ଟଙ୍କା ପରିବର୍ତ୍ତେ ୫୧୨ ଟଙ୍କା, କୁଶଳୀ ଶ୍ରମିକଙ୍କ ମଜୁରି ୫୫୨ ଟଙ୍କା ପରିବର୍ତ୍ତେ ୫୬୨ ଟଙ୍କାକୁ ବୃଦ୍ଧି ହୋଇଛି। ଉଚ୍ଚକୁଶଳୀ ଶ୍ରମିକଙ୍କ ମଜୁରି ୬୦୨ ପରିବର୍ତ୍ତେ ୬୧୨ ଟଙ୍କାକୁ ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ମଜୁରି ପିଛଲା ଭାବେ ଏପ୍ରିଲରୁ ଲାଗୁ ହେବ।

DADLS



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷକରି ଆମର ଚାଷୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ । ଚଳିତବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0611/2526

CMYK

# ଅକ୍ଷୟ ତୃତୀୟା



ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ । ଚଳିତ ବର୍ଷ ଏହା ଏପ୍ରିଲ ୩୦ ତାରିଖରେ ପାଳନ କରାଯାଉଛି । ଏହି ଦିନଟି କୃଷକମାନଙ୍କର ଦିନ ବୋଲି କୁହାଯାଏ । କାରଣ କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି ବା ଅକ୍ଷୟମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ । ଅକ୍ଷୟ ତୃତୀୟାକୁ ସାରା ଭାରତ ବର୍ଷରେ ଏକ ଅନୁକୂଳର ଦିନ ବୋଲି ଧରାଯାଇଛି । ଏହି ଦିନ ଯାହାକିଛି ଅନୁକୂଳ କଲେ ତାହା ସଫଳ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ,ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ ।ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠିଦେବୀ'ଙ୍କ ପୂଜା କରନ୍ତି । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ । ଏହାକୁ ବ୍ରତ ରୂପେ ପାଳନ କରାଯାଏ । ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠବର୍ଷରେ ଉଦ୍‌ଯାପନ କରନ୍ତି । ଏହି ଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସଂପର୍କରେ ଚମତ୍କାର ଉପାଖ୍ୟାନଟି ଏହିପରି- ପୂରାକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା । ସେ ତା' ଜୀବନରେ କିଛି ଦାନ ଧର୍ମକାର୍ଯ୍ୟ କରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନ ଦେଇ ନିଷ୍ଠୁର ଭାବେ ଗୃହରୁ ବିତାଡିତ କଲା ସମୟରେ ସୁଶିଳା ନାମ୍ନୀ ତା'ର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତକୁ ଜଳଦାନ କଲା । କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲା । ଯମଦୂତମାନେ ତାହାକୁ ତିରସ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା କରୁଛୁ କିପରି, ପାପୀ ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ – ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ପାପ ଖଣ୍ଡନ ହୋଇଛି । ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ । ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ । ଭୂମିକର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନା କରାଯାଉଛି ।

## ଚନ୍ଦନ ଯାତ୍ରା

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାର ବ୍ୟବସ୍ଥା ମଧ୍ୟରେ ଅନ୍ତିମ ତଥା ଶେଷ ଯାତ୍ରା ହେଉଛି ଚନ୍ଦନଯାତ୍ରା । ଜଗନ୍ନାଥ ମହାପ୍ରଭୁଙ୍କର ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭହୋଇ ୪୨ଦିନ ତଥା ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ବା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଶେଷ ହୋଇଥାଏ । ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ଧରି ଉପରବେଳା ଶ୍ରୀଜୀଉମାନେ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଥାନ୍ତି । ପରବର୍ତ୍ତୀ ୨୧ଦିନ ଏହା ଶ୍ରୀମନ୍ଦିରରେ ପାଳିତ ହୋଇଥାଏ । ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀଦେବୀ ବା ଲକ୍ଷ୍ମୀ ଏବଂ ଭୂଦେବୀ ବା ବିଶ୍ୱଧାତ୍ରୀ ବା ସରସ୍ୱତୀଙ୍କ ସହିତ ପଞ୍ଚପାଣ୍ଡବ ବା ପଞ୍ଚମହାଦେବଙ୍କ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ନାମକ ଦୁଇଟି ଚାପରେ ଚାପ ଖେଳର ଶୁଭ ଅନୁକୂଳ ହୋଇଥାଏ । ଏହି ପବିତ୍ର ଅକ୍ଷୟ ତୃତୀୟା ଲଗ୍ନରେ । ପ୍ରଥମ ୨୧ଦିବସର ଶେଷ ଦିନ ଅର୍ଥାତ୍ ଭଉଁରୀଯାତ୍ରା ଦିନ ରଥ ଅଖରେ ଚକ ଲାଗେ । ଓଡ଼ିଶାର ପୁରପଲ୍ଲୀରେ ସବୁ ଦେବାଦେବୀଙ୍କର ଚନ୍ଦନଯାତ୍ରା ଏହି ଅକ୍ଷୟ ତୃତୀୟାଠାରୁ ଆରମ୍ଭହୋଇ ୨୧ଦିନ ପର୍ଯ୍ୟନ୍ତ ପାଳନ କରାଯାଏ । ସାଧାରଣ ମଣିଷ ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇଁ ପେରି ଏ.ସି., କୁଲର, ଫ୍ୟାନ୍ ଆଦିର ବ୍ୟବସ୍ଥା କରିଥାନ୍ତି ସେହିପରି ପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ପ୍ରଲେପ ଦିଆଯାଏ । ପୌରାଣିକମତେ ସତ୍ୟଯୁଗରେ ନୃସିଂହଦେବ ଏହି ଯାତ୍ରାର ଆୟୋଜନ କରିଥିଲେ ।



## ରଥ ନିର୍ମାଣ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚାଯାତ୍ରା ନିମନ୍ତେ ବସନ୍ତ ପଞ୍ଚମୀରେ ଯେଉଁ ରଥ କାଠ ଅନୁକୂଳ ହୋଇଥାଏ, ଶ୍ରୀରାମନବମୀରେ ଯେଉଁ ରଥକାଠ ଚିରାଯାଇଥାଏ, ପବିତ୍ର ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣର ଶୁଭାରମ୍ଭ ହୋଇଥାଏ । ସେହିଦିନ ମଧ୍ୟାହ୍ନ ଧୂପରେ ମହାପ୍ରଭୁଙ୍କର ଶ୍ରୀଅଙ୍ଗରୁ ଆଜ୍ଞାମାଳ ସହିତ ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାଡ଼ରୁ ମଧ ଆଜ୍ଞାମାଳ ଆସେ । ଘଣ୍ଟ, ଘଣ୍ଟା, କାହାଳୀ ଶୋଭାଯାତ୍ରା ସହିତ ତିନି ପୂଜାପଣ୍ଡା ମହାପ୍ରଭୁଙ୍କର ସେହି ଆଜ୍ଞାମାଳ ନେଇ ଶ୍ରୀମନ୍ଦିର ଦେଉଳ ପୁରୋହିତ ଓ ସ୍ତୋତ୍ରୀୟ ବ୍ରାହ୍ମଣମାନଙ୍କ ସହିତ ରଥଖଳାକୁ ଯାଆନ୍ତି ଏବଂ ସେଠାରେ ସ୍ତୋତ୍ର ପାଠ ସହିତ ମହାପ୍ରଭୁଙ୍କୁ ଆରାଧନା କରନ୍ତି । ସେତେବେଳେ ମଧ ଚନ୍ଦନ ଠାକୁରମାନେ ଉପସ୍ଥିତ ରହିଥାନ୍ତି, ଯିଏ ପୂଜାପଣ୍ଡାଙ୍କ ଆଜ୍ଞାମାଳ ସହିତ ପଟୁଆରରେ ଯାଇଥାନ୍ତି ।



## ଅକ୍ଷିମୁଠି

ଆମ ଓଡ଼ିଶା ହେଉଛି ଏକ କୃଷିପ୍ରଧାନ ରାଜ୍ୟ । କୃଷି ହେଉଛି କୃଷକର ପରିଚୟ । ତେଣୁ ସରକାରୀ ସ୍ତରରେ ଅକ୍ଷୟ ତୃତୀୟା ଦିବସଟିକୁ କୃଷକ ଦିବସ ଭାବେ ପାଳନ କରାଯାଏ । ଏହି ଦିନଟି ସକାଳ ସୂର୍ଯ୍ୟ ଉଦୟଠାରୁ ଆରମ୍ଭକରି ତା' ପରଦିନ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ହୋଇଥାଏ । ଏହିଦିନ ବିବାହ, ବ୍ରତ, ଗୃହପ୍ରବେଶ ଓ ଗୃହନିର୍ମାଣ ଆଦି କାର୍ଯ୍ୟ କରାଯାଏ । ଧନସମ୍ପତ୍ତି, ସୁଖ-ସମୃଦ୍ଧି ଅକ୍ଷୟ ରହିବା ପାଇଁ ଘରେ ଘରେ ଏହିଦିନ ପୂଜାର୍ଚ୍ଚନା କରାଯାଏ । ସ୍ନାନ, ଦାନ, ଜପ, ତପ, ଶ୍ରାଦ୍ଧ, ଅନ୍ନ, ଜଳ, ଜୋତା, ଚପଲ, ଛତା ଆଦି ଉକ୍ତଦିନ ଦାନ କଲେ ବହୁତ ପୁଣ୍ୟଫଳ ମିଳିଥାଏ । ଓଡ଼ିଶାରେ ଏହି ପବିତ୍ର ଦିନଠାରୁ ଆରମ୍ଭ ହୁଏ ଖରିଫ୍ ଫସଲ । ଏହିଦିନ ମାଟି ମାଆଙ୍କୁ ପୂଜାକରି କୃଷକମାନେ କ୍ଷେତରେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି ।



## ଶୁଭକାର୍ଯ୍ୟ ଅନୁକୂଳ

ଅକ୍ଷୟ ତୃତୀୟା ଦିନ ସବୁ ଶୁଭକାର୍ଯ୍ୟ ଅନୁକୂଳ କରାଯାଏ । ସୁଖ, ଶାନ୍ତି, ସମୃଦ୍ଧି ପାଇଁ ଭଗବାନ ତଥା ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରାଯାଏ । ଏହିଦିନ ପୁରାଣଶାସ୍ତ୍ର ଗ୍ରନ୍ଥ ଅନୁସାରେ ଅନେକଗୁଡ଼ିଏ ଶୁଭକର୍ମ ଅନୁଷ୍ଠିତ ହୋଇଥିଲା । ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ମର୍ତ୍ତ୍ୟମଣ୍ଡଳରେ ଯବ ଶସ୍ୟ ଉତ୍ପାଦନ କରିଥିଲେ ପ୍ରାଣୀ ଓ ଜୀବଜନ୍ତୁମାନଙ୍କର ପରିପାଳନ ନିମିତ୍ତ । ତେଣୁ ଏକ ବିଧି ରହିଛି, ଯିଏ ଅକ୍ଷୟ ତୃତୀୟା ଦିନ ଯବ ଶସ୍ୟରେ ପୁରୁଷୋତ୍ତମ ଶ୍ରୀ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା ସହିତ ବିଭିନ୍ନପ୍ରକାର ପ୍ରାର୍ଥନା କରି ତାଙ୍କୁ ସନ୍ତୁଷ୍ଟ କରିଥାଏ ସେ ଅକ୍ଷୟଫଳ ଲାଭକରେ । ଏହିଦିନ ମଧ୍ୟ ପତିତପାବନୀ ଗଙ୍ଗା ଯିଏ ଭାଗିରଥୀ ନାମରେ ନାମିତ, ସିଏ ପୁରୁଷୋତ୍ତମ ଭଗବାନଙ୍କର ନଖକୋଣରୁ ଆସି ଶିବଙ୍କର ଜଟାଦେଇ ପ୍ରଥମେ ଭଗୀରଥଙ୍କ ତପସ୍ୟା ବଳରେ ଆସିଥିଲେ ଶଗରରାଜାର ବଂଶକୁ ଉଦ୍ଧାର କରିବା ପାଇଁ, ଏହି ମର୍ତ୍ତ୍ୟପୃଷ୍ଠରେ ପତିତପାବନୀ ଗଙ୍ଗାଙ୍କର ଆବିର୍ଭାବ ହୋଇଥିଲା । ଆହୁରି ମଧ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଏହିଦିନ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ, ଯେଉଁ ଅକ୍ଷୟ ପାତ୍ର ଦ୍ୱାରା ସେ ମୁନି ଦୁର୍ବାସା ଏବଂ ତାଙ୍କର ସମସ୍ତ ଶିଷ୍ୟମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ । ଗୋଟିଏ କ୍ଷୁଦ୍ର ଅନ୍ନକଣିକା ରହିଯାଇଥିଲା ସେହି ଅନ୍ନକଣିକାକୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ସେ ସମର୍ପଣ କରିଛନ୍ତି ସେତେବେଳେ ମୁନି ଦୁର୍ବାସା ଏବଂ ତାଙ୍କର ସମସ୍ତ ଶିଷ୍ୟମଣ୍ଡଳୀଙ୍କର କ୍ଷୁଧା ମେଣ୍ଟିଯାଇଥିଲା । ଏହା ହେଉଛି ସେହି ଅକ୍ଷୟ ପାତ୍ରର ରହସ୍ୟ ଏବଂ ମାହାତ୍ମ୍ୟ । ଆହୁରି ମଧ କୁହାଯାଏ, ଏହିଦିନ ସୁଦାମା ନିଜର ବାଲ୍ୟବନ୍ଧୁ ଶ୍ରୀକୃଷ୍ଣଙ୍କୁ ଦ୍ୱାରକାରେ ଭେଟିଥିଲେ ଏବଂ ଅମା ଧନସମ୍ପତ୍ତିର ଅଧିକାରୀ ହୋଇଥିଲେ । ଉକ୍ତଦିନ ପରଂବ୍ରହ୍ମଙ୍କର ଷଷ୍ଠ ଅବତାର ପର୍ଶୁରାମଙ୍କର ମର୍ତ୍ତ୍ୟମଣ୍ଡଳରେ ଆବିର୍ଭାବ ହୋଇଥିଲା ।



## ସବୁଠାରୁ ଶୁଭତିଥି ଅକ୍ଷୟ ତୃତୀୟା

## ପର୍ବର ଅନ୍ତର୍ନିହିତ ମହତ୍ତ୍ୱ

ଓଡ଼ିଆ ହେଉଛି ଏକ ପାର୍ବଣପ୍ରିୟ ଜାତି । ପର୍ବପର୍ବାଣିକୁ ବାଦ୍ ଦେଲେ ଓଡ଼ିଶାର ସାମାଜିକ,ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ । ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ । ସୁତରାଂ ଚିନ୍ତାଶୀଳ, ଅଭିଜ୍ଞ , ସମାଜହିତୈଷୀ ମନୀଷୀବୃନ୍ଦ ଅତୀତରେ ସୁସ୍ଥ, ସଂହତ ସମାଜର ସ୍ୱପ୍ନକୁ ସାକାର କରିବାପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅଗଣିତ ପର୍ବପର୍ବାଣି ।ତେଣୁ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ଅନେକ ପର୍ବର ଅନ୍ତର୍ନିହିତ ମହତ୍ତ୍ୱ ସମଗ୍ର ମାନବ ଜଗତକୁ ଦେଇଥାଏ ଅମୂଲ୍ୟ ଦିଗ୍‌ଦର୍ଶନ । ଓଡ଼ିଶାରେ ଅନୁଷ୍ଠିତ କିଛି ପର୍ବ ଧର୍ମଭିତ୍ତିକ, କୃଷିଭିତ୍ତିକ ,ସାମାଜିକ ଏବଂ ଐତିହାସିକ ସ୍ମୃତି ଉପରେ ଆଧାରିତ । ସେଥିମଧ୍ୟରୁ 'ଅକ୍ଷୟ ତୃତୀୟା' ଅନ୍ୟତମ ।ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟାଟି 'ଅକ୍ଷୟ ତୃତୀୟା' ବା ଅକ୍ଷି ତୃତୀୟା ଭାବେ ପରିଚିତ । ନୂତନ କାର୍ଯ୍ୟଟିଏ ଆରମ୍ଭ କରିବା ପାଇଁ ଅକ୍ଷୟ ତୃତୀୟା ହେଉଛି ପୂରା ବର୍ଷ ମଧ୍ୟରେ ସବୁଠାରୁ ଶୁଭତିଥି । ଏହି ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ନ ହୋଇ ଅକ୍ଷୁଣ୍ଣ ରହିଥାଏ । ଶୁଭଦିନ ମନେକରି ଅକ୍ଷିମୁଠି ଅନୁକୂଳ, ଗୃହନିର୍ମାଣ, ନିର୍ବନ୍ଧ, ବିବାହ,ବ୍ରତଉପନୟନ ପ୍ରଭୃତି ଶୁଭକର୍ମମାନ ଅନୁଷ୍ଠିତ ହୋଇଥାଏ ।

## ମର୍ତ୍ତ୍ୟବାସୀ ମାନବଙ୍କୁ ମିଳିଥିଲା କୃଷିଶିକ୍ଷା

'ଅକ୍ଷୟ ତୃତୀୟା' ଏକ ସର୍ବଭାରତୀୟ କୃଷିଭିତ୍ତିକ ମୁଖ୍ୟ ପର୍ବ । ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାରର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି 'ଅକ୍ଷୟ ତୃତୀୟା' । ବିଶ୍ୱାସ ରହିଛି, ଏହି ଦିନ ସତ୍ୟଯୁଗର ପ୍ରାରମ୍ଭ ହେବା ସହ ଦେବତାମାନେ ଜୀବଜଗତର ବଞ୍ଚିବାର ମାଧ୍ୟମ କୃଷି କାର୍ଯ୍ୟକୁ ଏହିଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବଙ୍କୁ କୃଷିଶିକ୍ଷା ପ୍ରଦାନ କରିଥିଲେ । ପରମବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତଥା ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଏହି ଦିବସରେ ପାଳିତ ହୋଇଥାଏ । କଥାରେ ଅଛି- ଯେ କୌଣସି ଶୁଭକାମ ଏହି ଦିନ ଆରମ୍ଭ କରାଗଲେ ବିନା ବିଘ୍ନରେ ତାହା ସଂପାଦିତ ହୋଇଥାଏ । ଉତ୍କଳୀୟଙ୍କ ପ୍ରାଣ ଶ୍ରୀଜଗନ୍ନାଥଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାମ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥ କାମ ତଥା ରେବତୀ ମାଆଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କର ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାମ ପବିତ୍ର ଅକ୍ଷୟ ତୃତୀୟାରେ ପାଳିତ ହୋଇଥାଏ ।

## ଅଣୁଜୀବଙ୍କ ବଂଶବିସ୍ତାର ପାଇଁ କ୍ଷେତ୍ର ପ୍ରସ୍ତୁତ

କୃଷକର ବିହନ ମୁଠାକ ମାଆ ଧରିତ୍ରୀ କୋଳରେ ଅକ୍ଷୟ ଭାବେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବୀ ପରିବାର ଏହି ତିଥିରେ ନିଷ୍ଠାର ସହ ଭୂମି ପୂଜନ କରିଥାନ୍ତି । କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟ ମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣୀକୁ ଶଙ୍ଖ ହୁଳହୁଳି ଧ୍ୱନି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାନ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ । ଏହି ଦିନ କୃଷକ ତା ଜମିରେ ବୀଜ ବପନ କରି ଭରପୂର ଅମଳର ଆଶା ରଖିଥାଏ । ଧାନ ଆମ ରାଜ୍ୟର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହିଦିନ ଧାନରେ ହିଁ ମୁଠି ଅନୁକୂଳ କରାଯାଏ । ଧାନବିହନ ବୁଣିବାର ପ୍ରକୃଷ୍ଟ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ । ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ଭଲ ଭାବେ ଖରାଟିଆ ଚାଷ ହେଲେ ଜମିରୁ ଘାସଲଟା ମରିଯାଏ । ଅନିଷ୍ଟକାରୀ ରୋଗ, ପୋକମାନଙ୍କର ବଂଶବୃଦ୍ଧି ପ୍ରତିହତ ହୋଇ ବାୟୁମଣ୍ଡଳରୁ ଅମ୍ଳଜାନ ଜମିରେ ପ୍ରବେଶ କରି ଫସଲର ଉପକାରୀ ଅଣୁଜୀବମାନଙ୍କ ବଂଶବିସ୍ତାର ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ । ଖରାଟିଆ ଚାଷ ଦ୍ୱାରା ମାଟିର ସାନ୍ଦ୍ରତା କମିବା ସହ ଅମ୍ଳତ୍ୱ ହ୍ରାସ ଘଟେ ଓ ବର୍ଷା ଜଳଧାରଣ ଶକ୍ତି ବଢ଼େ । ଏହାଦ୍ୱାରା ମାଟିର ଆବଶ୍ୟକ ଉଷ୍ମତା ସୁରକ୍ଷିତ ରହେ ଓ ବ୍ୟବହୃତ ଖତ କମ୍ପୋଷ୍ଟ ଆଦି ମାଟିର ସବୁସ୍ତରରେ ମିଶିଯାଏ । କର୍ଷିତ ମାଟିରେ ବିହନ ବୁଣାଗଲେ ପ୍ରାକ୍ ମୌସୁମୀ ବର୍ଷାରେ ଧାନଗଛ ଶୀଘ୍ର ଗଜା ହୋଇ ଦୀର୍ଘ ଓ ସବଳ ଚେର ଦେଇ ଭଲ ବଢେ । ଆଗରୁ ଗଛ ବଢୁଥିବାରୁ ଠିକ୍ ସମୟରେ ଅନ୍ତଃଚାଷ ଓ ବେଉଷଣ ହୋଇପାରେ । ଆବଶ୍ୟକ ସ୍ଥଳେ ବର୍ଷାର ଅନିୟମିତତା ଘଟିଲେ ବି ଧାନ ଫସଲ ଅନେକ ଦିନ ମରୁଡ଼ିର ମୁକାବିଲା କରିପାରେ । ସେଥିପାଇଁ ଅକ୍ଷୟ ତୃତୀୟା ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଯାଏ ।

## 'କୃଷକ ହିଁ ମାଟିର ରାଜା'

ଆମ ପରମ୍ପରାରେ ପ୍ରଚଳିତ ପର୍ବ ପାଳନର ବିଧିବିଧାନ ଆଜି ନୁହେଁ, ଆଦିମ ଯୁଗରୁ ବୈଶାଖ ଶୁକ୍ଳ ତୃତୀୟାକୁ ଅକ୍ଷୟ ତୃତୀୟା ପର୍ବ ଭାବେ କୃଷକ ପାଳନ କରିଆସୁଛି । ସେଥିପାଇଁ ଋକ୍ ବେଦ, ବରାହ ସଂହିତା ଓ ଆମ ପ୍ରଚଳିତ ପୁରାଣଗୁଡିକରେ ଅକ୍ଷୟ ତୃତୀୟା ପାଳନ ବାବଦରେ ସୂଚନା ରହିଛି । ଅକ୍ଷୟ ତୃତୀୟା ପ୍ରତିଟି କୃଷକ ପରିବାର ପାଇଁ ଏକ ପବିତ୍ରତା, ପ୍ରସନ୍ନତା ଓ ଆଶା-ଆକାଂକ୍ଷାର ପର୍ବ । ଜାତିର ପିତା ମହାତ୍ମା ଗାନ୍ଧି କହୁଥିଲେ 'କୃଷକ ହିଁ ମାଟିର ରାଜା' ।କିନ୍ତୁ ଆଜିର ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ କୃଷକ ଅବସ୍ଥା ଶୋଚନୀୟ । ସେ ତା'ର ଉଚିତ ମୂଲ୍ୟ ପାଉନାହିଁ । ଦୁଃଖର କଥା ବର୍ତ୍ତମାନ ସମୟରେ କୃଷକର ଭାଗ୍ୟ ଅକ୍ଷୟ ନ ହୋଇ କ୍ଷୟ ହେବାରେ ଲାଗିଛି । ଚାଷରୁ ଆଶାଜନକ ସୁଫଳ ମିଳୁନଥିବାରୁ ଚାଷୀ ଚାଷ ଛାଡି ଏବେ ଦାଦନ ଖଟିବାକୁ ଯାଉଛି । ଜମିକୁ ଜଳ, ଚାଷ ପାଇଁ ବିହନ, ସାର ତଥା ବିକ୍ରି ପାଇଁ ବଜାର ତା ମୁଣ୍ଡରେ ଏବେ ଚଡ଼କ ପାଲଟୁଛି । କୃଷିଋଣର ଚାପ ବେଳେବେଳେ ତାକୁ ଆତ୍ମହତ୍ୟା ପାଇଁ ବାଟ କଢେଇ ନେଉଛି । ଏ ସବୁର ସମାଧାନ କ'ଣ, ସେଥିପାଇଁ ସମସ୍ତଙ୍କୁ ଚିନ୍ତା କରିବାକୁ ପଡିବ । କୃଷି ଓ କୃଷକ ଆମ ଅର୍ଥନୀତିର ମେରୁଦଣ୍ଡ କହିଲେ ଭୁଲ୍ ହେବନାହିଁ ।କିନ୍ତୁ ଆଜି ସେ ମେରୁଦଣ୍ଡ ଭାଙ୍ଗି ପଡିଛି ।କୃଷକ ଆଜି ଅଣ୍ଟା ସଳଖି ଚାଲି ପାରୁନାହିଁ ।କୃଷି ଓ କୃଷକପ୍ରତି ଅବହେଳା କରାଯାଉଛି । କୃଷି ଓ କୃଷକର ଉନ୍ନତି ବ୍ୟତିରକେ ଦେଶର ପ୍ରଗତି ଅସମ୍ଭବ । ଓଡ଼ିଆ ଜାତିର ନୈତିକ ମୂଲ୍ୟବୋଧ , ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ତଥା ଭାଇଚାରା ସୃଷ୍ଟି କରିବା ଏବଂ କୃଷି କୃଷକର ଉନ୍ନତି କରିବା 'ଅକ୍ଷୟ ତୃତୀୟା' ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ ।

-ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# କେବେ କାର୍ଯ୍ୟକ୍ଷମ ହେବ ଖଣ୍ଡପଡ଼ା ବସଷ୍ଟାଣ୍ଡ ?

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ସହରର ଉମାଦେବୀ ଛକରେ ଆଜକୁ ୩ ବର୍ଷ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ହେଁ ଅଦ୍ୟାବଧି ବସଷ୍ଟାଣ୍ଡଟି ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇନାହିଁ । ବସଷ୍ଟାଣ୍ଡ ପରିସରରେ କେବଳ ଆମ ବସ ଗୁଡିକ ରହୁଥିବା ବେଳେ ଖଣ୍ଡପଡା ସହର ଦେଇ ଯାତାୟାତ କରୁଥିବା ରାଜ୍ୟ ସଡକ ପରିବହନ ନିଗମର ଦୁରଗାମୀ ଯାତ୍ରୀବାହୀ ବସ ସମେତ ଘରୋଇ ପରିବହନର ଯାତ୍ରୀବାହୀ ବସ ଗୁଡିକ ବସଷ୍ଟାଣ୍ଡ ପରିସରକୁ ଯାତାୟାତ କରୁନାହିଁ । ସମସ୍ତ ଯାତ୍ରୀବାହୀ ବସ ଗୁଡିକ ନୂତନ ବସଷ୍ଟାଣ୍ଡ ପରିସରକୁ ଯାତାୟାତ ନିମନ୍ତେ ପ୍ରଶାସନ ଓ ରାଜ୍ୟ ସଡକ ପରିବହନ ନିଗମ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ବସଷ୍ଟାଣ୍ଡ ପରିସରରେ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଶ୍ରାମାଗାର, ସୁଲଭ ଶୌଚାଳୟ, ସ୍ନାନାଗାର ଆଦି ନିର୍ମାଣ କରାଯାଇଛି । ମାତ୍ର ଯାତ୍ରୀବାହୀ ବସ କି ଯାତ୍ରୀମାନେ ବସଷ୍ଟାଣ୍ଡ ପରିସରକୁ ଯାତାୟାତ କରୁନାହାନ୍ତି । କେବଳ ଆମ ବସ ଚଳାଉଥିବା ଚାଳକ ଓ କର୍ମଚାରୀମାନେ ବସଷ୍ଟାଣ୍ଡ ପରିସରରେ ରହୁଥିବା ଜଣାପଡିଛି । ସେହିପରି ବସଷ୍ଟାଣ୍ଡ ପରିସରରେ ନିର୍ମାଣ କରାଯାଇଥିବା ୧୦ରୁ ଉର୍ଦ୍ଧ କ୍ୟାବିନ ଗୃହରେ ତାଲା ଝୁଲୁଥିବା ବେଳେ ବସଷ୍ଟାଣ୍ଡ ପରିସର ସଦାସର୍ବଦା ଖାଁ ଖାଁ ଲାଗୁଥିବା ଜଣାପଡିଛି । କଟକ ଜିଲ୍ଲାର ନରସିଂହପୁର ଠାରୁ ଖଣ୍ଡପଡା,



ନୟାଗଡ ସହର ଦେଇ ଜୟପୁର ସହରକୁ ଯାତାୟାତ କରୁଥିବା ଘରୋଇ ପରିବହନ ଓ ସରକାରୀ ଯାତ୍ରୀବାହୀ ବସଟି ଖଣ୍ଡପଡା ବାଇପାସ ରାସ୍ତା ଦେଇ ସଦାସର୍ବଦା ଯାତାୟାତ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଖଣ୍ଡପଡା ବସଷ୍ଟାଣ୍ଡ ପରିସରକୁ ସମସ୍ତ ଯାତ୍ରୀବାହୀ ବସ ଚଳାଚଳ ସହ ବସଷ୍ଟାଣ୍ଡଟିକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବା ଦିଗରେ ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପ୍ରତିନିଧି ଓ ମତ୍ସ୍ୟଜୀବୀ ନେତୃତ୍ୱ ମିଳିତ ବୈଠକ

ରମ୍ଭା (ନିପ୍ର): ଚିଲିକା ପାରମ୍ପରିକ ମତ୍ସ୍ୟଜୀବି ନେତୃତ୍ୱ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମିଳିତ ସର୍ବେକ୍ଷଣ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଚିଲିକା ସୁରକ୍ଷା ଓ ମତ୍ସ୍ୟଜୀବିଙ୍କ ଜୀବନ ଜୀବିକା ବିପନ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ମତ୍ସ୍ୟଜୀବି ନେତା ଭୀମସେନ ବେହେରା ଉଲ୍ଲେଖ କରିଥିଲେକି ଆଗଭଳି ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ମିଳୁନାହିଁ, ଦିନକୁ ଦିନ ହ୍ରାସ ପାଇଛି ଦାଦନ ଶ୍ରମିକ ବୃଦ୍ଧି ପାଇଛି। ଏହାର ମୂଖ୍ୟ କାରଣ ସାହେବ ରଷିକୂଲ୍ୟା ମୁହାଣ ମୁଁହ ମଶାରୀ ଜାଲ ଦ୍ୱାରା ଅବରୋଧ, ମାଟି ପଙ୍କ ପୋତି ହୋଇ ସମୁଦ୍ରରୁ ଚିଲିକା ପାଣି ଯିବା ଆସିବାରେ ବାଧକ ଫଳରେ ମାଛ ଜାଆଁଳା ଓ ମା ମାଛ ଅଣ୍ଡା ଦେବାକୁ ଆସୁନାହିଁ। ସରୁ ମାଢି, ଭିଡ଼, କେରାଳି, ପତୁଆ ଜିରୋ ମଶାରୀ ଜାଲ ପ୍ରଚଳନ, ମତ୍ସ୍ୟ ସୈରଉ୍ ଜାଣ, ଖାଦା ଅଣ ମତ୍ସ୍ୟଜୀବିଙ୍କ ମାଟି ଘେରି ବନ୍ଧ ଦ୍ୱାରା ଅବରୋଧ , ଭେନାମି ଚିଙ୍ଗୁଡ଼ି ଚାଷ ପ୍ରମୂଖ କାରଣ ବୋଲି ପ୍ରବର୍ତ୍ତାଇ ଥିଲେ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପ୍ରତିନିଧି ଅଧିକାରି ଜିତେନ୍ଦ୍ର କୁମାର ନାୟକ ସମେତ ତାଙ୍କର ଟିମ୍ ସମସ୍ତ ଅସୁବିଧା ଶୁଣି ଥିଲେ ଏବଂ ମତ୍ସ୍ୟଜୀବି ସାହିକୁ ଯାଇ ୪୦ ଗୋଟି ପରିବାର ସାମ୍ପୂଲ୍ ସର୍ବେକ୍ଷଣ କରିଥିଲେ। ଦାବୀ ଗୁଡ଼ିକ ହେଲା ଚିଲିକା ବିଲ୍ ପାସ କରି ଆଇନ୍ ୧୯୮୮-୮୯ ନୀତି ନିୟମ ପ୍ରଚଳନ ଚାଲୁ କରିବା,ଚିଲିକାରେ ଥିବା ୧୫୦ ଖଣ୍ଡ ଗ୍ରାମ ପୂରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୫ ଲକ୍ଷ ମତ୍ସ୍ୟଜୀବିଙ୍କ ଜୀବନ ଜୀବିକା,୪୭୦୦୦ ହଜାର ଏକର ମତ୍ସ୍ୟ ଶୈରଉ୍ ସୁରକ୍ଷା, ଅଣ ମତ୍ସ୍ୟଜୀବିଙ୍କ ଅବାରୋଧ ମାଟି ଘେରି ବନ୍ଧ ଉଚ୍ଛେଦ, ଅଭିଜ୍ଞ ମତ୍ସ୍ୟଜୀବିଙ୍କ ସହଭାଗିତା ସହ ଚିଲିକା ରାଣୀ ଅଫିସର ସସ୍ମିତା ଲେଙ୍କା କୁ ପୁଣି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦାୟିତ୍ୱ ଏସବୁ କରିପାରିଲେ ମତ୍ସ୍ୟଜୀବି ପୁଣି ପୂର୍ବ ଭାଗ୍ୟ ଫେରି ପାଇବ।



ପୁରୀ: ଚନ୍ଦନଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯାୟରେ।(ଫଟୋ-ବିଜୟ ପଟ୍ଟନାୟକ)।

## ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ଏଗାର ଲକ୍ଷ ଷାଠିଏ ହଜାର ଟଙ୍କା

ତାଳଚେର(ନିପ୍ର): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡିକୁ ସୋମବାର ଦିନ ଖୋଲା ଯାଇଥିଲା । ତାଳଚେର ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁମତୀ ଦେହୁରୀ, ଟ୍ରଷ୍ଟ ସଦସ୍ୟ ମୂରଲୀଧର ସାହୁ, ରାଜେନ୍ଦ୍ର ସିଂହ, ସଞ୍ଜୟ କୁମାର ସାହୁ, ଗଗନ ବିହାରୀ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲା ଯାଇଥିଲା। ଏଥିରୁ ମୋଟ ଏଗାର ଲକ୍ଷ ଷାଠିଏ ହଜାର ତିନି ଶହ ବାର ଟଙ୍କା। (୧୧,୬୦,୩୧୨ ଟଙ୍କା) ସଂଗୃହୀତ ହୋଇଥିଲା । ହାବିଲଦାର ଗୁଣନିଧି ବିଶ୍ୱାଳ, ବିନୟ କୁମାର ମହାନ୍ତି, ବିକାଶ ପ୍ରଧାନ, ପ୍ରହଲ୍ଲାଦ ଦେହୁରୀ, ବିଭୂତି ଭୂଷଣ ସାମଲ, ନରେନ୍ଦ୍ର କୁମାର ସିଂ, ରୋହିତ କୁମାର ସାମଲ, ସିପୁନ ପତିଆର, ବଳିଆ ସାମଲ, ମଳୟ ମହାନ୍ତି, ନରେନ୍ଦ୍ର ବାରିହା, ପୁପିନ୍ଦ୍ର ପ୍ରଧାନ, ଚିନ୍ମୟ ସାହୁ, ରାହୁଲ ପ୍ରଧାନ, ପଦ୍ମଲୋଚନ ସାହୁ, ସମ୍ବିତ ସାହୁ, ନୀଳକଣ୍ଠ ଦ୍ୱିବେଦୀ, ବଳିଆ ସାମଲ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## 'ବୋଷ'ରେ ଏକାଡେମିକ ବ୍ଲକ ଓ ମହିଳା ଛାତ୍ରାବାସର ଭିତ୍ତି ପ୍ରସ୍ତର ସ୍ଥାପନ

 କଟକ, (ନିପ୍ର): ସ୍ଥାନୀୟ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଂଜିନିୟରିଂ (ବୋଷ) ରେ ଏକାଡେମୀ ବ୍ଲକ ବି (ଜି+୪) ଏବଂ ୧୫୦ ଆସନ ବିଶିଷ୍ଟ ମହିଳା ଛାତ୍ରାବାସ (ଜି+୪)ର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହିତ ରିସର୍ଚ୍ଚ ଲ୍ୟାବର ଉଦ୍‌ଘାଟନ କାର୍ଯ୍ୟକ୍ରମ ମଧ୍ୟ ହୋଇଯାଇଛି । ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକାଡେମୀକ ବ୍ଲକ ଓ ମହିଳା ଛାତ୍ରାବାସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ସିଂହ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବୋଷର ପ୍ରିନିସପାଲ ଡ ହୃଷିକେଶ ମହାନ୍ତି ଅନୁଷ୍ଠାନର ପରିବର୍ତ୍ତନ ଓ ଏହାର ଅଗ୍ରଣୀ ଡିଏନଏ ମଡ଼େଲ ଉପରେ ଏକ ଉପସ୍ଥାପନ କରିଥିଲେ । ବୋଷରେ ଉଦୀୟମାନ ପ୍ରଯୁକ୍ତି ବିଦ୍ୟାରେ ଏକ ଉତ୍କର୍ଷ କେନ୍ଦ୍ର (ସିଓଇ) ପ୍ରତିଷ୍ଠା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପୂର୍ଣ୍ଣ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ ।




## ଉତ୍କଳ ଗୌରବଙ୍କ ଜୟନ୍ତୀ ଓ ଜାତୀୟ କବି ବୀରକିଶୋରଙ୍କ ସ୍ମୃତି ଚାରଣ

ଚାରିଛକ, (ନିପ୍ର): ପ୍ରାଚୀ ସାହିତ୍ୟ ସଂସଦ ଓ ଚାରିଛକ ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ଓ ଜାତୀୟକବି ବୀର କିଶୋରଙ୍କ ମହାପ୍ରୟାଣ ଦିବସ ଚାରିଛକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ସୋମବାରଦିନ ପାଳିତ ହୋଇଯାଇଛି । ସାହିତ୍ୟ ସଂସଦର ସଭାପତି ପ୍ରଫେସର ଗୋପୀନାଥ କର,ସଂପାଦକ ଡଃ ସନ୍ତୋଷ କୁମାର ମିତ୍ର,ପ୍ରାଧ୍ୟାପକ ପଂଚାନନ ସାହୁ,କାହ୍ନୁ ଚରଣ ବେହେରା,ବନ ବିହାରୀ ଦାଶ,କୈଳାଶ ଚନ୍ଦ୍ର ତ୍ରିପାଠୀ,କ୍ଷମାନିଧି ତ୍ରିପାଠୀ,ହରିହର ସାହୁ,ପ୍ରମୁଖ ଯୋଗଦେଇଥିଲେ।

## ଦଶ ଦଫାଦାବି ନେଇ ସିପିଆଇ ପକ୍ଷରୁ ଗଞ୍ଜାମ ବ୍ଲକ ଘେରାଉ

ରମ୍ଭା (ନିପ୍ର): କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାରଙ୍କ ନୀତି କାନ୍ତି,ନିୟମ ବହିର୍ଭୁତ, ଦୁଃଖୀ ରଙ୍କିଙ୍କ ଏ ସରକାର ପ୍ରଚାର ପ୍ରସାରରେ ଜୋର ଧରିଥିବା ବେଳେ କାମରେ ଢ଼ିଲା ହୋଇଥିବା ଆନ୍ଦୋଳନରତ କର୍ମୀ ମାନଙ୍କ ଠାରୁ ଗଞ୍ଜାମ ବ୍ଲକ ଘେରାଉ ସମୟରେ ପ୍ରକାଶ କରିଛନ୍ତି। ଅନେକ ଥର ସ୍ମାରକ ପତ୍ର ଦିଆଯାଇଥିଲେ ମଧ୍ୟ ହଁ, ହାଁ, ହି ରେ ସୀମିତ ରହୁଥିବା ଛତ୍ରପୁର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ମତପୋଷଣ କରିଥିଲେ । ପାର୍ଟି ପକ୍ଷରୁ ଫ୍ଲାକାର୍ଡ,ବେନେର,ସ୍ଲୋଗାନ ଶେଷରେ ସମବେତ ହୋଇ ଏକ ଦଶ ଦଫା ଦାବୀ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବି. ଡ଼ି. ଓ ଙ୍କ ମଧ୍ୟମରେ ପ୍ରଦାନ କରିଥିଲେ । ତତ୍‌ସହିତ ଉପରୋକ୍ତ ଦାବୀ ପର୍ଯ୍ୟାୟ କ୍ରମେ ପୂରଣ କରିବା ପାଇଁ ପ୍ରଚେଷ୍ଟା ଜାରୀ ରଖିବି ବୋଲି ସନମତି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ କମ୍ୟୁନିଷ୍ଟ ନେତା ପୂର୍ଣ୍ଣ ରଥ, ଶିକ୍ଷକ ନେତା ନାରାୟଣ ନାୟକ, ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ରମ୍ଭା ଶାଖା ସମ୍ପାଦକ ତଥା ୧୨ ନମ୍ବର କାଉନସିଲର କ୍ଷେତ୍ରମୋହନ ବେହେରା, ଲୋକନାଥ ପାତ୍ର, ଜେ. ଭାସ୍କର ପାତ୍ର, ଚକ୍ରପାଣି ରେଡ୍ଡୀ, ଟୁଲୁ ପାତ୍ର, ମିଲୁ ପାତ୍ର, ସହିତ ପୁଇଁତୋଳା ଶାଖାର ପୂର୍ଣ୍ଣ ପଲେଇ, ବିଦେଶୀ ବେହେରା, ସିମା ତରେଇ ସହିତ ଅନେକ ନେତା କର୍ମୀ ସାମିଲ ହୋଇଥିଲେ।

## ସ୍ୱାଭିମାନ ଓଡ଼ିଶା ପକ୍ଷରୁ ବିକାଶମୂଳକ ଆଲୋଚନାଚକ୍ର

ଆସିକା,(ନିପ୍ର): ସ୍ୱାଭିମାନ ଓଡିଶା ପକ୍ଷରୁ ବିକାଶ ମୂଳକ ଆଲୋଚନାଚକ୍ର ଆସିକାର ହୋଟେଲ ଏଥର ଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଶେରଗଡ଼ ଅଞ୍ଚଳର ଯୁବ ନେତୃତ୍ୱ ଅମ୍ବିକା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ବାଳକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧିକ୍ଷକ ଯନ୍ତ୍ରୀ ଯାମିନୀକାନ୍ତ ଦାସ ଆସିକା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ନେତୃ ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ। ଆସିକା ଅଞ୍ଚଳର ବିକାଶମୂଳକ କାମ ଗୁଡିକ କିଭଳି ତ୍ୱରାନ୍ୱିତ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଗଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବରିଷ୍ଠ ରାଜନେତା ମନୋରଞ୍ଜନ ପଣ୍ଡା ଆଲୋଚନା କରିଥିଲେ। ସ୍ୱାଭିମାନ, ସଂସ୍କୃତି ଓ ବିକାଶର ବାର୍ତ୍ତା ଦେଇଥିଲେ ମୁଖ୍ୟବକ୍ତା ଯାମିନୀକାନ୍ତ ଦାଶ। ଉକ୍ତ ବିକାଶ ମୂଳକ ଆଲୋଚନା ଚକ୍ର ଶ୍ରେଷ୍ଠ ଗଞ୍ଜାମ ଗଠନ ନିମନ୍ତେ ପରିକଳ୍ପନା ହୋଇଥିବା କହିଥିଲେ ସମ୍ମାନିତ ଅତିଥି ସୂର୍ଯ୍ୟକାନ୍ତ ପରିଡା।ଆସିକାରେ ଶିଳ୍ପ ପାଇଁ କ୍ଷେତ୍ର ଅନୁକୂଳ ଥିବାବେଳେ ପ୍ରତିଟି ସରକାରଙ୍କ ଉଦାସୀନତା କାରଣରୁ ବିକାଶ ହେଇପାରିନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ ଉପସ୍ଥିତ ଅତିଥି ଓ ବୁଦ୍ଧିଜୀବୀ।କଳା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଅବଦାନକୁ ନେଇ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଗର୍ବ ଅନୁଭବ କରିଥିବା ବେଳେ କାହିଁକି ଅନେକ କ୍ଷେତ୍ରରେ ପଛୁଆ ବୋଲି ପ୍ରଶ୍ନ କରିବା ସହିତ ଏହାର ଉତ୍ତର ରଖିଥିଲେ ସଂଗଠନ ସମ୍ପାଦକ ବରୁଣ ପାଢ଼ୀ। ଶ୍ରେଷ୍ଠ ଗଞ୍ଜାମ ଅଭିଯାନ ନିମନ୍ତେ ସିଭିଲ ସର୍ଭିସ ପାଠ ପଢିବା ପାଇଁ ମୁକ୍ତରେ ଶିକ୍ଷାଦାନ କରାଇବା ଲକ୍ଷ୍ୟ ରଖାଯାଇଥିବା ନେଇ ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଜେପି ନେତା ଶୁଭେନ୍ଦୁ ପାଢ଼ୀ,ବିଜେପି ନେତା ରାମକୃଷ୍ଣ ପାଢ଼ୀ, ଉଚ୍ଚନ୍ୟାୟାଳୟ ଓକିଲ ମନୋରଞ୍ଜନ ରଥ, ସାନଖେମୁଣ୍ଡି ବିଜେପି ନେତା ଗଦାଧର ସ୍ୱାଇଁ ସୋରଡ଼ା ବିଜେପି ନେତା ସ୍ୱାଧୀନ ପଣ୍ଡା,ରାମକୃଷ୍ଣ ପାଢ଼ୀଙ୍କ ସମେତ ବହୁ ଆଇନଜୀବୀ, ସାମ୍ବାଦିକଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସେଲ ଆରଏସପିର କାର୍ଯ୍ୟକ୍ଷେତ୍ର କାର୍ମିକଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ 'ସାବାସ ପୁରସ୍କାର'

ରାଉରକେଲା : ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକଙ୍କ ଆଲୋଚନା କକ୍ଷରେ ଏପ୍ରେଲ ୨୬ ତାରିଖ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆର ଏସ ପିର ଅକ୍ସିଜେନ ପ୍ଲାଣ୍ଟ, ଜଳ ପରିଚାଳନା ବିଭାଗ ଏବଂ ପରିବେଶ ଇଞ୍ଜିନିୟରିଂର ୪ ଜଣ ଅଧିକାରୀଙ୍କ ସମେତ ୧୨ ଜଣ କର୍ମଚାରୀଙ୍କୁ 'ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଯୋଗିତା ଓ ପରିବେଶ ବିଭାଗର ସି ଜି ଏମ୍ ହୀରାଲାଲ ମହାପାତ୍ର, ଅଧକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅକ୍ସିଜେନ ପ୍ଲାଣ୍ଟର ଜିଏମ୍ ଇନଚାର୍ଜ ଏସ୍ ଏସ୍ ସାଇନି, ଜଳ ପରିଚାଳନା ବିଭାଗର ଜି ଏମ୍ ଇନ ଚାର୍ଜ ଦେବଜିତ ରାଭା ଏବଂ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନଚାର୍ଜ ପି ସି ଦାଶ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ମହାପାତ୍ର ସେମାନଙ୍କ ନିଷ୍ଠା ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହିତ କାରଖାନାର ଉତ୍ପାଦନ, ଉତ୍ପାଦକତା ଏବଂ ବୈଷୟିକ ଅର୍ଥନୈତିକ ପରିମାପକତା ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତଙ୍କୁ ଏଭଳି ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇ ଥିଲେ।

ସମାବେଶରେ ସଂପୃକ୍ତ ତିନୋଟି ବିଭାଗର ବିଭାଗୀୟ ମୁଖ୍ୟମାନେ ମଧ୍ୟ ସମ୍ବୋଧିତ କରିବା ସହିତ ସେମାନଙ୍କ ଦଳର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମର ପ୍ରଶଂସା କରିଥିଲେ। ବର୍ଗ -୨ ରେ ପୁରସ୍କାର ବିଜେତାମାନେ ହେଲେ ପରିବେଶ ଇଞ୍ଜିନିୟରିଂ ବିଭାଗର ଜି ଏମ୍ ଭି ଭି ଆର ମୂର୍ତ୍ତି, ଜଳ ପରିଚାଳନା ବିଭାଗର ଜିଏମ୍ ଅଜିତ ବେହେରା, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଏଜିଏମ୍ ସୁନୀଲ କୁମାର ପାଣିଗ୍ରାହି ଏବଂ ଜଳ ପରିଚାଳନା ବିଭାଗର ଡେପୁଟି ମ୍ୟାନେଜର ଦିଲୀପ କୁମାର ଦଳେଇ।

ବର୍ଗ – ୧ ରେ ପୁରସ୍କୃତ କର୍ମଚାରୀମାନେ ହେଲେ ଜଳ ପରିଚାଳନା ବିଭାଗର ଜୁନିୟର ଇଞ୍ଜିନିୟର ଜୟନ୍ତ କୁମାର ସାହୁ, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜୁନିୟର ଇଞ୍ଜିନିୟର, ଏମ୍ ଡି ମୁମତାଜ ଖାନ, ଗୋବିନ୍ଦ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଏବଂ ନିୟାରଣ ଟପ୍ପୋ। ଏସ ଓ ଏସଟି ସଦାଶିବ ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମଧୁସୂଦନଙ୍କ ନିଷ୍ଠା ଓ ସାଧନା ଯୋଗୁଁ ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହେଲା

ଆସିକା,(ନିପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥି ଆସିକା ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଆସିକା ଓକିଲ ସଂଘର ସଭାପତି ଅଜିତ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ପ୍ରବୀର କୁମାର ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ,ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା,ସରୋଜ କୁମାର ତ୍ରିପାଠୀ, ଲଳିତ ମୋହନ ଦାସ, ଇନ୍ଦ୍ରମୋହନ ସ୍ୱାଇଁ,ପି.ରବି କୁମାର ପାତ୍ର, ଯୁବ ଆଇନଜୀବୀ ସଂସ୍କୃତ କୁମାର ପଣ୍ଡା, ଆସିକା ଓକିଲ ସଂଘର ସମ୍ପାଦକ ନାରାୟଣ ମୁନି, ଉପସଭାପତି ଛବିଳରାମ ମିଶ୍ର,ଯୁଗ୍ମ ସମ୍ପାଦକ ମାନସ ଆଚାର୍ଯ୍ୟ ପ୍ରମୁଖ ପ୍ରଥମେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଉପସ୍ଥିତ ଅତିଥି ମାନେ ଆଇନଜୀବୀ ଦିବସ ପାଳନର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିବା ସହ ତ୍ୟାଗ, ନିଷ୍ଠା ଓ ସାଧନା ଯୋଗୁଁ ଆଜି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀ ଇନ୍ଦ୍ରମୋହନ ସ୍ୱାଇଁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓକିଲସଂଘର ସଦସ୍ୟ ବିଦେଶୀ ନାହାକ, ସନ୍ତୋଷ କୁମାର ମିଶ୍ର, ପି.ଶିବ ଶଙ୍କର ପାତ୍ର, ମହେଶ୍ୱର ବେହେରା, ପ୍ରଭାତ କୁମାର ପାଢ଼ୀ, ଦ୍ୱାରିକା ନାଥ ପରିଡ଼ା, ସରତେନ୍ଦୁ ପଣ୍ଡା, ପୂର୍ଣଚନ୍ଦ୍ର ନାୟକ, ଦେବେନ୍ଦ୍ର ନାଥ ପାଢ଼ୀ, ପି.ଚନ୍ଦ୍ରଶେଖର ପାତ୍ର,ନାରାୟଣ ହୋତା, ପ୍ରିୟଂଶୁ ଶେଖର ପରିଡ଼ା, ଅରୁଣ କୁମାର ପଣ୍ଡା, ଏନ୍,ଯଜ୍ଞେଶ୍ୱର ଆଗରୀ, ଅଜିତ କୁମାର ମୁନି, ସୁଧୀର କୁମାର ତ୍ରିପାଠୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ତାରକସି ଶିଳ୍ପକୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ ଉତ୍କଳ ଗୌରବ

ଚମ୍ପୁଆ,(ନିପ୍ର): ଓଡିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ସ୍ଥାନୀୟ ଧରଣୀଧର ନଗର ଭବନ ଠାରେ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଓଡିଆ ଭାଷା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ତଥା ଭାଷା ପ୍ରେମୀସଂଗ୍ରାମ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏସିଏଫ୍ ଅକ୍ଷୟ ଛତ୍ରିଆ, ଶିକ୍ଷାବିତ୍ ରମାକା' ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ଏନ୍ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ଓ ମୁଖ୍ୟ ବକ୍ତା ଭାବେ ଓଡିଶା ବିଛିନ୍ନାଞ୍ଚଳର ଡ଼ ସତ୍ୟଜିତ ପ୍ରଧାନ ଯୋଗ ଦେଇ ଓଡିଶା ମାଟିର ଗର୍ବ ଗୌରବ କୋଟିକୋଟି ଓଡିଆଙ୍କ ପ୍ରିୟ ମଧୁସୂଦନ ଦାସଙ୍କ ଜୀବନୀ ଓ ରାଷ୍ଟ୍ରବାଦୀ କର୍ତ୍ତବ୍ୟ, ସ୍ୱତନ୍ତ୍ର ଓଡିଶା ଗଠନର ଭୂମିକା, ସ୍ୱାଭିମାନୀ, ସୁଦୁର ପ୍ରସାରି ଚିନ୍ତାଧାରା ଉପରେ ବକ୍ତବ୍ୟ ରଖିଥିଲେ। ୧୯୪୮ ମସିହା ଏପ୍ରିଲ ୨୮ ତାରିଖ କଟକ ଜିଲାରେ ଜନ୍ମ ଗ୍ରହଣ କରିଥିବା ଏହି ମହାନ ପୁରୁଷ ପ୍ରଥମେ ଚାଟଶାଳିରୁ ଶିକ୍ଷା ଆରମ୍ଭ କରି କଲିକତା ବିଶ୍ୱ ବିଦ୍ୟାଳୟର ଓକିଲାତି ଡିଗ୍ରୀ ହାସଲ କରିବା ସହିତ ୨୪ ପର୍ଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଜୀବନ ଆରମ୍ଭ କରିଥିଲେ। ସେହିଦିନ ଠାରୁ ସେ ସମସ୍ତଙ୍କ ନିକଟରେ ମଧୁ ବାରିଷ୍ଟର ଭାବେ ପରିଚିତ। ଓଡିଶାର ବିଛିନ୍ନାଞ୍ଚଳ ଏକତ୍ରିକରଣ ପାଇଁ ଅହରହ ସଂଗ୍ରାମ ଚଳାଇଥିବା ଏହି ମହାନ ପୁରୁଷଙ୍କ ପାଇଁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଜନ୍ମ ନେଇଥିଲା। ପରେ ଏହା ରାଜ୍ୟ ବ୍ୟାପୀ ଆନ୍ଦୋଳନର ରୂପ ନେବା ସହିତ ୧୯୩୬ ମସିହାରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ମିଳିଥିଲା। ମାତ୍ର ଏହି ଶୁଭ ଦିନ ଦେଖିବା ମଧୁ ବାବୁଙ୍କ ଭାଗ୍ୟରେ ନଥିଲା। କଟକର ତାରକସି ଶିଳ୍ପକୁ ବିଶ୍ୱ ଦରବାରରେ ପରିଚିତ କରିଥିବା ଏହି ମଣିଷ ନାରୀ ସଶକ୍ତି କରଣ, ଧର୍ମ ନିରପେକ୍ଷତା ଓ ସାଂପ୍ରଦାୟକ ସଦଭାବନାର ମୁଖ୍ୟ ସମର୍ଥକ ରହିଆସୁଥିଲେ। ମଧୁ ବାବୁଙ୍କ କବିତା ଉତ୍କଳ ସନ୍ତାନ, ଜାତିର ଇତିହାସ ଓ ଜ୍ଞାନିର ଉକ୍ତି ଭଳି ଶକ୍ତିଶାଳି କବିତା ଓଡିଆ ଭାଷାଭାଷୀ ଲୋକଙ୍କୁ ଏକ ସୂତ୍ରରେ ବାନ୍ଧି ପାରିଥିଲା ବୋଲି ଅତିଥିମାନେ ମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର କୁଣ୍ଡୁ ପରିଚାଳନା କରିଥିବା ବେଳେ ସମ୍ପାଦକ ଭକ୍ତବନ୍ଧୁ ପ୍ରଧାନ ସମେତ ପରିଷଦର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିବା ବେଳେ ଭାଷା ସଂଗ୍ରାମୀ ସୁବାସ ଚନ୍ଦ୍ର ବେହେରା, କବି କଳାକର ମହାନ୍ତ ଓ ପୂର୍ବତନ ସୈନିକ ସଂଗଠନକୁ ସମ୍ମାନିତ କରିବା ସହିତ ଏନ୍ଏସିର ସଫେଇ କର୍ମଚାରୀଙ୍କୁ ଦାୟିତ୍ୱ ଓ କର୍ତ୍ତବ୍ୟ ପାଇଁ ନୋଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।




## ଚୌଦ୍ୱାର ମହାବୀର ବଜାରରୁ ଚୋରି

ଟାଙ୍ଗୀ-ଚୌଦ୍ୱାର,(ନି.ପ୍ର.) : ଚୌଦ୍ୱାର ଥାନା ଅନ୍ତର୍ଗତ ମହାବୀର ବଜାରରେ ଥିବା ୨ଟି ଡ୍ରେସ୍ ଦୋକାନର ଆଜବେଷ୍ଟସ୍ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ଟଙ୍କା ଲୁଟ୍ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, ମହାବୀର ବଜାରରେ ଏମ୍.କୁମାରଙ୍କ ସାଇ ଗାରମେଣ୍ଟସ୍ ନାମକ ଏକ ଲୁଗା ଦୋକାନ ଥିବା ବେଳେ ଗତକାଲି ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଘରର ଆଜବେଷ୍ଟସ୍ ଭାଙ୍ଗି ନଗଦ ୧୫ହଜାର ଟଙ୍କା ଲୁଟି ନେଇଥିବା ବେଳେ ତାଙ୍କ ଦୋକାନକୁ ଲାଗି କରି ଥିବା ଆଉ ଏକ ଲୁଗା ଦୋକାନରୁ ମଧ ନଗଦ ୧୩ହଜାର ଟଙ୍କା ସହ କପଡ଼ାପତ୍ର ଲୁଟ୍ କରିନେଇଥିବା ନେଇ



ଏମ୍.କୁମାର ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଖବର ପାଇ ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ମଧୁବାବୁଙ୍କ ଅତୁଳନୀୟ ଭୂମିକା ସମ୍ପର୍କରେ ଆଲୋଚନା

ବୁଗୁଡ଼ା,(ନିପ୍ର): ବୁଗୁଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇ ଯାଇଛି । ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ



ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜେଏମଏଫସି ବିଚାରପତି ପରିଣୀତା ନାୟକ ,ମୁଖ୍ୟବକ୍ତା ଭାବେ ଭଞ୍ଜନଗର କଲେଜ ପ୍ରାକ୍ତନ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଲାଲବାହାଦୁର ପଟ୍ଟନାୟକ ଯୋଗ ଦେଇ ଓଡ଼ିଆ ଜାତିର ଚିର ଅମ୍ଳାନ ପ୍ରତିଭା ସମ୍ପନ୍ନ ସ୍ୱାଭିମାନୀ ମଧୁବାବୁଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅତୁଳନୀୟ ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ। ଏଥିସହ କୋଟି କୋଟି ଓଡିଆଙ୍କ ପ୍ରାଣରେ ଜାତି ପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ପ୍ରଜ୍ୱଳିତ କରିଥିବା ସ୍ୱାଭିମାନୀ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏ ଅବସରରେ କୋର୍ଟ ପରିସରସ୍ଥ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ବରେଣ୍ୟ ଅତିଥି ତ୍ରୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜୀବନ ସଂଗ୍ରାମ ହୋତା ପ୍ରାରମ୍ଭିକ ସଙ୍ଗୀତ ଗାନ, ଆଇନଜୀବୀ ସୀମାଞ୍ଚଳ ନନ୍ଦ ସମ୍ପାଦକ ବିବରଣୀ ପାଠ, ମାନସ ରଞ୍ଜନ ହୋତା ସମାପନ ସଙ୍ଗୀତ ଗାନ ଏବଂ ପରିଶେଷରେ ଓକିଲ ଆର୍ତ୍ତବନ୍ଧୁ ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

## କାଶୀନଗର ବ୍ରାହ୍ମଣ ସମାଜ ବୈଠକ

କାଶୀନଗର,(ନିପ୍ର): ସ୍ଥାନୀୟ ରାଧାକାନ୍ତ ମନ୍ଦିର ପରିସରରେ କାଶୀନଗର ବ୍ରାହ୍ମଣ ସମାଜର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ରଘୁରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ଆନନ୍ଦ ଚନ୍ଦ୍ର ପାତ୍ର ପୂର୍ବ ବୈଠକର ବିବରଣୀ ପାଠ ସହ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ । କୋଷାଧକ୍ଷ ରବି ନାୟକ ଆୟ ବ୍ୟୟର ହିସାବ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ରମାକାନ୍ତ ପାତ୍ର , ମନୋଜ କୁମାର ଚୌଧୁରୀ , ଗୋପୀନାଥ ପାତ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ . ରାଧାକାନ୍ତ ମନ୍ଦିରର ନୂଆ ଗର୍ଭଗୃହ , ମଣ୍ଡପ ଇତ୍ୟାଦି ନିର୍ମାଣ ପାଇଁ ସଦାନନ୍ଦ ନାୟକଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ମତ ପ୍ରକାଶ ପାଇଥିଲା । ଅନୁଷ୍ଠାନର ପଞ୍ଜୀକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ସକାଶେ ବିଚାର ଆଲୋଚନା ହୋଇଥିବା ବେଳେ ବ୍ରାହ୍ମଣ ସମାଜ ପକ୍ଷରୁ କିଛି ସେବାମୂଳକ କାର୍ଯ୍ୟ କରାଯିବା ଉପରେ ବହୁ ସଦସ୍ୟ ଗୁରୁତ୍ୱ ଆରୋପ କରିଥିଲେ ।

ତିଥି : (ତୃତୀୟ) : (ରୋହିଣୀ ବୃଷ)
ଅମୃତବେଳା: ଦିବା ଘ୬।୫୭ ମଧ୍ୟେ ଘ ୧୧।୪୫ ଗତେ

## ଆଜିର ଅନୁଚିନ୍ତନ

ସୂର୍ଯ୍ୟ ଯଥା ପ୍ରକାଶିତ ସମଗ୍ର ଜଗତ
ଆତ୍ମା ମଧ୍ୟ ସର୍ବଦେହ ମଧ୍ୟେ ବିରାଜିତ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ନିଆଁରେ ଚାଲିବା କି ?

ଅଶ୍ଳୀଳତା ହେଉ କି ଯୌନ ସମ୍ବନ୍ଧୀୟ ସାମଗ୍ରୀର ପ୍ରସାରଣ ଅବା ଅଶ୍ଳୀଳ ଫଟୋ, ଭିଡିଓ ପ୍ରଦର୍ଶନ ଏସବୁ ପ୍ରସାରଣରେ ସଂପୃକ୍ତ ଓଟିଟି ପ୍ଲାଟଫର୍ମ ଏବଂ ସାମାଜିକ ଗଣମାଧ୍ୟମଙ୍କ ଆପାତତଃ ଗୋଟିଏ ଲକ୍ଷ୍ୟ ଭୋଗବାଦିତାର ପଣ୍ୟ କାରବାର ଅବାଧରେ ଜାରି ରଖିବା, ଯଦି କିଛି ବାଧା ଆସେ ତାହାକୁ ପ୍ରତିହତ କରିବା ପାଇଁ ନୂଆ ନୂଆ ଫନ୍ଦିଫିକରର ଜାଲ ବସାଇବା। ଆମ ଦେଶର ସୁପ୍ରିମକୋର୍ଟ ନିକଟରେ ଓଟିଟି ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମରେ ଯୌନ ସମ୍ବନ୍ଧୀୟ ସାମଗ୍ରୀ ପ୍ରସାରଣ ଉପରେ ନିୟନ୍ତ୍ରଣ ଅଣାଯାଉ, ଏହା ଆଧାରରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଶୁଣାଣି ସରକାରଙ୍କ ଉପରେ ଏଥିଲାଗି ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏ ସଂକ୍ରାନ୍ତ ଆବେଦନକାରୀ ଜାତୀୟ ସାମଗ୍ରୀ ନିୟନ୍ତ୍ରଣ ପ୍ରାଧିକରଣ ଗଠନ ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ସୁପ୍ରିମକୋର୍ଟଙ୍କ ଠାରେ କରିଥିବା ଆବେଦନ ସମୟୋଚିତ ତଥା ସ୍ୱାଗତଯୋଗ୍ୟ ପଦକ୍ଷେପ। ବର୍ତ୍ତମାନ ପରିପ୍ରେକ୍ଷୀରେ ଆଲୋଚ୍ୟ ସମସ୍ୟା ସଂଗୀନ ସ୍ତରକୁ ଗଲାଣି। କିନ୍ତୁ ମୂଳ ସମସ୍ୟାଟି ହେଉଛି ୱେବ୍ ପରିସରର ବ୍ୟାପକତା ହେତୁ ଏହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ କଠିନ। କାରଣ ଓଟିଟି ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମ ଗୁଡ଼ିକରେ ଆଜିକାଲି ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ଏତେ ମାତ୍ରାରେ ପ୍ରୟୋଗ ହେଲାଣି ଯେ ନାମ ବଦଳାଇ ବଦଳାଇ ନୂଆ ନୂଆ ଅରୁଚିକର ସାମଗ୍ରୀ ବା କଥା ପ୍ରଦର୍ଶନ ଏକ ପ୍ରକାର ଧରାବନ୍ଧା ହେଲାଣି। ସାମାଜିକ ମୂଲ୍ୟବୋଧ ପ୍ରତି ହାନି ଘଟାଉଥିବା ବିଷୟବସ୍ତୁ ପ୍ରସାରଣ ଅବାଧରେ କରାଯାଉଛି। ମନେ ରଖିବାକୁ ହେବ ଯେ ବୋଧଗମ୍ୟ, ସମୟଉପଯୋଗୀ, ଉଚିତ ଭାଷା ଆଧାରିତ ପରିପକ୍ୱ ବିଷୟବସ୍ତୁ ସମାଜକୁ ଆଗକୁ ବଢ଼ିବାରେ ସହାୟତା ବଢ଼ିଥାଏ। ଆଜିକାଲି ନୈତିକ ଅବକ୍ଷୟ ଆଧାରିତ ବିଷୟବସ୍ତୁ ଏତେ ମାତ୍ରାରେ ବ୍ୟାପିଗଲାଣି ଯେ ତାହାର ସୀମା ଆକଳନ କରିହେବ ନାହିଁ। ସୃଜନାତ୍ମକ ସ୍ୱାଧୀନତା ନାଁରେ ଅଶ୍ଳୀଳତା ଆଧାରିତ ବିଭିନ୍ନ ପ୍ରସଙ୍ଗ ଉପରେ ଯଦି ରୋକ୍ ଅଣାନଯାଏ ତେବେ ଏବେ ସାମାଜିକ ଅବକ୍ଷୟ ଯେତିକି ମାତ୍ରାରେ ଘଟିଛି ତାହା ଆଗକୁ ଘରେ ଘରେ ଭସ୍ମାସୁର ସୃଷ୍ଟି କରିବାରେ ବାଟ ଅଚିରେ ଫିଟାଇବ। ଯେଉଁ କଥାକଥିତ କ୍ରିଏଟର ଗ୍ରାହକ ବା ଦେଖଣାହାରୀଙ୍କୁ ଅଧିକରୁ ଅଧିକ ଯୋଗାଡ଼ କରିବା ପ୍ରଚେଷ୍ଟାରେ ଅଛନ୍ତି ସେମାନେ ପ୍ରସିଦ୍ଧି ବହୁ ମାତ୍ରାରେ ପାଇବା ବା ଅହଂର ତୋଷଣ ଅତିମାତ୍ରାରେ କରିବାକୁ ଆଗ୍ରହୀ ଏବଂ ଏ ଦିଗ ଏକ ପ୍ରକାର ଭୟଙ୍କର ପ୍ରତିଯୋଗିତା ସ୍ତରକୁ ପଳାଇଗଲାଣି।

ବୟସର ବର୍ଗ ରହିଛି। ରୁଚିରେ ଭିନ୍ନତା ରହିଛି। ସେଥିରେ ଆବଶ୍ୟକ କଟକଣା ନ ଆଣି ସବୁ ସାହାଣମେଲା କରିଦେବାର ପରିଣତି ସର୍ବତ୍ର ଊଣାଅଧିକେ ପରିଲକ୍ଷିତ ହେଉଛି। ଅଶ୍ଳୀଳ ଭିଡିଓ ଦେଖି ଆମ ରାଜ୍ୟ ଗଂଜାମ ଜିଲ୍ଲାର ଜଣେ ଯୁବକ ୪ବର୍ଷୀୟ ସଂପର୍କୀୟଙ୍କୁ ଧର୍ଷଣ କରିବା ଓ ତାହାକୁ ଲୁଚାଇବାକୁ ଯାଇ ନାରକୀୟ ଭାବରେ ହତ୍ୟା କରିବା ଘଟଣା ସମାଜକୁ କି ପ୍ରକାର ବାର୍ତ୍ତା ଦେଉଛି। ଏହା ଏକ ଭୟଙ୍କର ବିକୃତି ନୁହେଁ କି ? ଏହାର ଉତ୍ସ କେଉଁଠି ? ତାହା ଆଲୋଚ୍ୟ ଘଟଣା ପରିପ୍ରେକ୍ଷୀରେ ସଭ୍ୟ ସମାଜର ଲୋକେ ଚିନ୍ତନ କରିବା ଆବଶ୍ୟକ। ଏହା ନିଃସନ୍ଦେହ ଯେ ଆଜିକାଲି ଅଶ୍ଳୀଳତା ବା ଆଧାରିତ ବିଭିନ୍ନ ବିଷୟର ବିକୃତ ପ୍ରସାରଣରେ ବୟସର ସୀମା ସରହଦ ରହୁ ନ ଥିବା ହେତୁ ନାବାଳକ, କିଶୋର, ଯୁବପିଢ଼ି ବିପଦଗାମୀ ହେଉଛନ୍ତି। ସମାଜକୁ ମାର୍ଜିତ ତଥା ସମାଜକୁ ସଂସ୍କୃତିସମ୍ପନ୍ନ କରିବା ଲାଗି ଆବଶ୍ୟକ ନୈତିକ ମୂଲ୍ୟବୋଧ ମଣିଷ ଭିତରେ ନ ରହିଲେ ତୁଚ୍ଛ ପଣିଆକୁ ସ୍ୱାଗତ କରିବା ସହିତ ସମାନ ହେବ। ତେବେ ସରକାରୀସ୍ତରରେ ଯତ୍ନପୂର୍ବକ ଏହାର ଅନୁଶୀଳନ କରାଯାଇ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯାଉ। ନଚେତ୍ ନିଆଁରେ ଚାଲିବା ହିଁ ସାର ହେବ।

# ଆଦ୍ୟ କୃଷିପର୍ବର ମହକ

## ପୁଷ୍ପମିତ୍ର ମହାପାତ୍ର

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ହେଉଛି 'ଅକ୍ଷୟ ତୃତୀୟା'। ମହାପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏଇ ଦିନରୁ ଆରମ୍ଭ ହୁଏ। ଚନ୍ଦନଯାତ୍ରା ମଧ୍ୟ ଏଇ ଦିନରୁ ଆରମ୍ଭ ହୁଏ। ଏହିସବୁ କାରଣରୁ ଏହିଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ - ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଈଶାଣ କୋଣରେ ପୋତି ହଳ ବୁଲାଏ। ମୁଠା ମୁଠା ବିହନ କିଆରିରେ ବୁଣେ। ଏହା ଅକ୍ଷିମୁଠି। କୃଷକ ନିଜ କିଆରିରେ 'ଅକ୍ଷିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ - 'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ'। ତେଣୁ ଏହାର ନାମ ଅକ୍ଷୟ ତୃତୀୟା।

ଅକ୍ଷୟ ତୃତୀୟା ଏକ ସର୍ବଭାରତୀୟ କୃଷିଭିତ୍ତିକ ମୁଖ୍ୟ ପର୍ବ। ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟ ତୃତୀୟା। ଏହି ଦିବସରେ ସତ୍ୟଯୁଗର ଆରମ୍ଭ ହେବା ସହ ଦେବତାମାନେ ଏହି ଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷି ଶିକ୍ଷା ପ୍ରଦାନ କରିଥିଲେ। ପରମ ବିଷ୍ଣୁଙ୍କର ଷଷ୍ଠ ଅବତାର ଶ୍ରୀପର୍ଶୁରାମଙ୍କର ତଥା ପରମ ବିଷ୍ଣୁଭକ୍ତ ବିଶ୍ୱବିଦିତ ଭକ୍ତଗ୍ରନ୍ଥ ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଉକ୍ତ ଦିବସରେ ପାଳିତ ହୋଇଥାଏ। କଥାରେ ଅଛି ଯେ କୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ। ଉତ୍କଳୀୟଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଥାଏ। ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ। କୃଷକର ବିହନ ମୁଠାକ ମା'ଧରିତ୍ରୀ କୋଳରେ ଅକ୍ଷୟ ଭାବରେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବୀ ପରିବାର ଉକ୍ତ ଦିବସରେ ନିଷ୍ଠାର ସହ ସ୍ୱତନ୍ତ୍ର ଭାବେ ଭୂମି ପୂଜନ କରିଥାନ୍ତି। ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ। ଧାନ ବିହନ ବୁଣିବାର ପ୍ରକୃତ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ।

ଅକ୍ଷୟ ତୃତୀୟା ପର୍ବ ପାଳନର ବିଧି ପର୍ବ ଦିନ ରାତ୍ରରୁ କୃଷକ ଓ କୃଷକ ଗୃହିଣୀ ଉଭୟେ ପବିତ୍ରତା ପାଳନ ପୂର୍ବକ ଅନୁକୂଳ ବେଢ଼ା ଓ ଗୌଣୀକୁ ଧୋଇ ଶୁଖାଇ ପିଠଉ ଚିତାରେ ଚିତ୍ରିତ କରନ୍ତି ଓ ହଳ, ଜୁଆଳିରେ ମଧ୍ୟ ଚିତା ଦିଅନ୍ତି। ସକାଳୁ କୁଆ କା କା କରିବା କ୍ଷଣି କୃଷକ ଶୌଚ ହୋଇ ନୂତନ ଶ୍ୱେତବସ୍ତ୍ର ପରିଧାନ ପୂର୍ବକ ଠେକାଭିଡ଼ି ଇଷ୍ଟ ସ୍ମରଣ କରି ଧାନ ବିହନ ଅଳିଆରୁ ମୁଠି ଅନୁକୂଳ ପାଇଁ ଉଦ୍ଦିଷ୍ଟ ଶ୍ୱେତ ଧାନ ବିହନ ଚିତାଲଗା ଅନୁକୂଳ ବେତାକୁ ଗାଳିଥାଆନ୍ତି। ଧାନବେତା ମଧ୍ୟରେ ଧାନବିହନ ପୂର୍ଣ୍ଣ ଗୌଣୀଟି ରଖି ଏକ ଶ୍ୱତ ବସ୍ତ୍ର ଦ୍ୱାରା ଆବୃତ କରି ମୁଣ୍ଡରେ ମୁଣ୍ଡାଇ ଅନୁକୂଳ କରିବାର ବିଧି ଅଛି। ଏହି ଧାନବେତା ମଧ୍ୟରେ ଚାଷ ଅନୁକୂଳ ପାଇଁ ଏକ ଲଙ୍ଗଳ ଲୁହା, ଏକ ଥାନ ସ୍ୱର୍ଣ୍ଣ ଅଳଙ୍କାର, ଏକ ଥାନ ସିନ୍ଦୂର, ଘୋରା ଚନ୍ଦନ, ଗୋଟାଗୁଆ, ନଡ଼ିଆ, ଶ୍ୱେତପୁଷ୍ପ, ଘିଅଦୀପ, କିଛି କଞ୍ଚା କ୍ଷୀର, ଭୋଗ ସରଞ୍ଜାମ ପୂଜାପାତ୍ରରେ ସଜାଇ ରଖାଯାଏ। କୃଷକ ଗୃହିଣୀର ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ କୃଷକ ସମସ୍ତ ଅନୁକୂଳ ଦ୍ରବ୍ୟ ମୁଣ୍ଡରେ ମୁଣ୍ଡାଇ ହଳବଳଦ ସହ ପୂର୍ବାମୁଖା ହୋଇ ମାହେନ୍ଦ୍ର ବେଳାରେ ମୁଠି ଅନୁକୂଳ ପାଇଁ ନିର୍ଦ୍ଧାରିତ କ୍ଷେତ ଅଭିମୁଖେ ଗମନ କରେ। କ୍ଷେତର ପୂର୍ବ ଦିଗରେ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ରଖି ପାଣିଛିଞ୍ଚି ବସୁଧା ମାତାର ପୂଜନ କରାଯାଏ। ପରେ ପରେ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ପ୍ରଦାନ କରି ନଡ଼ିଆ ଭାଙ୍ଗି ମାଟି ମାଆକୁ ନାରିକେଳ ଜଳ ଓ କଞ୍ଚାକ୍ଷୀର ଅର୍ପଣ କରାଯାଏ। ବସୁଧା ମାତାଙ୍କ ସହ ଅନ୍ନଦାତ୍ରୀ ମା'ଲକ୍ଷ୍ମୀ, ଜଳକ୍ରମାଇନ୍ଦ୍ର ଓ ସୂର୍ଯ୍ୟାଦି ଦଶ ଦିଗପାଳଙ୍କ ଉଦ୍ଦେଶ୍ୟରେ ପୂଜାସ୍ଥାନ ପରି ମାଟିକରି ଐଶାନ୍ୟ କୋଣରେ ୩ ମୁଠା ଅକ୍ଷିମୁଠି ବପନ କରାଯାଏ। ମା'ଙ୍କୁ ପୁନଃ ପ୍ରଣାମ ପୂର୍ବକ କୃଷକ ଗୃହକୁ ପ୍ରତ୍ୟାଗମନ କରେ। ଅକ୍ଷୟ ତୃତୀୟା ଦିବସ ପ୍ରସନ୍ନତା ଓ କୃଷକ ପରିବାର ପାଇଁ ଏକ ପବିତ୍ରତା, ଆଶା-ଆକାଂକ୍ଷାର ପର୍ବ। ଉକ୍ତ ଦିବସ ନୂତନଗୃହ, ମନ୍ଦିର, କୂପ, ଜଳାଶୟାଦି ପ୍ରାରମ୍ଭ, ପ୍ରତିଷ୍ଠାର ଦିନ ତଥା ବିଦ୍ୟାରମ୍ଭ, ବ୍ୟବସାୟ ଆରମ୍ଭ, ବିବାହାଦି ନିର୍ବନ୍ଧ ପାଇଁ ସର୍ବଶ୍ରେଷ୍ଠ ସମୟ।

କଟକ,ମୋ : ୯୪୩୭୨୨୫୬୮୯

# ଅକ୍ଷୟ ତୃତୀୟାର ଅମୃତବେଳା

## ରୀତା ସ୍ୱାଇଁ

"ଅକ୍ଷୟ ତୃତୀୟା ଦିନ ସବୁ ଶୁଭକାର୍ଯ୍ୟ ଅନୁକୂଳ କରାଯାଏ। ସୁଖ, ଶାନ୍ତି, ସମୃଦ୍ଧି ପାଇଁ ଭଗବାନ ତଥା ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରାଯାଏ। ଏହିଦିନ ପୁରାଣଶାସ୍ତ୍ର ଗ୍ରନ୍ଥ ଅନୁସାରେ ଅନେକଗୁଡ଼ିଏ ଶୁଭକର୍ମ ଅନୁଷ୍ଠିତ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ମର୍ତ୍ତ୍ୟମଣ୍ଡଳରେ ଯବ ଶସ୍ୟ ଉତ୍ପାଦନ କରିଥିଲେ ପ୍ରାଣୀ ଓ ଜୀବଜନ୍ତୁମାନଙ୍କର ପରିପାଳନ ନିମିତ୍ତ। ତେଣୁ ଏକ ବିଧି ରହିଛି, ଯିଏ ଅକ୍ଷୟ ତୃତୀୟା ଦିନ ଯବ ଶସ୍ୟରେ ପୁରୁଷୋତ୍ତମ ଶ୍ରୀବିଷ୍ଣୁଙ୍କୁ ପୂଜାର୍ଚ୍ଚନା ସହିତ ବିଭିନ୍ନପ୍ରକାର ପ୍ରାର୍ଥନା କରି ତାଙ୍କୁ ସନ୍ତୁଷ୍ଟ କରିଥାଏ ସେ ଅକ୍ଷୟଫଳ ଲାଭକରେ।

ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ପବିତ୍ର ଅକ୍ଷୟ ତୃତୀୟାର ମାହାତ୍ମ୍ୟ ବେଶ୍ ଉଲ୍ଲେଖଯୋଗ୍ୟ। ରସୋମୟ ତିଥି, ଅମୃତମୟ ଯାତ୍ରା, ଓଡ଼ିଆ ମାଟିର ବାର ମାସର ତେରଯାତ୍ରା ମଧ୍ୟରେ ପ୍ରସିଦ୍ଧ ଯାତ୍ରା, ଅନୁକୂଳ ଯାତ୍ରା, ଅନୁକୂଳ ତିଥି ଅକ୍ଷୟ ତୃତୀୟା। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଅକ୍ଷୟ ତୃତୀୟା ପାଳନ କରାଯାଏ। ଜଗନ୍ନାଥ ମହାପ୍ରଭୁ ଓଡ଼ିଆ ଜାତିର ସର୍ବସ୍ୱ। ଜଗନ୍ନାଥଙ୍କ ବିନା ଓଡ଼ିଆର ପରିଚୟ ନାହିଁ। ଜଗନ୍ନାଥ ମହାପ୍ରଭୁଙ୍କର ଯାତ୍ରା ଭିତରେ ପ୍ରସିଦ୍ଧ ଯାତ୍ରା ଅକ୍ଷୟ ତୃତୀୟା। ଜଗନ୍ନାଥ ମହାପ୍ରଭୁ ମନ୍ଦିର ପ୍ରତିଷ୍ଠା ପରେ ବିରାଜିତ ହେଲେ ରତ୍ନ ସିଂହାସନରେ। ବିକଚ ପଦ୍ମନେତ୍ର ଦର୍ଶନକଲେ ସମସ୍ତେ। ଦୁଃଖୀର ଦୁଃଖ ଦୂର ହେଲା। ଅନ୍ଧକାର ଦୂରୀଭୂତ ହେଲା। ମୃତ୍ୟୁର ଅମୃତପଥ ପାଇଲେ ଲୋକମାନେ। ସାରା ସଂସାରର ସାରଭୂତ ନାଥ ଜଗନ୍ନାଥଙ୍କୁ ଦର୍ଶନ କଲେ। ରାଜା ଇନ୍ଦ୍ରଦ୍ୟୁମ୍ନ, ବ୍ରହ୍ମା, ବିଦ୍ୟାପତି, ବିଶ୍ୱାବସୁ ଏବଂ ଗୁଣ୍ଡିଚା ପଚାରିଲେ ତେବେ ଯାତ୍ରା କ'ଣ ପ୍ରଭୁ? ପ୍ରଭୁ କହିଲେ ମୋର ଯାତ୍ରାମାନଙ୍କ ଭିତରେ ଦ୍ୱାଦଶ ଯାତ୍ରା। ମାସ ବାର, ତିଥି ବାର, ସମୟ ବାର, ଯାତ୍ରା ମଧ୍ୟ ବାର। ୧. ସ୍ନାନଯାତ୍ରା, ୨.ରଥଯାତ୍ରା, ୩. ଶୟନପୂର୍ଣ୍ଣିମା, ୪.ଉତ୍ତରାୟଣ, ୫.ଦକ୍ଷିଣାୟନ, ୬.ପାର୍ଶ୍ୱ ପରିବର୍ତ୍ତନ, ୭.ଉତ୍‌ଥାପନ, ୮.ପ୍ରାବରଣ ଷଷ୍ଠୀ, ୯. ପୁଷ୍ୟାଭିଷେକ, ୧୦.ଦୋଳଯାତ୍ରା, ୧୧. ଦମନକ ଯାତ୍ରା, ୧୨. ଚନ୍ଦନଯାତ୍ରା ବା ଅକ୍ଷୟ ତୃତୀୟା।

**ଚନ୍ଦନଯାତ୍ରା:** ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାର ବ୍ୟବସ୍ଥା ମଧ୍ୟରେ ଅନ୍ତିମ ତଥା ଶେଷ ଯାତ୍ରା ହେଉଛି ଚନ୍ଦନଯାତ୍ରା। ଜଗନ୍ନାଥ ମହାପ୍ରଭୁଙ୍କର ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭହୋଇ ୪୨ଦିନ ତଥା ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ବା ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଶେଷ ହୋଇଥାଏ। ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ଧରି ଉପରବେଳା ଶ୍ରୀଜୀଉମାନେ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଥାନ୍ତି। ପରବର୍ତ୍ତୀ ୨୧ଦିନ ଏହା ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀଦେବୀ ବା ଲକ୍ଷ୍ମୀ ଏବଂ ଭୂଦେବୀ ବା ବିଶ୍ୱଧାତ୍ରୀ ବା ସରସ୍ୱତୀଙ୍କ ସହିତ ପଞ୍ଚପାଣ୍ଡବ ବା ପଞ୍ଚମହାଦେବଙ୍କ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ନାମକ ଦୁଇଟି ଚାପରେ ଚାପ ଖେଳର ଶୁଭ ଅନୁକୂଳ ହୋଇଥାଏ ଏହି ପବିତ୍ର ଅକ୍ଷୟ ତୃତୀୟା ଲଗ୍ନରେ। ପ୍ରଥମ ୨୧ଦିବସର ଶେଷ ଦିନ ଅର୍ଥାତ୍ ଭଉଁରୀଯାତ୍ରା ଦିନ ରଥ ଅଖରେ ଚକ ଲାଗେ। ଓଡ଼ିଶାର ପୁରପଲ୍ଲୀରେ ସବୁ ଦେବାଦେବୀଙ୍କର ଚନ୍ଦନଯାତ୍ରା ଏହି ଅକ୍ଷୟ ତୃତୀୟାଠାରୁ ଆରମ୍ଭହୋଇ ୨୧ଦିନ ପର୍ଯ୍ୟନ୍ତ ପାଳନ କରାଯାଏ। ସାଧାରଣ ମଣିଷ ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇଁ ଯେପରି ଏ.ସି., କୁଲର, ଫ୍ୟାନ୍ ଆଦିର ବ୍ୟବସ୍ଥା କରିଥାନ୍ତି ସେହିପରି ପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ପ୍ରଲେପ ଦିଆଯାଏ। ପୌରାଣିକମତେ ସତ୍ୟଯୁଗରେ ନୃସିଂହଦେବ ଏହି ଯାତ୍ରାର ଆୟୋଜନ କରିଥିଲେ।

**ରଥ ନିର୍ମାଣ :** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚାଯାତ୍ରା ନିମନ୍ତେ ବସନ୍ତ ପଞ୍ଚମୀରେ ଯେଉଁ ରଥ କାଠ ଅନୁକୂଳ ହୋଇଥାଏ, ଶ୍ରୀରାମନବମୀରେ ଯେଉଁ ରଥକାଠ ଚିରାଯାଇଥାଏ, ପବିତ୍ର ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣର ଶୁଭାରମ୍ଭ ହୋଇଥାଏ। ସେହିଦିନ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କର ଶ୍ରୀଅଙ୍ଗରୁ ଆଜ୍ଞାମାଳ ସହିତ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାଡ଼ରୁ ମଧ୍ୟ ଆଜ୍ଞାମାଳ ଆସେ। ଘଣ୍ଟ, ଘଣ୍ଟା, କାହାଳୀ ଶୋଭାଯାତ୍ରା ସହିତ ତିନି ପୂଜାପଣ୍ଡା ମହାପ୍ରଭୁଙ୍କର ସେହି ଆଜ୍ଞାମାଳ ନେଇ ଶ୍ରୀମନ୍ଦିର ଦେଉଳ ପୁରୋହିତ ଓ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ସହିତ ରଥଖଳାକୁ ଯାଆନ୍ତି ଏବଂ ସେଠାରେ ସ୍ତୋତ୍ର ପାଠ ସହିତ ମହାପ୍ରଭୁଙ୍କୁ ଆରାଧନା କରନ୍ତି। ସେତେବେଳେ ମଧ୍ୟ ଚନ୍ଦନ ଠାକୁରମାନେ ଉପସ୍ଥିତ ରହିଥାନ୍ତି, ଯିଏ ପୂଜାପଣ୍ଡାଙ୍କ ଆଜ୍ଞାମାଳ ସହିତ ପଟୁଆରରେ ଯାଇଥାନ୍ତି। ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚୁପାଣ୍ଡବ ବା ପଞ୍ଚମହାଦେବ ମଧ୍ୟ ସେହି ସମୟରେ ରଥଖଳାରେ ଉପସ୍ଥିତ ରହିଥାନ୍ତି। ରୂପକାର, ଚିତ୍ରକର, କମାର, ଅମୀନ ଓ ସେବକ ପ୍ରମୁଖଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢ଼ିବନ୍ଧା ନୀତି ପାଳିତ ହୁଏ। ମହାକାଳୀ ମନ୍ତ୍ରରେ ପୂଜିତ ତନ୍ତ୍ରବିଧିରେ ତିନୋଟି ଧଉରା ଗଛର ଗଣ୍ଡିରେ କୁରାଢ଼ିକୁ ସ୍ପର୍ଶ କରାଯାଇ ବିଧିବଦ୍ଧଭାବେ ରଥନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୁଏ।

**ଅକ୍ଷିମୁଠି :** ଆମ ଓଡ଼ିଶା ହେଉଛି ଏକ



କୃଷିପ୍ରଧାନ ରାଜ୍ୟ। କୃଷି ହେଉଛି କୃଷକର ପରିଚୟ। ତେଣୁ ସରକାରୀ ସ୍ତରରେ ଅକ୍ଷୟ ତୃତୀୟା ଦିବସଟିକୁ କୃଷକ ଦିବସ ରୂପେ ପାଳନ କରାଯାଏ। ଏହି ଦିନଟି ସକାଳ ସୂର୍ଯ୍ୟ ଉଦୟଠାରୁ ଆରମ୍ଭକରି ତା' ପରଦିନ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଅତ୍ୟନ୍ତ ଶୁଭ ହୋଇଥାଏ। ଏହିଦିନ ବିବାହ, ବ୍ରତ, ଗୃହପ୍ରବେଶ ଓ ଗୃହନିର୍ମାଣ ଆଦି କାର୍ଯ୍ୟ କରାଯାଏ। ଧନସମ୍ପତ୍ତି, ସୁଖ-ସମୃଦ୍ଧି ଅକ୍ଷୟ ରହିବା ପାଇଁ ଘରେ ଘରେ ଏହିଦିନ ପୂଜାର୍ଚ୍ଚନା କରାଯାଏ। ସ୍ନାନ, ଦାନ, ଜପ, ତପ, ଶ୍ରାଦ୍ଧ, ଅନ୍ନ, ଜଳ, ଜୋତା, ଚପଲ, ଛତା ଆଦି ଉକ୍ତଦିନ ଦାନ କଲେ ବହୁତ ପୁଣ୍ୟଫଳ ମିଳିଥାଏ। ଓଡ଼ିଶାରେ ଏହି ପବିତ୍ର ଦିନଠାରୁ ଆରମ୍ଭ ହୁଏ ଖରିଫ୍ ଫସଲ। ଏହିଦିନ ମାଟି ମାଆଙ୍କୁ ପୂଜାକରି କୃଷକମାନେ କ୍ଷେତରେ ଅଖିମୁଠି ଅନୁକୂଳ କରିଥାନ୍ତି। କୃଷକମାନେ ହଳଦୀ, ଚନ୍ଦନ ଓ ସିନ୍ଦୂରବୋଳା ଧାନ ବିହନର ଗଉଣୀ ସହିତ ପିଠା ଓ ବିଭିନ୍ନ ଭୋଗସାମଗ୍ରୀ ଧରି କ୍ଷେତକୁ ଯାଆନ୍ତି। ମାଆ ବିଶ୍ୱଧାତ୍ରୀ ପୃଥିବୀ ଏବଂ ମାଆ ମହାଲକ୍ଷ୍ମୀ ବା ଅନ୍ନପୂର୍ଣ୍ଣା ତଥା ଅନ୍ୟ ଦେବଗଣଙ୍କ ଉଦ୍ଦେଶ୍ୟରେ ଜମିର ଐଶାନ୍ୟ କୋଣ ବା ଉତ୍ତର-ପୂର୍ବ କୋଣରେ ଭୋଗଗୁଡ଼ିକୁ ସମର୍ପଣ କରିସାରିବା ପରେ ଏକ ଗାତ ଖୋଳି ପୋତିଦିଅନ୍ତି ଏବଂ ଏହି ଅକ୍ଷୟ ତୃତୀୟାର ଅମୃତବେଳାରେ ପ୍ରଥମେ ସେ ତାଙ୍କର କ୍ଷେତରେ ହଳ ବୁଲାଇଥାନ୍ତି। ମୁଠା ମୁଠା ସେହି ଧାନ ବିହନ ଯାହାକୁ ଅଖିମୁଠି ବା ଅକ୍ଷୟମୁଠି ବୋଲି କହନ୍ତି ସେହି ଅଖି ମୁଠିଭରା ଧାନ ବିହନକୁ ଗଉଣୀରୁ କାଢ଼ି ବିଲର ପ୍ରତ୍ୟେକଟି ଜାଗାରେ ପକାଇଥାନ୍ତି। ତାହାକୁ ଅଖିମୁଠି ବା ଅକ୍ଷୟମୁଠି ଅନୁକୂଳ ବୋଲି କୁହାଯାଏ। ବିଶ୍ୱାସ ରହିଛି, ଏହିଦିନ ଯିଏ ଅଖିମୁଠି ଅନୁକୂଳ କରି ଧାନକ୍ଷେତରେ ଚାଷ କରିଥାନ୍ତି ବର୍ଷସାରା ତାଙ୍କର ଧନସମ୍ପଦର ଅଭାବ ରହେନାହିଁ ଏବଂ ଧାନ ପ୍ରଚୁର ପରିମାଣରେ ଫଳିଥାଏ।

**ଐତିହାସିକ ଘଟଣା :** ଅକ୍ଷୟ ତୃତୀୟା ଦିନ ସବୁ ଶୁଭକାର୍ଯ୍ୟ ଅନୁକୂଳ କରାଯାଏ। ସୁଖ, ଶାନ୍ତି, ସମୃଦ୍ଧି ପାଇଁ ଭଗବାନ ତଥା ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରାଯାଏ। ଏହିଦିନ ପୁରାଣଶାସ୍ତ୍ର ଗ୍ରନ୍ଥ ଅନୁସାରେ ଅନେକ ଶୁଭକର୍ମ ଅନୁଷ୍ଠିତ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ମର୍ତ୍ତ୍ୟମଣ୍ଡଳରେ ଯବ ଶସ୍ୟ ଉତ୍ପାଦନ କରିଥିଲେ ପ୍ରାଣୀ ଓ ଜୀବଜନ୍ତୁମାନଙ୍କର ପରିପାଳନ ନିମିତ୍ତ। ତେଣୁ ଏକ ବିଧି ରହିଛି, ଯିଏ ଅକ୍ଷୟ ତୃତୀୟା ଦିନ ଯବ ଶସ୍ୟରେ ପୁରୁଷୋତ୍ତମ ଶ୍ରୀବିଷ୍ଣୁଙ୍କୁ ପୂଜାର୍ଚ୍ଚନା ସହିତ ବିଭିନ୍ନପ୍ରକାର ପ୍ରାର୍ଥନା କରି ତାଙ୍କୁ ସନ୍ତୁଷ୍ଟ କରିଥାଏ ସେ ଅକ୍ଷୟଫଳ ଲାଭକରେ। ଏହିଦିନ ମଧ୍ୟ ପତିତପାବନୀ ଗଙ୍ଗା ଯିଏ ଭାଗିରଥୀ ନାମରେ ନାମିତ, ସିଏ ପୁରୁଷୋତ୍ତମ ଭଗବାନଙ୍କର ନଖକୋଣରୁ ଆସି ଶିବଙ୍କର ଜଟାଦେଇ ପ୍ରଥମେ ଭଗୀରଥଙ୍କ ତପସ୍ୟା ବଳରେ ଆସିଥିଲେ ଶଗରରାଜାର ବଂଶକୁ ଉଦ୍ଧାର କରିବା ପାଇଁ, ଏହି ମର୍ତ୍ତ୍ୟପୃଷ୍ଠରେ ପତିତପାବନୀ ଗଙ୍ଗାଙ୍କର ଆବିର୍ଭାବ ହୋଇଥିଲା। ଆହୁରି ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଏହିଦିନ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ, ଯେଉଁ ଅକ୍ଷୟ ପାତ୍ର ଦ୍ୱାରା ସେ ମୁନି ଦୁର୍ବାସା ଏବଂ ତାଙ୍କର ସମସ୍ତ ଶିଷ୍ୟମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ। ଗୋଟିଏ କ୍ଷୁଦ୍ର ଅନ୍ନକଣିକା ରହିଯାଇଥିଲା ସେହି ଅନ୍ନକଣିକାକୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ସେ ସମର୍ପଣ କରିଛନ୍ତି ସେତେବେଳେ ମୁନି ଦୁର୍ବାସା ଏବଂ ତାଙ୍କର ସମସ୍ତ ଶିଷ୍ୟମଣ୍ଡଳୀଙ୍କର କ୍ଷୁଧା ମେଣ୍ଟିଯାଇଥିଲା। ଏହା ହେଉଛି ସେହି ଅକ୍ଷୟ ପାତ୍ରର ରହସ୍ୟ ଏବଂ ମାହାତ୍ମ୍ୟ। ଆହୁରି କୁହାଯାଏ, ଏହିଦିନ ସୁଦାମା ନିଜର ବାଲ୍ୟବନ୍ଧୁ ଶ୍ରୀକୃଷ୍ଣଙ୍କୁ ଦ୍ୱାରକାରେ ଭେଟିଥିଲେ ଏବଂ ଅମାପ ଧନସମ୍ପତ୍ତିର ଅଧିକାରୀ ହୋଇଥିଲେ। ଉକ୍ତଦିନ ପରଂବ୍ରହ୍ମଙ୍କର ଷଷ୍ଠ ଅବତାର ପର୍ଶୁରାମଙ୍କର ମର୍ତ୍ତ୍ୟମଣ୍ଡଳରେ ଆବିର୍ଭାବ ହୋଇଥିଲା। ଭଗବାନ ପର୍ଶୁରାମ ମହର୍ଷି ଯମଦଗ୍ନି ଓ ମାତା ରେଣୁକାଦେବୀଙ୍କ ପୁତ୍ର ଥିଲେ। ଭଗବାନ ପର୍ଶୁରାମ ଅକ୍ଷୟ ଓ ଅମର ଅଟନ୍ତି। ଏହି କାରଣରୁ ଅକ୍ଷୟ ତୃତୀୟା ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରିବା ସହିତ ଭଗବାନ ପର୍ଶୁରାମଙ୍କ ପୂଜା କରିବାର ମଧ୍ୟ ବିଧାନ ରହିଛି। ଏହିଦିନ ସତ୍ୟ ଯୁଗ ଓ ତ୍ରେତୟା ଯୁଗର ପ୍ରାରମ୍ଭ ହୋଇଥିଲା। ମହର୍ଷି ବେଦବ୍ୟାସ ମହାଭାରତ ଗ୍ରନ୍ଥର ରଚନା ମଧ୍ୟ ଉକ୍ତଦିନ ପ୍ରାରମ୍ଭ କରିଥିଲେ। ମହାକବି ଜୟଦେବ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୀତଗୋବିନ୍ଦ ରଚନା ଏହିଦିନ ଆରମ୍ଭ କରିଥିଲେ। ସେହି ସ୍ମୃତିକୁ ନେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଗୀତଗୋବିନ୍ଦ ଖଣ୍ଡୁଆ ଧାରଣ କରିଥାନ୍ତି। ଭକ୍ତକବି ଜୟଦେବଙ୍କ ଜନ୍ମତିଥି ମଧ୍ୟ ଅକ୍ଷୟ ତୃତୀୟା। ଧନସମ୍ପଦର ଦେବତା ଭଗବାନ କୁବେର ଏହିଦିନ ସମସ୍ତ ଧନସମ୍ପଦ, ଗୋପଲକ୍ଷ୍ମୀ ପ୍ରାପ୍ତ ହୋଇଥିଲେ। ଉକ୍ତଦିନ ମଧ୍ୟ ବଦ୍ରିନାଥ ଧାମ ଏବଂ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିର ବର୍ଷକରେ ଥରଟିଏ ଖୋଲାଯିବାର ବିଧି ରହିଛି ଏବଂ ଅକ୍ଷୟତୃତୀୟ ପରଠାରୁ ୬ମାସ ପର୍ଯ୍ୟନ୍ତ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିର ଖୋଲାଯାଏ। ଏହିଦିନ ଗୃହିଣୀମାନେ ଷଠୀ ବା ଷଷ୍ଠୀଦେବୀଙ୍କର ପୂଜାର୍ଚ୍ଚନା ମଧ୍ୟ କରିଥାନ୍ତି।

ଖଜୁରା, କସର୍ଦା, କଟକ

# ପ୍ରକୃତି କୋଳରେ ସବୁଜ ହୀରା

## କିଶୋର ଚନ୍ଦ୍ର ବେହେରା

"୨୦,୫୦୨ ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡ଼ା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡ଼ା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡ଼ିବିଟି) ମାଧ୍ୟମରେ ପ୍ରଦାନ କରାଯାଉଅଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ "ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି" ମାଧ୍ୟମରେ ୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଅଛି। ରାଜ୍ୟରେ କେନ୍ଦୁପତ୍ରର ଚାହିଦା ଏବଂ ଆବଶ୍ୟକତା ରହିଥିବାରୁ ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟ ବାହାରକୁ ମଧ୍ୟ ଏହାର ରପ୍ତାନି ରହିଛି। ଆଦିବାସୀଙ୍କ ପାଇଁ ଜୀବିକା ଉତ୍ସ ଥିବା କେନ୍ଦୁପତ୍ର ବିକାଳିଙ୍କ କେନ୍ଦୁପତ୍ର ବିକିବା ସମସ୍ୟା ଦୂର ହେବା ସହ ଗ୍ରାମସଭା ସଂଗଠନ ମାଧ୍ୟମରେ ଲୋକେ ଏବେ ସହଜରେ କେନ୍ଦୁପତ୍ର ବିକିବା ସହ ଭଲ ରୋଜଗାର କରିପାରୁଛନ୍ତି।

ରତ୍ନ ଭିତରେ ହୀରା ହେଉଛି ଶ୍ରେଷ୍ଠ। ହୀରା ଏକ ଅତୁଳନୀୟ ରତ୍ନପଥର। ଏହା ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବା ବେଳେ ଏହାର ସହୋଦର ଗ୍ରାଫାଇଟ୍ ଓ କୋଇଲାର ମୂଲ୍ୟ ନଗଣ୍ୟ। ଏସବୁ କାର୍ବନ ବା ଅଙ୍ଗାରକର ପରିବର୍ତ୍ତିତ ରୂପ। ଖଣି ଭିତରେ ଅତ୍ୟଧିକ ଚାପ ଓ ତାପ ପାଇ କୋଇଲା ହିଁ ହୀରାରେ ପରିଣତ ହୁଏ। କଠିନତା, ଔଜ୍ଜ୍ୱଲ୍ୟ ଓ ଚମକ ହିଁ ହୀରାକୁ ଅତୁଳନୀୟ ରତ୍ନରେ ପରିଣତ କରିଥାଏ। ପୃଥିବୀ ପ୍ରାକୃତିକ ହୀରା ତିଆରି କରେ। ମଣିଷ କୃତ୍ରିମ ହୀରା ତିଆରି କରେ କିନ୍ତୁ ସବୁଜ ହୀରା ସର୍ବଦା ପ୍ରକୃତର ବରଦାନ। ବନବାସୀମାନଙ୍କ ଆୟ ଉପାର୍ଜନରେ କେନ୍ଦୁପତ୍ରର ଯୋଗଦାନ ଅଧିକ। ଖାସ୍ ଏଇଥିପାଇଁ କେନ୍ଦୁପତ୍ରକୁ ଲୋକେ 'ସବୁଜ ହୀରା' କହିଥାନ୍ତି। ଏହି ପତ୍ରର ସଂଗ୍ରହ ଓ ପ୍ରକ୍ରିୟାକରଣ କାର୍ଯ୍ୟରେ ଦେଶର ୧୫ ଲକ୍ଷ ପରିବାର ଜଡ଼ିତ ଥିବାବେଳେ ଆମ ରାଜ୍ୟର ବଲାଙ୍ଗୀର, କଳାହାଣ୍ଡି, ଦେବଗଡ଼, କନ୍ଧମାଳ, ନୂଆପଡ଼ା ଆଦି ଜିଲ୍ଲାରେ ଲକ୍ଷାଧିକ ଲୋକଙ୍କ ଜୀବନ ଓ ଜୀବିକା କ୍ଷେତ୍ରରେ କେନ୍ଦୁପତ୍ରର ଯଥେଷ୍ଟ ଗୁରୁତ୍ୱ ରହିଛି। ଦେଶରେ ହେଉଥିବା ମୋଟ କେନ୍ଦୁପତ୍ର ଉତ୍ପାଦନ ମଧ୍ୟରୁ ୫୮ ପ୍ରତିଶତ ମଧ୍ୟପ୍ରଦେଶରୁ ସଂଗ୍ରହ ହେଉଥିବା ବେଳେ ଓଡ଼ିଶାରୁ ୧୨ ରୁ ୧୪ ପ୍ରତିଶତ ପତ୍ର ସଂଗ୍ରହ ହୋଇଥାଏ। ଛତିଶଗଡ଼ ଏବଂ ମହାରାଷ୍ଟ୍ରରୁ ମଧ୍ୟ ବେଶ୍ କିଛି ଆଖିଦୃଶିଆ ପରିମାଣର କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ବନବାସୀମାନେ ସଂଗ୍ରହ କରୁଥିବା ସମସ୍ତ ବନଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରୁ କେନ୍ଦୁପତ୍ରରୁ ଅଧିକ ଲାଭ ମିଳିଥାଏ। କୋଟି କୋଟି ଟଙ୍କାର ରାଜସ୍ୱ କେନ୍ଦୁପତ୍ରରୁ ମିଳୁଥିବା ଦୃଷ୍ଟିରୁ ଓଡ଼ିଶା ସରକାର କେନ୍ଦୁପତ୍ର ଉପରେ ଲୋକଙ୍କୁ ସଂଗ୍ରହ, ଗଚ୍ଛିତ ପ୍ରକ୍ରିୟା ଓ ବିକ୍ରି ପାଇଁ କୌଣସି ଅଧିକାର ପ୍ରଦାନ କରିନାହାନ୍ତି। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ୨୦ଟି କେନ୍ଦୁପତ୍ରର ଦର ୨ ରୁ ୪ ଟଙ୍କା ଯାଏଁ ଥିଲାବେଳେ ଓଡ଼ିଶା ସରକାର ୨୦ଟି ପତ୍ରକୁ ମାତ୍ର ୧ଟଙ୍କା ୬୦ ପଇସା ଦରରେ କିଣୁଛନ୍ତି। ପତ୍ରତୋଳାଳିଙ୍କ ପାଇଁ ରାଜ୍ୟ ସରକାର ଯେଉଁ ବୀମା ଯୋଜନା, ଛାତ୍ର ବୃତ୍ତି ଯୋଜନା, ଜୋତା, କମ୍ବଳ, ପାଣି ବୋତଲ ସହାୟତା ଦେଉଛନ୍ତି ତାହା ପତ୍ର ତୋଳୁଥିବା ସବୁ ପରିବାର ପାଇନାହାନ୍ତି। ତେଣୁ ପତ୍ରତୋଳାଳିମାନେ ସରକାରଙ୍କୁ ନ ବିକି ଘରୋଇ କମ୍ପାନି ଓ ବ୍ୟବସାୟିକ ବିକ୍ରି କରିବାକୁ ପସନ୍ଦ କରିଥାନ୍ତି।

ଦେଶ ସ୍ୱାଧୀନତାର ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ଅର୍ଥାତ ୧୯୭୩ ମସିହା ପୂର୍ବରୁ କେନ୍ଦୁପତ୍ର ତୋଳା ସହିତ ଏହାର ବେପାର ଭାର ଘରୋଇ ସଂସ୍ଥାମାନଙ୍କ ଉପରେ ଆମ ରାଜ୍ୟ ସରକାର ଠିକାଭାବରେ ନ୍ୟସ୍ତ କରିଥିଲେ। ଏହାର ଯେଉଁ ଲାଭ ଆସୁଥିଲା, ତାହା ଘରୋଇ କମ୍ପାନୀମାନେ ନେଉଥିଲେ। ରାଜ୍ୟ ସରକାରଙ୍କୁ ଏଥିରୁ କିଛି ମିଳୁ ନଥିଲା। ଶ୍ରୀମତୀ ନନ୍ଦିନୀ ଶତପଥିଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୧୯୭୪ମସିହାରେ କେନ୍ଦୁପତ୍ର ଜାତୀୟକରଣ ହେଲା ଓ ସରକାର ପ୍ରତ୍ୟକ୍ଷ ଭାବରେ ଏହାର ସମସ୍ତ ପ୍ରକାର କାର୍ଯ୍ୟ କେନ୍ଦୁପତ୍ର ବିଭାଗ ମାଧ୍ୟମରେ ସମ୍ପାଦନ କଲେ। ଏହାର ଲାଭାଂଶ ସରକାରଙ୍କ ନିକଟକୁ ଆସିଲା। ସେବେଠାରୁ କେନ୍ଦୁପତ୍ର ଓ ତୋଳାଳିଙ୍କୁ ମିଳିଲା ନୂଆ ପରିଚୟ। ରାଇଜ ସାରା ହୁରି ପଡୁଥାଏ 'ନନ୍ଦିନୀ ନାନୀ ବଡ ଚତୁରୀ, ଚାଉଳ କିଲୋ ଟଙ୍କେ ସତୁରି' ସେଇ ନନ୍ଦିନୀ ଶତପଥୀ କେନ୍ଦୁ ନିଗମ ଗଠନକରି କେନ୍ଦୁପତ୍ର ତୋଳାଳି ପରିବାରଙ୍କ ପାଇଁ ନାନା ପ୍ରକାର ଯୋଜନା ପ୍ରଣୟନ କରିଥିଲେ। ଗାଆଁ ଭୂଇଁ ସବୁ ଖୁସିରେ ତାଙ୍କ ଗୁଣ ଗାନ କରୁଥିଲେ। ଖାଲି ତେଲ ଲୁଣ ଯୋଗାଡ ପାଇଁ ପରିବାର ସଦସ୍ୟ ବାହାରି ପଡ଼ନ୍ତି ଜଙ୍ଗଲକୁ ପତର ତୋଳିବା ପାଇଁ। ଘର ଚଳେଇବାରେ କିଛି ଅଭାବ ଅସୁବିଧା ହେଉ ନ ଥିଲା। ଏପରିକି ସାହି ଭାଇ ବି ଋଣକରଜ ନିଅନ୍ତି ତାଙ୍କ ଘରୁ। ଯୋଗୀ ଭିକାରୀ କେବେ ଖାଲି ହାତରେ ଫେରିନ୍ତି ନାହିଁ। କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ ଭୋରରୁ ଉଠି ୮ ରୁ ୧୦ କି.ମି. ଯିବାକୁ ପଡୁଛି। ଘରକୁ ଫେରିବା ବେଳକୁ ୧୨ଟା ସମୟ ହୋଇଯାଉଛି। ପୁଣି ପତ୍ର ସବୁକୁ ଛାଟି ବିଡ଼ା ବାନ୍ଧି ଫଡ଼ିକୁ ଆଣିଲେ ସନ୍ଧ୍ୟା ହେଉଛି। ପରିଶ୍ରମ ଅନୁସାରେ ସରକାର ପ୍ରାପ୍ୟ କମ୍ ହେଉଥିବାର ଅନେକ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଯଦି ଏଥିପ୍ରତି ଧ୍ୟାନ ଦେଇ ପତ୍ର ତୋଳାଳିଙ୍କ ମଜୁରୀ ବୃଦ୍ଧି କଲେ ରାଜ୍ୟର ରାଜସ୍ୱ ବୃଦ୍ଧି ହେବା ସହ ଅନେକ ପରିବାର ଜୀବନ ଜୀବିକାରେ ସ୍ୱଚ୍ଛଳ ଆସିପାରିବ।

ଆମ ରାଜ୍ୟ ଓଡିଶାରେ କେନ୍ଦୁପତ୍ର ଉପରେ ବହୁତ ଗରିବ ଶ୍ରେଣୀର ଲୋକ ନିର୍ଭର କରି ରୋଜଗାର କରୁଛନ୍ତି। ଏଥିରେ ପ୍ରାୟ ୮ଲକ୍ଷ କାର୍ଡଧାରୀ କେନ୍ଦୁପତ୍ର ତୋଳାଳି ଭାବେ କାମ କରୁଥିବା ବେଳେ କାର୍ଡଧାରୀ ଓ ଅଣକାର୍ଡଧାରୀ ତୋଳାଳିଙ୍କ ସଂଖ୍ୟା ୧୫ ଲକ୍ଷ ଅଟେ। ଏହାସହ ୧୮ ହଜାର ସିଜନାଲ କର୍ମଚାରୀ, ୨୦ହଜାର ବନ୍ଧେଇ ଶ୍ରମିକ କାମ କରୁଛନ୍ତି। ତେବେ ବର୍ତ୍ତମାନ ଏହି କର୍ମଚାରୀମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ନୀତି ତଥା କେନ୍ଦୁ ପତ୍ର ଉପରେ ୧୮% ଜିଏସଟି ଲାଗିବା ପରେ ଏବେ ସମସ୍ୟା ବଢ଼ି ଯାଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କେନ୍ଦୁପତ୍ରରେ ଜିଏସଟି ଯେଉଁ ଦିନଠୁଁ ଲାଗିଲା, ତାସହ ଜଳବାୟୁ ପରିବର୍ତ୍ତନ, କାରଖାନା ଇତ୍ୟାଦି ଯେତେବେଳେ ଗଢି ଉଠିଲା କେନ୍ଦୁପତ୍ରର ଉତ୍ପାଦନ ଓ ସଂଗ୍ରହ କମିଗଲା। ଏହା ସହ ଜିଏସଟି ଯୋଗୁଁ ଓ ଅନ୍ୟାନ୍ୟ କାରଣ ଯୋଗୁଁ ବିକ୍ରି ମୂଲ୍ୟ ବି କମିଗଲା। କେନ୍ଦୁପତ୍ର ହିତାଧିକାରୀମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର, ୨୦୨୪ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ୮,୫୯,୪୪୯ ଜଣ କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ଶତକଡ଼ା ୨୫ ହାରରେ ୫୨.୬୩ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିବାପାଇଁ ଘୋଷଣା କରିଥିଲେ। ୮,୫୯,୪୪୯ ଜଣ ତୋଳାଳିଙ୍କ ମଧ୍ୟରୁ ୮୩.୯୨% ମହିଳା ଅଟନ୍ତି।

୨୦,୫୦୨ ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡ଼ା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡ଼ା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡ଼ିବିଟି) ମାଧ୍ୟମରେ ପ୍ରଦାନ କରାଯାଉଅଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ "ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି" ମାଧ୍ୟମରେ ୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଅଛି। ରାଜ୍ୟରେ କେନ୍ଦୁପତ୍ରର ଚାହିଦା ଏବଂ ଆବଶ୍ୟକତା ରହିଥିବାରୁ ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ବାହାରକୁ ମଧ୍ୟ ଏହାର ରପ୍ତାନି ରହିଛି। ଆଦିବାସୀଙ୍କ ପାଇଁ ଜୀବିକା ଉତ୍ସ ଥିବା କେନ୍ଦୁପତ୍ର ବିକାଳିଙ୍କ କେନ୍ଦୁପତ୍ର ବିକିବା ସମସ୍ୟା ଦୂର ହେବା ସହ ଗ୍ରାମସଭା ସଂଗଠନ ମାଧ୍ୟମରେ ଲୋକେ ଏବେ ସହଜରେ କେନ୍ଦୁପତ୍ର ବିକିବା ସହ ଭଲ ରୋଜଗାର କରିପାରୁଛନ୍ତି।

ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ ୯୪୩୭୯୫୫୫୬୮

30.04.2025.pmd 1 4/29/2025, 4:58 PM

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ ଟେନ୍ ତାଲିକାରେ ନବରଙ୍ଗପୁର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଛାତ୍ରୀ

ଡ଼ାବୁଗାଁ, ୨୯।୪ (ନିପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ତିନି ଶେଷ ବର୍ଷ ପରୀକ୍ଷାରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଦଶ ଜଣ ପରୀକ୍ଷାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇଛି । ଉକ୍ତ ତାଲିକାରେ ନବରଙ୍ଗପୁର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ଇପ୍ସିତା ଦାଶ ୧୪୦୦ ମାର୍କରୁ ୧୨୫୭ ମାର୍କ ହାସଲ କରି ଶ୍ରେଷ୍ଠ ଦଶରେ ସ୍ଥାନ ପାଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ଅଧ୍ୟାପକ ଅଧ୍ୟାପିକା, ଅଭିଭାବକ,



ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀଙ୍କ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି । ଏହି ସଫଳତା ପାଇଁ ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କୁ ଶ୍ରେୟ ଦେବା ସହ ଭବିଷ୍ୟତରେ ଏହି ଧାରା ବଜାୟ ରଖିବା ନିମନ୍ତେ ଆଶା ପ୍ରକଟ କରିଛନ୍ତି। ଇପ୍ସିତା ନବରଙ୍ଗପୁରର ମାଝିଗୁଡ଼ା ଅଞ୍ଚଳର ଶଙ୍କର ପ୍ରସାଦ ବେହେରା ଏବଂ ରତ୍ନପ୍ରଭା ଦାଶଙ୍କ ସୁକନ୍ୟା ଘରେ ରହି ଜୀବ ବିଜ୍ଞାନ ବିଭଗୀୟ ମୁଖ୍ୟ ଅଧ୍ୟାପିକା ଭାନୁମତୀ ସାହୁକାର ଏବଂ ଅଧ୍ୟାପିକା ସୁନୟନା ସମାସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବରଙ୍ଗପୁର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଏହି ସଫଳତାର ଶ୍ରେୟ ଇପ୍ସିତା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଗୁରୁଜନମାନଙ୍କୁ ଦେଇଛନ୍ତି । ଭବିଷ୍ୟତରେ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନ କରିବା ସହ ଓପିଏସି ପରୀକ୍ଷା ଦେଇ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ବଡ଼ସାହି, ୨୯।୪ (ନିପ୍ର): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପୁରୁଣା ବାରିପଦା ଠାରେ ପାଳିତ ହୋଇ ଯାଇଛି। ପ୍ରେସ କ୍ଲବର ଉପସଭାପତି ଚିତ୍ତରଞ୍ଜନ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସରପଞ୍ଚ ଭୋଳାନାଥ ସିଂ, ବିମଳ ମିଶ୍ର, ସମାଜ ସେବୀ କାର୍ତ୍ତିକ ଚନ୍ଦ୍ର ବେହେରା, ଦୁର୍ଗାଦତ୍ତ ବେହେରା, ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ଯୁବ ନେତା ମହେଶ୍ୱର ସିଂ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସହସଂପାଦକ ଶାନ୍ତନୁ କୁମାର ମଢୁଆଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ମଧୁବାବୁ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଜାମ୍ମୁକାଶ୍ମୀରର ପହେଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ରେଢାଖୋଲରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

ରେଢାଖୋଲ, ୨୯।୪ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ଛକରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ରେଢ଼ାଖୋଲ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ରେଢ଼ାଖୋଲରେ ପହଞ୍ଚିବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ସେ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ସ୍ୱାଗତ ସମାରୋହ କାର୍ଯ୍ୟକ୍ରମରେ ଶତାଧିକ ବିଜେପି କର୍ମୀ, ବିଭିନ୍ନ ସଂଗଠନର ସଦସ୍ୟ ଓ ମହିଳା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ମତ୍ସ୍ୟଜୀବୀ ନେତୃତ୍ୱ ମିଳିତ ବୈଠକ

ରମ୍ଭା, ୨୯।୪ (ନିପ୍ର): ଚିଲିକା ପାରଂପରିକ ମତ୍ସ୍ୟଜୀବୀ ନେତୃତ୍ୱ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମିଳିତ ସର୍ବେକ୍ଷଣ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଚିଲିକା ସୁରକ୍ଷା ଓ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ବିପନ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଉଲ୍ଲେଖ କରିଥିଲେକି ଆଗଭଳି ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ମିଳୁନାହିଁ, ଦିନକୁ ଦିନ ହ୍ରାସ ପାଇଛି ଦାଦନ ଶ୍ରମିକ ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ସାହେବ ରଷିକୂଲ୍ୟା ମୁହାଣ ମୁହଁ ମଶାରି ଜାଲ ଦ୍ୱାରା ଅବରୋଧ, ମାଟି ପଙ୍କ ପୋତି ହୋଇ ସମୁଦ୍ରରୁ ଚିଲିକା ପାଣି ଯିବା ଆସିବାରେ ବାଧକ ଫଳରେ ମାଛ ଜାଆଁଳା ଓ ମା ମାଛ ଅଣ୍ଡା ଦେବାକୁ ଆସୁନାହିଁ। ସରୁ ମାଢି, ଭିଡ଼, କେରାଳି, ପତୁଆ ଜିରୋ ମଶାରି ଜାଲ ପ୍ରଚଳନ, ମତ୍ସ୍ୟ ସୈରତ୍ ଜାଣ, ଖାନ୍ଦା ଅଣ ମତ୍ସ୍ୟଜୀବୀଙ୍କ ମାଟି ଘେରି ବନ୍ଧ ଦ୍ୱାରା ଅବରୋଧ , ଭେନାମି ଚିଙ୍ଗୁଡ଼ି ଚାଷ ପ୍ରମୁଖ କାରଣ ବୋଲି ପ୍ରବର୍ତ୍ତାଇ ଥିଲେ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଅଧିକାରି ରଜନୀକାନ୍ତ ନାୟକ ସମେତ ତାଙ୍କର ଟିମ୍ ସମସ୍ତ ଅସୁବିଧା ଶୁଣି ଥିଲେ ଏବଂ ମତ୍ସ୍ୟଜୀବି ସାହିକୁ ଯାଇ ସର୍ବେକ୍ଷଣ କରିଥିଲେ। ଦାବୀ ଗୁଡ଼ିକ ହେଲା ଚିଲିକା ଆଇନ୍ ୧୯୮୮- ୮୯ ନୀତି ନିୟମ ପ୍ରଚଳନ ଚାଲୁ କରିବା, ଚିଲିକାରେ ଥିବା ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୫ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା,୪୭୦୦୦ ହଜାର ଏକର ମତ୍ସ୍ୟ ସୈରାତ ସୁରକ୍ଷା, ଅଣ ମତ୍ସ୍ୟଜୀବୀଙ୍କ ଅବରୋଧ ମାଟି ଘେରି ବନ୍ଧ ଉଚ୍ଛେଦ, ମୁକ୍ତ ମୁହାଣ ମୁହଁ, ମତ୍ସ୍ୟଜୀବୀଙ୍କୁ ସଚେତନା, ଚିଲିକାକୁ ବହୁମୁଖୀ ଦାୟିତ୍ୱ ମୁକ୍ତ , ଜିରୋ ଜାଲ ପ୍ରଚଳନ ବନ୍ଦ, ଘେରି ଉଚ୍ଛେଦ, ଟ୍ୟାକ୍ସ ଫୋର୍ସ ତ୍ୱରାନିତ, ଅଭିଜ୍ଞ ମତ୍ସ୍ୟଜୀବୀଙ୍କ ସହଭାଗିତା ସହ ଚିଲିକା ରାଣୀ ଅଫିସର ସସ୍ମିତା ଲେଙ୍କାକୁ ପୁଣି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦାୟିତ୍ୱ ଏସବୁ କରିପାରିଲେ ମତ୍ସ୍ୟଜୀବୀ ପୁଣି ପୂର୍ବ ଭାଗ୍ୟ ଫେରି ପାଇବ। ଉକ୍ତ ବୈଠକରେ ରଘୁନାଥ ବେହେରା, ବିଜୟ କୁମାର ବେହେରା, ଚିତ୍ରସେନ ଦାସ, ଚକ୍ରଧର ବେହେରା, ମହେଶ୍ୱର ବେହେରା, ଗଣପତି ବେହେରା, ସାରଥୀ ବେହେରା ଉପସ୍ଥିତ ରହି ମତ୍ସ୍ୟଜୀବୀଙ୍କ ସମସ୍ୟା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ

ପୁରୀ, ୨୯।୪ (ନିପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱତନ୍ତ୍ର ଓଡିଶା ଗଠନ, ଭାଷା ସୁରକ୍ଷାରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା,ମନୀଷା ଷଡ଼ଙ୍ଗୀ, ସହଦେବ ସାହୁ, ବିବେକାନନ୍ଦ ସାହୁ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି,ଜିଲ୍ଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ଉପନିର୍ଦ୍ଦେଶକ ଉଦ୍ୟାନ ମଞ୍ଜୁଳା ରଥ, ଆରଟିଓ ରବିନ ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ,ୱାଟକୋ ନିର୍ବାହୀ ଯନ୍ତ୍ରୀ ବିକ୍ରମ ରାଉତ, ଏଆରସିଏସ ସ୍ୱରୂପ କର, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଦୁଗ୍ଧଚାଷୀଙ୍କ ଦାବିପତ୍ରକୁ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ
# ପଦାରେ ପଡ଼ିଲା ଆନାଲାଇଜର ମେସିନ ଠକାମୀ

ବୌଦ୍ଧ, ୨୯।୪ (ନିପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବୀରନରସିଂହପୁର କ୍ଷୀର ସୋସାଇଟିରେ ଆନାଲାଇଜର ମେସିନ ସାହାଯ୍ୟରେ କ୍ଷୀରର ମାନ ପରୀକ୍ଷା କରି ଓମଫେଡ ତରଫରୁ କ୍ଷୀର କିଣା ଯାଉଅଛି । କିନ୍ତୁ ମେସିନକୁ ଟେମ୍ପରିଙ୍ଗ କରି କ୍ଷୀରର ମାନ କମାଇ ଲିଟର ପ୍ରତି ୩୦ଟଙ୍କା ୯୪ ପଇସାରେ କିଣାଯାଇ ଦୁଗ୍ଧ ଚାଷୀଙ୍କୁ ଶୋଷଣ କରାଯାଉଥିଲା । ଏନେଇ ଗତ ୧୭ ତାରିଖରେ ଚାଷୀ ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ । ଦାବି ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୫ ତାରିଖରେ କଟକ ଓ ବରଗଡରୁ ଟେକନିକାଲ ଟିମ , ହରଭଙ୍ଗା ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର କୁମାର ପୃଷ୍ଟି , ଚାରିଛକ ପ୍ଲାଣ୍ଟ ଅଧିକାରୀ ଅମୂଲ୍ୟ ଓଝା ଓ ଚାଷୀଙ୍କ ଉପସ୍ଥିତିରେ ଆନାଲାଇଜର ମେସିନର ଯାଞ୍ଚ କରାଯାଇଥିଲା । ଯାଞ୍ଚ କରିବା ପରେ ମେସିନରେ ୭ ପଏଣ୍ଟ କମାଇଦିଆ ଯାଇଥିବାରୁ କ୍ଷୀରର ମାନ ଠିକ ହେଉନଥିବା ଦର୍ଶାଇ ଲିଟର ପିଛା ୩୦ଟଙ୍କା ୯୪ ପଇସା ଚାଷୀଙ୍କୁ ଦିଆଯାଉଥିଲା । ଚାଷୀଙ୍କ ମେସିନ ପ୍ରତି ସନ୍ଦେହ ଥିବା ସତ ହେବା ସହ ଠକାମୀ ପଦାରେ ପଡିଛି । ଗତ ଡିସେମ୍ବର ମାସ ପୂର୍ବରୁ ଚାଷୀ ମାନେ ଲିଟର ପ୍ରତି ୬୦ ଟଙ୍କା ପର୍ଯ୍ୟନ୍ତ ପାଉଥିବା ବେଳେ ପ୍ଲାଣ୍ଟ କର୍ତ୍ତୃପକ୍ଷ ଟେକନିସିଆନକୁ ହାତ କରି ସୋସାଇଟି ସଂପାଦକଙ୍କ ଜରିଆରେ ମେସିନକୁ ଟେମ୍ପରିଙ୍ଗ କରି କମ ଦାମରେ କ୍ଷୀର କିଣୁଥିଲେ ଓ ପ୍ଲାଣ୍ଟ କର୍ତ୍ତୃପକ୍ଷ ଅଧିକ ଦାମରେ ଓମଫେଡକୁ ବିକ୍ରି କରି ଲାଭ ନେଉଥିଲେ । ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସହ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ଚାରିଛକ ପ୍ଲାଣ୍ଟ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଚାଷୀମାନେ ଦାବି କରିଛନ୍ତି ।

## ସୁସ୍ଥ ସମାଜ ଗଠନରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦୁଝର, ୨୯।୪ (ନିପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ କେନ୍ଦୁଝରର ଜିଲା ଓକିଲ ସଙ୍ଘ ପକ୍ଷରୁ ପାଳିତ ହୋଇଛି। ଏହି ଅବବସରରେ କେନ୍ଦୁଝରର ଜିଲା କୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ଓକିଲ ସଂଘ ସଭା ଗୃହରେ ଅନୁଷ୍ଠିତ ସଭାରେ କେନ୍ଦୁଝରର ଜିଲା ଓକିଲ ସଂଘ ସଭାପତି ଆଲୋକ କୁମାର ମହାନ୍ତ ଅଧ୍ୟକ୍ଷତା କରି ତାଙ୍କ ସ୍ୱାଗତ ଭାଷଣରେ ସାଧାରଣ ସୁସ୍ଥ ସମାଜ ଗଠନରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇନଜୀ ତୁଷାର କୁମାର ସାମନ୍ତ ଦେଶ ଗଠନ ରେ ଆଇନଜୀବୀମାନଙ୍କ ଭୂମିକା ତଥା ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଯୁବ ବ୍ୟବସାୟୀ ମନୋଜ ପାତ୍ର ହତ୍ୟା ଘଟଣା
# ଦୁଇ ଅଭିଯୁକ୍ତ ଅଟକ , ତଦନ୍ତ ଜାରି

ବୌଦ୍ଧ, ୨୯।୪ (ନିପ୍ର); ବୌଦ୍ଧ ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ ରବିବାର ସନ୍ଧ୍ୟାରେ ବୌଦ୍ଧର ଯୁବ ବ୍ୟବସାୟୀ ମନୋଜ କୁମାର ପାତ୍ରଙ୍କୁ ଧାରୁଆ ଅସ୍ତ୍ରରେ ଭୁସି ହତ୍ୟା କରି ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିଲେ । ବୌଦ୍ଧ ପୁଲିସ ଏହି ଘଟଣାକୁ ଗୁରୁତର ସହ ନେବା ସହ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଆରମ୍ଭ କରିଥିଲା । ଏନେଇ ବୌଦ୍ଧ ଥାନାରେ କେସନଂ ୨୨୫/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା ବୌଦ୍ଧ ପୁଲିସ । ଅଭିଯୁକ୍ତ ମାନେ ଘଟଣା ଘଟାଇବା ପରେ ଯାଇଥିବା ରାସ୍ତାରେ ଲାଗିଥିବା ସିସିଟିଭ ଯାଞ୍ଚ କରିଥିଲା ପୁଲିସ । ଏହି ଘଟଣାର ୧୨ ଘଣ୍ଟା ମଧ୍ୟରେ ପୁଲିସ ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରିଥିବା ଜଣାପଡିଛି । ଏହି ହତ୍ୟା ଘଟଣାରେ ପୁଲିସ ସୋମବାର ଦୁଇ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ସେମାନଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ଘଟଣାରେ ମୃତ ବ୍ୟବସାୟୀଙ୍କ ପରିବାର ନ୍ୟାୟ ପାଇବେ ଓ ହତ୍ୟା ଘଟଣାରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ସେପଟେ ମୃତ ବ୍ୟବସାୟୀ ମନୋଜ ବୌଦ୍ଧ ବଣିକ ସଂଘର ଜଣେ ସକ୍ରିୟ ସଦସ୍ୟ ଥିବା ବେଳେ ସୋମବାର ଦିନ ବଣିକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବଜାର ବନ୍ଦ କରିଥିଲେ । ଫଳରେ ବୌଦ୍ଧ ସହରର ସମସ୍ତ ଦୋକାନ ବନ୍ଦ ରହିଥିଲା ।

## ସମବାୟ ବର୍ଷ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୯/୪ (ନି.ପ୍ର)ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଜୁନାଗଡ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ,ଅଧ୍ୟକ୍ଷ ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, କେନ୍ଦ୍ର ସମବାୟ ବ୍ୟାଙ୍କ ଭବାନୀପାଟନା ସଭାପତି ଗିରୀଶ ଚନ୍ଦ୍ର ବେହେରା,ଏମ୍‌ପି କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ମୁଖ୍ୟବକ୍ତା ଭାବେ ଡକ୍ଟର ଉମେଶଚନ୍ଦ୍ର ଶତପଥି, ଉପନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ, ଏଆର୍‌ସିଏସ୍, ମଧୁସୂଦନ ମେହେର, ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ବନଲତା ଧଳ ଯୋଗଦେଇ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ମଧୁବାବୁଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ର ଥିମ୍ 'ସଶକ୍ତ ସମବାୟ, ସୁଦୃଢ ସମାଜ, ସମୃଦ୍ଧ ଜୀବନ' ଓଡିଶା ସମବାୟ ଆନ୍ଦୋଳନର କର୍ଣ୍ଣ ଧାର ମଧୁସୂଦନ ଦାସଙ୍କ ଭୂମିକା,ମଧୁବାବୁ ଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା, ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମବାୟ ସମିତି କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରିଥିବା, କର୍ଲାମୁଣ୍ଡା ବ୍ଲକ ଜୋରା ଉବରା ପ୍ରାଥମିକ ସମବାୟ ସମିତି,କୋକସରା ବ୍ଲକର ଟେମରା ସମବାୟ ସମିତି, ଭବାନୀପାଟଣା ଓ ମଦନପୁର ରାମପୁର ସମବାୟ ସମିତିକୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

## କୁଶଳୀ ଛାତ୍ର, ସବଳ ଓଡ଼ିଶା

ଭବାନୀପାଟଣା, ୨୯/୪ (ନି.ପ୍ର) ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଆକାଂକ୍ଷିତ ଶିକ୍ଷା ଗ୍ରହଣ ନିମନ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ ଆଧୁନିକ ଯୁଗର ଯୁଗୋପଯୋଗୀ କ୍ଷେତ୍ରଗୁଡ଼ିକରେ ବୈଷୟିକ ଓ ଡିଜିଟାଲ ଜ୍ଞାନ ପ୍ରଦାନ କରି ସଶକ୍ତ କରିବାକୁ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଏକ ଛୋଟ ପ୍ରୟାସ କରାଯାଉଅଛି ବୋଲି ପରିଷଦର ଅଧ୍ୟକ୍ଷା ଡ. ସୁନୀତି ମୁଣ୍ଡ ଜଣାଇଛନ୍ତି। ଆମ ରାଜ୍ୟର ଆର୍ଥିକ ଅନଗ୍ରସର ଅଥଚ ଶିକ୍ଷାଗତ ଦୃଷ୍ଟିରୁ ସମର୍ଥ ଛାତ୍ରଛାତ୍ରୀଙ୍କ ପାଇଁ ସଂପ୍ରତି ଅନେକ ପାଠ୍ୟକ୍ରମ ଉପଲବ୍ଧ ରହିଛି । ସେ ମଧ୍ୟରୁ ଭିଗୋର ଅନୁଷ୍ଠାନକୁ ଯୋଗାଯୋଗ କରି ଆମେ ପ୍ରାୟ ୫୨ଟି ପାଠ୍ୟକ୍ରମ ଅନ୍‌ଲାଇନ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ କରାଉଥିବା ସଂପର୍କରେ ଡ. ମୁଣ୍ଡ ସୂଚନା ଦେଇଛନ୍ତି ।




ଛାତ୍ରଛାତ୍ରୀମାନେ ସେମାନଙ୍କର ପସନ୍ଦର ପାଠ୍ୟକ୍ରମରେ ଡିଜିଟାଲ ପଦ୍ଧତିରେ ଶିକ୍ଷାଲାଭ କରିପାରିବେ ଯାହା ସେମାନଙ୍କୁ ସେହିସବୁ କ୍ଷେତ୍ରରେ ଜଣେ କୁଶଳୀ ଲୋକଶକ୍ତି ଭାବରେ ଗଢ଼ିତୋଳିବା ସହିତ ସେମାନଙ୍କ ପାଇଁ ନିଯୁକ୍ତିର ସୁଯୋଗକୁ ପରିବ୍ୟାପ୍ତ କରିବ। ଏଥିସହିତ ଡାକ୍ତରୀ ଓ ଇଂଜିନିୟରିଂ ଶିକ୍ଷା ନିମନ୍ତେ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ସେହି ପାଠ୍ୟକ୍ରମରେ ନାମଲେଖାଇବାକୁ ଉଦ୍ଦିଷ୍ଟ ପ୍ରତିଯୋଗିତା ମୂଳକ ପରୀକ୍ଷାଗୁଡିକ ନିମନ୍ତେ ପ୍ରସ୍ତୁତ କରାଇ ସେମାନଙ୍କୁ ଏକ ସଫଳ କ୍ୟାରିୟର ଗଢ଼ିବାରେ ସହଯୋଗ କରୁଅଛୁ । ଆମର ମୂଳ ଲକ୍ଷ ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ଶିକ୍ଷା ଓ ସେମାନଙ୍କର କ୍ୟାରିୟରରେ ଆଗକୁ ବଢ଼ିବାରେ ଆବଶ୍ୟକ ସମର୍ଥନ ଯୋଗାଇଦେବ । ଅନ୍‌ଲାଇନ୍ ପାଠ୍ୟକ୍ରମ ମଧ୍ୟରେ ସଫ୍ଟୱେର ଇଂଜିନିୟରିଂ, ସପ୍ଲ ଲାଇନ ଚେନ୍ ମ୍ୟାନେଜମେଂଟ ସାର୍ଟିଫିକେଟ କୋର୍ସ, ଡିଜିନେସ୍ ଆନାଲିଷ୍ଟ ସାର୍ଟିଫିକେଟ ପ୍ରୋଗ୍ରାମ, ଡାଟା ଇଂଜିନିୟରିଂ, ପ୍ରୋଜେକ୍ଟ ମ୍ୟାନେଜମେଂଟ, ସାର୍ଟିଫିକେଟ କୋର୍ସ, ଡାଟା ସାଇନ୍ସ ଓ୍ୱାର୍କସପ୍ସ, ଆର୍ଟିଫିସିଆଲ ଇଂଟେଲିଜେନ୍ସ, ସାଇବର ସିକ୍ୟୁରିଟି, କ୍ଲାଉଡ଼ କମ୍ପ୍ୟୁଟିଂ ସାର୍ଟିଫିକେଟ କୋର୍ସ ଆଦି ଡିଜିଟାଲ କୋର୍ସ ସହିତ ବ୍ୟାଂକିଙ୍ଗ, ଏଲଆଇସି, ରେଲୱେ, ଓଟିଇଟି, ଏସଏସସି, ଓଡିଶା କର୍ମଚାରୀ ଚୟନ ଆୟୋଗ, ସିଡିଏସ ଆଦି ନିଯୁକ୍ତି ପରୀକ୍ଷା ଗୁଡିକ ନିମନ୍ତେ ପ୍ରସ୍ତୁତିରେ ସହାୟତା କରୁଛି । ଆଶା କରୁଛୁ ଆମ ରାଜ୍ୟର ପିଲାମାନେ ଏହାର ସୁଯୋଗ ନେବେ । ଭିଗୋର ଅନୁଷ୍ଠାନର ଅପରେସନ ମୁଖ୍ୟ ନିହାର ପଟ୍ଟନାୟକ, ଡିଜିଟାଲ ପାଠ୍ୟକ୍ରମ ମୁଖ୍ୟ ପରିଚାଳକ ଜ୍ୟୋତି ରଂଜନ ଦାଶ, ସହପରିଚାଳକ ସୌରଭ କହଁର ଉପସ୍ଥିତ ଥିଲେ ।

## ରାୟଗଡା ଜିଲ୍ଲାପାଳଙ୍କ ବଡନାଳା ଜଳଭଣ୍ଡାର ପରିଦର୍ଶନ

ରାୟଗଡା, ୨୯।୪ (ନିପ୍ର): ରାୟଗଡା ଜିଲ୍ଲାପାଳଙ୍କ ବଡନାଳା ଜଳ ଭଣ୍ଡାର ପରିଦର୍ଶନ ପଦ୍ମପୁର ବ୍ଲକ, କେନ୍ଦୁଗୁଡା ଠାରେ ୯୩୦ ହେକ୍ଟର ଜଳ ଆୟତନ୍ନ ରେ ପରିବ୍ୟାପ୍ତ ବଡନାଳ ଜଳ ଭଣ୍ଡାରକୁ ରାୟଗଡା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟଓ୍ୱାରୀ ପରିଦର୍ଶନ କରିବା ସହ ସେଠାରେ ଥିବା - ମା ମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କୁ ବୁଲି ଦେଖିଥିଲେ। ଏହି ମତ୍ସ୍ୟ ସମବାୟ ସମିତିରେ ସମୁଦାୟ ୯୪ ଜଣ ସଦସ୍ୟ ସଦସ୍ୟା ରହିଛନ୍ତି ।

ଏବଂ ଏହି ସମବାୟ ସମିତି ଟି ୧୬. ୦୭. ୨୦୦୧ ମସିହା ରୁ ବଡ଼ନାଳ ଜଳ ଭଣ୍ଡାରରେ ମାଛ ଚାଷ କରିଆସୁଛନ୍ତି। ମାନନୀୟା ଜିଲ୍ଲାପାଳ, ରାୟଗଡା, ଏହି ଜଳ ଭଣ୍ଡାର ରେ



ମିଳୁଥିବା, ମାଛ ଓ ଚିଙ୍ଗୁଡ଼ି ପ୍ରଜାତି, ଏଠାରେ ଛଡ଼ାଯାଉଥିବା ମାଛ ଓ ଚିଙ୍ଗୁଡ଼ି ଯାଆଁଳ ର ପରିମାଣ, ମାଛ ଧରିବା ପଦ୍ଧତି, ବିକ୍ରି - ବଟା ର ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ।

ରାୟଗଡା ମତ୍ସ୍ୟ ବିଭାଗ ତରଫରୁ ମା ମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ର ସଦସ୍ୟ ସଦସ୍ୟା ମାନଙ୍କୁ ଯୋଗାଇ ଦିଆଯାଇଥିବା ଡ଼ଙ୍ଗା, ଜାଲ, ମୋଟର- ସାଇକେଲ ସହ ବରଫ ବାକ୍ସ, ଇତ୍ୟାଦି ର କାର୍ଯ୍ୟକାରିତା ବିଷୟରେ ଜିଲ୍ଲାପାଳ ପଚାରି ବୁଝିଥିଲେ। ଶେଷରେ ଏଠାରେ ନୂତନ ଭାବେ ତିଆରି କରାଯାଇଥିବା ମତ୍ସ୍ୟ ଅବତରଣ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ପଞ୍ଚାୟତ ସମିତି ଅଧକ୍ଷା, ପଦ୍ମପୁର ମଣିମାଳା ଶବର; ସରପଞ୍ଚ, କେନ୍ଦୁଗୁଡା ସିଦ୍ଧେଶ୍ୱରୀ ଶବର; ଜିଲ୍ଲା ମତ୍ସ୍ୟ ଅଧିକାରୀ, ରାୟଗଡା ଜ୍ଞାନ ରଞ୍ଜନ ସେଠି; ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଦ୍ମପୁର ସ୍ୱସ୍ତିକ ଜମାଦାର; ସହକାରୀ ମତ୍ସ୍ୟ ଅଧିକାରୀ, ପଦ୍ମପୁର ଅଶ୍ୱିନୀ କୁମାର ବିଶ୍ୱାଳ; ସହକାରୀ ମତ୍ସ୍ୟ ଅଧିକାରୀ, ମୁଖ୍ୟାଳୟ, ରାୟଗଡା ସୁଶ୍ରୀ ପ୍ରୀତିଶ ନନ୍ଦା ପଟନାୟକ ; ସହକାରୀ ଯନ୍ତ୍ରୀ; ବି. ପି. ସି, ପଦ୍ମପୁର ଏବଂ ମା ମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ୪୦ ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ।

## ଏସସି -ଏସଟି ସଂଘର ନୂଆ କର୍ମକର୍ତ୍ତା

ଦାମନଯୋଡି, ୨୯/୪(ନିପ୍ର): ଦାମନଯୋଡି ନାଲକୋ ପ୍ରକଳ୍ପରେ କାର୍ଯ୍ୟରତ ଅନୁସୂଚିତ ଜାତି ଓ ଜନଜାତି ଜନମଙ୍ଗଳ ସଂଘ (ଏସ୍‌ସି-ଏସଟି ୱେଲଫାର ଆସୋସିଏସନ୍)ର କର୍ମକର୍ତ୍ତା ଚୟନ ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିଲା । ସଂଘର ନିଜସ୍ୱ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବା ସହ ନୂତଟ କର୍ମକର୍ତା ମାନେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲକୋ ଖଣି ବିଭାଗ ସମୁହ ମହାପ୍ରବନ୍ଧକ ଭିଏସଏସ ଆନନ୍ଦ ଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ବିଭାଗ ସମୁହ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ, ଅର୍ଥ ବିଭାଗ ସମୁହ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା, ମହାପ୍ରବନ୍ଧକ ଚନ୍ଦ୍ରମୋହନ ମହାନ୍ତ, ବାତୁଲା ସୁରେଶ ବାବୁ, ସହ ପ୍ରବନ୍ଧକ ଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଗୁରୁ ଟାକ୍ରି ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସମ୍ପାଦକ ଭାବରେ ରବିକାନ୍ତ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ଉପ ସଭାପତି- ୧ ଓ ୨ ଭାବେ ବଳଭଦ୍ର ଜାନି, ପ୍ରଫୁଲ୍ଲ ଖରା , ହିରାଲାଲ କୁଲଦୀପ ଯୁଗ୍ମ ସମ୍ପାଦକ, ଗୁରୁଚରଣ ନାୟକ ସଂଗଠନ ସମ୍ପାଦକ, ରବିନାରାୟଣ ହଲଓ୍ୱା କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଅତିଥି ମାନେ ନୂତନ କର୍ମକର୍ତା ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କହିଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀ ମାନଙ୍କର ନ୍ୟାଯ୍ୟ ଦାବି ଓ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ଦିଗରେ ବିଶେଷ ଦୃଷ୍ଟି ଦେଇ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଟାକ୍ରି କହିଥିଲେ । ଶ୍ରୀଧର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ଷ୍ଟିୟରିଂ କମିଟି ବୈଠକ

ବୌଦ୍ଧ, ୨୯।୪ (ନିପ୍ର): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରଥମ ଜିଲ୍ଲାସ୍ତରୀୟ ଷ୍ଟିୟରିଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାର ମୂଳଉଦ୍ଦେଶ୍ୟ ଥିଲା ଭାରତ ସରକାରଙ୍କ ଦ୍ୱାରା ଗତ ଜୁଲାଇ ୧,୨୦୨୪ ମସିହା ରୁ ଆଗତ ନୂତନ ଫୌଜଦାରି ନିୟମାବଳୀ (ନୂଆ କ୍ରିମିନାଲ ନିୟମ)ର ସଫଳ ରୂପାୟନ ଓ ପୁରାତନ ନିୟମାବଳୀରେ ଘଟିଥିବା ପରିବର୍ତ୍ତନର ଦୈନନ୍ଦିନ କର୍ମକ୍ଷେତ୍ରରେ ତଥା ଅଫିସ କାର୍ଯ୍ୟ ରେ ଲାଗୁ କରିବା । ଏଥି ପାଇଁ ନିକଟ ଭବିଷ୍ୟତରେ ପର୍ଯ୍ୟାୟ କ୍ରମେ ବିଭିନ୍ନ କର୍ମଶାଳାର ଆୟୋଜନ କରି ସମସ୍ତ ସରକାରୀ କର୍ମଚାରୀ, ଜନସାଧାରଣ ତଥା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇ ସଚେତନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ସଭାରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ-ଜିଲ୍ଲାପାଳ ପ୍ରବିଣ କୁମାର ବାଣୁଆ, ସିଜେଏମ ବୌଦ୍ଧ ନିରଞ୍ଜନ ପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର, ଡାକ୍ତର ସଂଘମିତ୍ରା ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଡେପୁଟି କଲେକ୍ଟର ତୃପ୍ତିମୟୀ ଜେନା, ଜେଲ ସୁପରିଟଣ୍ଡେଣ୍ଟ ଜଗତ ବିହାରୀ ରାଉତରାୟ ପ୍ରମୁଖ ଯୋଗଦେଇ ଥିଲେ।

## ସମବାୟ ପ୍ରଚାର ପତ୍ର ଉନ୍ମୋଚନ ଓ ସଚେତନତା ରଥର ଶୁଭାରମ୍ଭ

ବୌଦ୍ଧ, ୨୯।୪ (ନିପ୍ର):ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଅବସରରେ ସମବାୟ ପ୍ରଚାର ପତ୍ର ବଣ୍ଟନ ଓ ସମବାୟ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା । ଉକ୍ତ ରଥ ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି ଅଧୀନସ୍ଥ ଗ୍ରାମ ଗୁଡିକରେ ସମବାୟର ବାର୍ତ୍ତା ପ୍ରଚାର ପ୍ରସାର କରିବା ସହ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ । ଜିଲ୍ଲାପାଳ ନଡିଆ ଭାଙ୍ଗି ପତାକା ଦେଖାଇ ଆନୁଷ୍ଠାନିକ ଭାବେ ରଥର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ - ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସମବାୟ ସମିତି ସମୂହର ଉପନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ସହକାରୀ ନିବନ୍ଧକ ଫକୀର ଚରଣ ବାଘ, ନିୟନ୍ତିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗରସ୍ତରୀୟ ପଥ ସଞ୍ଚଳନ

ଦାମନଯୋଡି, ୨୯/୪(ନିପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତ ଅଧୀନସ୍ଥ କୋରାପୁଟ ଖଣ୍ଡ ଅନ୍ତର୍ଗତ ଦାମନଯୋଡି ନଗର ପକ୍ଷରୁ ଏକ ଭବ୍ୟ ପଥ ସଞ୍ଚଳନ କରାଯାଇଥିଲା । ବିଭିନ୍ନ ଶାଖାର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶ ପରିଧାନ କରି ସଂଚଳନରେ ଭାଗ ନେଇଥିଲେ । ଅଭୟ ଅଞ୍ଜନେୟଙ୍କ ମନ୍ଦିର ପରିସରରୁ ବାହାରି ନାଲକୋ ଟାଉନସିପ, ଭେଜାପୁଟ ଆଦି ପରିକ୍ରମା କରି ମାଥାଲପୁଟ ସ୍ଥିତ ମାଲୁସାଉନ୍ତା ସ୍କୁଲ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଏକ ଉଦବୋଧନ ସଭା କରାଯାଇଥିଲା। ଆଗାମୀ ବିଜୟା ଦଶମୀ ରେ ସଂଘର ୧୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏହା ପୂର୍ବ ପ୍ରସ୍ତୁତି ବୋଲି ସ୍ୱୟଂସେବକ ମାନଙ୍କୁ ଉଦବୋଧନ ଦେଇ କହିଛନ୍ତି ଓଡ଼ିଶା ପଶ୍ଚିମ ସହପ୍ରାନ୍ତ ପ୍ରଚାରକ ତଥା କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ସୁରେନ୍ଦ୍ର କୁମାର ପଣ୍ଡା ।



ସ୍ଥାନୀୟ ଅଞ୍ଚଳର ସମାଜସେବୀ କୃତିବାସ ରାଜୁ ଓ କୋରାପୁଟ ଖଣ୍ଡ ପ୍ରଚାରକ ରଞ୍ଜନ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏତଦ୍ ବ୍ୟତୀତ ଜିଲ୍ଲା ଶାରୀରିକ ପ୍ରମୁଖ ବୁଦ୍ଧଦେବ ଦେ, ବିଭାଗ ବୌଦ୍ଧିକ ପ୍ରମୁଖ ଅଶୋକ ସାହୁ, ଜିଲ୍ଲା ପ୍ରଚାରକ ଚିଦାନନ୍ଦ ଶତପଥୀ, ଅଖିଳ ଭାରତୀୟ ବାବାବସୀ କଲ୍ୟାଣ ଆଶ୍ରମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନାମ ଚରଣ ନାୟକ, ରାଷ୍ଟ୍ରୀୟ ସେବିକା ସମିତି ଜିଲ୍ଲା ସମ୍ପର୍କ ପ୍ରମୁଖ ଶ୍ରୀମତୀ ସୁଭସ୍ମିତା ପଣ୍ଡା, ଜିଲ୍ଲା ସମ୍ପର୍କ ପ୍ରମୁଖ ଭରତ ପଣ୍ଡା କାର୍ଯ୍ୟକ୍ରମକୁ ମିଳିତ ଭାବେ ପରିଚାଳନା କରିଥିବା ବେଳେ କୋରାପୁଟ ଜିଲ୍ଲା ପୂର୍ବତନ ପ୍ରଚାରକ ସୁଗ୍ୟାନ କୁମାର ପଣ୍ଡା ଘୋଷ ସଂଚାଳନ କହିଥିଲେ । ଧର୍ମ ଜାଗରଣ ବିଭାଗ ର ପ୍ରାନ୍ତ ସଂଯୋଜକ ଶ୍ରୀ ମାନ ଜଳେନ୍ଦ୍ର ତ୍ରିପାଠୀ ଓ ପ୍ରାନ୍ତ ଗୋସେବା ସଂଯୋଜକ ଶ୍ରୀ ମାନ ସ୍ୱପ୍ନେସ୍ୱର ପ୍ରଧାନ ମଧ୍ୟ ଉପସ୍ଥିତ ରହି ଥିଲେ। କୋରାପୁଟ ଖଣ୍ଡ ବୌଦ୍ଧିକ ପ୍ରମୁଖ ଜଗନ୍ନାଥ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ ।

## ମେ ୨୯ରେ ସ୍ପେସ୍ ଷ୍ଟେସନ ଲାଗି ଉଡ଼ାଣ କରିବେ କ୍ୟାପଟେନ ଶୁଭାଂଶୁ ଶୁକ୍ଲା



ନୂଆଦିଲ୍ଲୀ ୨୯।୪: ଭାରତୀୟ ବାୟୁସେନା (ଆଇଏଏଫ) ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଲା ମେ ୨୯ ତାରିଖ ଦିନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ୍) ନିମନ୍ତେ ଉଡାଣ କରିବେ। ଶୁଭାଂଶୁ ଶୁକ୍ଲା ଏକ୍ସିଓମ-୪ର ମିସନ ପାଇଲଟ ହେବେ। ଏକ୍ସିଓମ ସ୍ପେସ୍ ଇଂକ ମଙ୍ଗଳବାର ଏହି ସୂଚନା ଦେଇଛି। ଏହା ପୂର୍ବରୁ ୧୯୮୪ ମସିହାରେ ୱିଂଗ କମାଣ୍ଡର ରାକେଶ ଶର୍ମା ସୋଭିଏତ ମିସନର ଅଂଶ ରୂପେ ମହାକାଶ ଯାତ୍ରା କରିଥିଲେ। ତେବେ ଏଥର ଆମେରିକୀୟ ମହାକାଶ ଏଜେନ୍ସି ନାସା ଓ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ଙ୍କ ମିଳିତ ମିସନ ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରୁ ଲଞ୍ଚ କରାଯିବ। ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଲା ଏହି ମିସନରେ ମହାକାଶ ଯାତ୍ରୀ ଓ ମିସନ ପାଇଲଟ ଭାବେ କାର୍ଯ୍ୟ କରିବେ। ଶୁଭାଂଶ ଶୁକ୍ଲା ଇସ୍ରୋ ଦ୍ୱାରା ମନୋନୀତ ସବୁଠୁ କମ୍ ବୟଷ୍କ ମହାକାଶଚାରୀ ହେବେ। ତାଙ୍କ ବୟସ ମାତ୍ର ୪୦ ବର୍ଷ। ଏହି ମିସନରେ ଶୁଭାଂଶୁ ଶୁକ୍ଲାଙ୍କ ସହିତ ନାସାର ପୂର୍ବତନ ମହାକାଶଯାତ୍ରୀ ତଥା ମିସନ କମାଣ୍ଡର ପେଗୀ ହ୍ୱିଟସନ୍, ପୋଲାଣ୍ଡର ସ୍ଲାଭୋଜ ଉଜନାନସ୍କି-ଭିସ୍ନିଭସ୍କି ଓ ହଙ୍ଗେରୀର ଟିବୋର କାପୁ ମଧ୍ୟ ମହାକାଶ ଯାତ୍ରା କରିବେ।

## ଜୁନ ପ୍ରଥମ ସପ୍ତାହରେ ସଂପୂର୍ଣ୍ଣ ହେବ ରାମ ମନ୍ଦିର : ନୃପେନ୍ଦ୍ର ମିଶ୍ର

ଅଯୋଧ୍ୟା, ୨୯।୪ : ଅଯୋଧ୍ୟାର ରାମ ମନ୍ଦିରର ନିର୍ମାଣ କାର୍ଯ୍ୟ ଆସନ୍ତା ଜୁନ ମାସ ପ୍ରଥମ ସପ୍ତାହ ସୁଦ୍ଧା ସଂପୂର୍ଣ୍ଣ ହେବ । ଜୁନ ୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ଓ ଏହାର ୧-୨ ଦିନ ସୁଦ୍ଧା ଲୋକମାନେ ନବନିର୍ମିତ ମନ୍ଦିରରେ ପ୍ରବେଶ କରିପାରିବେ ବୋଲି କହିଛନ୍ତି ଶ୍ରୀରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର । ଗଣମାଧ୍ୟମକୁ ସେ କହିଛନ୍ତି ଯେ ମନ୍ଦିରର ଶିଖର ନିର୍ମାଣ କାମ ସଂପୂର୍ଣ୍ଣ ହୋଇଛି ଓ ଆସନ୍ତା ମେ ମାସର ୨୧ରେ ମନ୍ଦିରରେ ଭାଗବାନ ରାମ, ସୀତା, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ହନୁମାନଜୀଙ୍କ ବିଗ୍ରହର ପ୍ରତିଷ୍ଠା ହେବ । ଜୁନ ୫ ସୁଦ୍ଧା ମନ୍ଦିର ନିର୍ମାଣ କାମ ସଂପୂର୍ଣ୍ଣ ହେବ । ସଂପୂର୍ଣ୍ଣ ମନ୍ଦିରକୁ ସର୍ବସାଧାରଣଙ୍କ ପାଇଁ ଜୁନ ୫ର ଦିନେ ଦୁଇଦିନ ମଧ୍ୟରେ ଖୋଲିଦିଆଯିବ। ଶ୍ରୀ ମିଶ୍ର କହିଛନ୍ତି ଯେ ମନ୍ଦିର ନିର୍ମାଣରେ କେବେବି ଅର୍ଥାଭାବ ହୋଇନଥିଲା । ସେହିପରି ମନ୍ଦିର ନିର୍ମାଣବେଳେ ବିଭିନ୍ନ ସମସ୍ୟା ଦେଖାଦେଇଥିଲେ ବି ଦିବ୍ୟକୃପା ଯୋଗୁଁ ସମସ୍ତ ସମସ୍ୟା ଦୂରହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜୁନ ୫ର ଦିନେ ଦୁଇଦିନ ପରେ ରାମ ମନ୍ଦିର ପରିସରରେ ନିର୍ମିତ ମହର୍ଷି ବାଲ୍ମିକୀ, ମହର୍ଷି ବିଶ୍ୱାମିତ୍ର, ବଶିଷ୍ଟ, ଅହଲ୍ୟା, ନିଷାଦରାଜ, ସବରୀମାତା ଓ ଅଗସ୍ତ୍ୟା ମୁନିଙ୍କ ମନ୍ଦିରକୁ ଲୋକମାନେ ଯାଇପାରିବେ । ଜୁନ ୫ରେ ରାମ ଦରବାର ମନ୍ଦିରର ପୂଜା ହେବ । ଏହି ଅବସରରେ ଶ୍ରୀ ମିଶ୍ର କହିଛନ୍ତି ଯେ ମନ୍ଦିର ନିର୍ମାଣରେ କେବେବି ଅର୍ଥାଭାବ ହୋଇନଥିଲା । ସେହିପରି ମନ୍ଦିର ନିର୍ମାଣବେଳେ ବିଭିନ୍ନ ସମସ୍ୟା ଦେଖଦେଇଥିଲେ ବି ଦିବ୍ୟକୃପା ଯୋଗୁଁ ସମସ୍ତ ସମସ୍ୟା ଦୂରହୋଇଥିଲା ।

## ଭାରତ ସହ ତିକ୍ତତା ମଧ୍ୟରେ ଆଇଏମଏଫ ଠାରୁ ପାକିସ୍ତାନର ୧୧ ହଜାର କୋଟିର ଋଣ ଭିକ୍ଷା



ନୂଆଦିଲ୍ଲୀ, ୨୯।୪: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଚରମରେ ପହଞ୍ଚିଛି ଭାରତ- ପାକିସ୍ତାନ ମଧ୍ୟରେ ସମ୍ପର୍କ। ଭାରତ ପାକିସ୍ତାନ ବିରୋଧରେ ଅନେକ କଡ଼ା ନିଷ୍ପତ୍ତି ନେଇଛି। ଭାରତ ପକ୍ଷରୁ ନିଆଯାଇଥିବା ସିନ୍ଧୁ ଜଳ ଚୁକ୍ତି ରଦ୍ଦ, ପାକିସ୍ତାନୀଙ୍କ ଭିସା କ୍ୟାନ୍ସଲ ଭଳି ଅନେକ ବଡ଼ ଆକ୍ସନ ପାକିସ୍ତାନକୁ ଚିନ୍ତାରେ ପକାଇଛି। ଏମିତିରେ ବ୍ୟତିବ୍ରସ୍ତ ହୋଇପଡ଼ିଥିବା ପାକିସ୍ତାନ ଏବେ ଆଇଏମଏଫ ଠାରୁ ୧୧ ହଜାର କୋଟି ଟଙ୍କାର ଭିକ୍ଷା ମାଗିଛି। ଯାହାର ନିଷ୍ପତ୍ତି ମେ ୯ରେ କରାଯିବ। ସୂଚନା ଅନୁଯାୟୀ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର କାର୍ଯ୍ୟକାରୀ ବୋର୍ଡର ବୈଠକ ମେ ୯ରେ ହେବାକୁ ଯାଉଛି। ଯେଉଁଥିରେ ପାକିସ୍ତାନ ସହ ଚାଲିଥିବା ୩୭ ମାସର ବେଲଆଉଟ କାର୍ଯ୍ୟକ୍ରମ ଅନୁଯାୟୀ, ୧.୩ ବିଲିୟନ ଡଲାରର କର୍ମଚାରୀ ସ୍ତରର ବୁଝାମଣା ଉପରେ ଚର୍ଚ୍ଚା କରାଯିବ। ଯଦି ଆଇଏମଏଫର କାର୍ଯ୍ୟକାରୀ ବୋର୍ଡ ଦ୍ୱାରା ଏହାକୁ ମଞ୍ଜୁରୀ ମିଳୁଛି, ତେବେ ପାକିସ୍ତାନକର ଋଣ ପାଇବାର ସୀମା ୧ ବିଲିୟନ ଡଲାର ହୋଇଯିବ। ଆଉ କାର୍ଯ୍ୟକ୍ରମ ଅନୁଯାୟୀ, ସମୁଦାୟ ୨ ବିଲିୟନ ଡଲାର ମିଳିବ। ସେପଟେ ପୁଣି ଭାରତ ସହ ଜାରି ସୀମା ବିବାଦ ମଧ୍ୟରେ କାଙ୍ଗାଳ ସ୍ଥିତି ଦେଇ ଗତି କରୁଥିବା ପାକିସ୍ତାନ ଚୀନର ଦ୍ୱାରସ୍ଥ ହୋଇଛି। ଆଉ ସେଠି ମଧ୍ୟ ସାହାଯ୍ୟ ପାଇଁ ଗୁହାରି କରିଛି। ଯେଉଁଥିରୁ ସ୍ପଷ୍ଟ ହେଉଛି ପାକିସ୍ତାନ ଋଣ ଉପରେ କେତେ ନିର୍ଭରଶୀଳ। ଆଉ ଏମିତିରେ କୌଣସି ବଡ଼ ଝଟକା ନିଶ୍ଚୟ ପାକିସ୍ତାନକୁ କ୍ଷତିରେ ପକାଇବ।

## ପାକିସ୍ତାନରେ ନରସଂହାର: ୭ଜଣଙ୍କୁ ଗୁଳି କରି ହତ୍ୟା

କ୍ୱେଟା, ୨୯।୪: ପାକିସ୍ତାନର ବାଲୋଚିସ୍ତାନ ପ୍ରାନ୍ତରେ ହିଂସାର ଛାୟା ଲାଗି ରହିଛି। ଏହି ପ୍ରାନ୍ତର ଜିଆରଟ ଜିଲାରେ ଏକ ନିର୍ମମ ହତ୍ୟାକାଣ୍ଡରେ ୭ ଜଣ ସ୍ଥାନୀୟ ଲୋକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁସାରେ, ଏହି ସମସ୍ତ ବ୍ୟକ୍ତିଙ୍କୁ ଏକାସାଙ୍ଗରେ ଗୁଳି କରାଯାଇଥିଲା, ଯାହା ଏକ ପୂର୍ବପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସୂଚାଇଛି। ଏହି ଘଟଣା ବାଲୋଚିସ୍ତାନରେ ଚାଲିଥିବା ଅଶାନ୍ତି ଓ ମାନବାଧିକାର ଉଲ୍ଲଂଘନର ଏକ ଜଘନ୍ୟ ଉଦାହରଣ ବୋଲି ବିବେଚନା କରାଯାଉଛି। ସୂଚନା ଅନୁସାରେ, ଜିଆରଟ ଜିଲାର ଚୋଟିଆର ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତକମାନଙ୍କ ଶରୀରରେ ଗୁଳିଚିହ୍ନ ମିଳିଛି, ଯାହା ସେମାନଙ୍କୁ ନିକଟରୁ ଗୁଳି କରାଯାଇଥିବା ସୂଚାଇଛି। ଏହି ଘଟଣା ପରେ ସ୍ଥାନୀୟ ପୋଲିସ ଓ ନିରାପତ୍ତା ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାଲୋଚିସ୍ତାନ ପାକିସ୍ତାନର ସବୁଠାରୁ ବୃହତ ପ୍ରାନ୍ତ ହେଲେ ମଧ୍ୟ ଏହା ଦୀର୍ଘ ସମୟ ଧରି ଅଶାନ୍ତି ଓ ହିଂସାର କେନ୍ଦ୍ରସ୍ଥଳ ହୋଇ ରହିଛି। ବାଲୋଚ ବିଦ୍ରୋହୀ ଗୋଷ୍ଠୀମାନେ ପାକିସ୍ତାନ ସରକାରଙ୍କ ବିରୋଧରେ ସ୍ୱାଧୀନତା ପାଇଁ ଲଢୁଛନ୍ତି, ଏବଂ ଏହି ଅଞ୍ଚଳରେ ନିରାପତ୍ତା ବାହିନୀ ଓ ବିଦ୍ରୋହୀଙ୍କ ମଧ୍ୟରେ ନିୟମିତ ସଂଘର୍ଷ ଦେଖାଯାଉଛି। ଏହା ବ୍ୟତୀତ, ଅନେକ ମାନବାଧିକାର ସଂଗଠନ ବାଲୋଚିସ୍ତାନରେ ଅପହରଣ ଓ ଅତ୍ୟାଚାରର ଅଭିଯୋଗ ଆଣିଛନ୍ତି, ଯାହା ପାକିସ୍ତାନ ସରକାରଙ୍କ ଉପରେ ଗୁରୁତର ପ୍ରଶ୍ନ ଉଠାଇଛି।

## ଯୁଗମ ଇନୋଭେସନ କନକ୍ଲେଭ - ୨୦୨୫

# ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୯।୪(ପିଆଇବି): ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ ବୋଲି ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଯୁଗମ ଇନୋଭେସନ କନକ୍ଲେଭ - ୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶିକ୍ଷା ମନ୍ତ୍ରଣାଳୟ ଏବଂ ୱାଧୱାନୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଦେଶର ଭବିଷ୍ୟତ ଦେଶର ଯୁବପିଢିଙ୍କ ଉପରେ ନିର୍ଭରଶୀଳ । ଏଥିପାଇଁ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆଧୁନିକୀକରଣ କରୁଛୁ । ଦେଶରେ ନୂଆ ଶିକ୍ଷା ନୀତି ମଧ୍ୟ ପ୍ରଣୟନ କରାଯାଇଛି, ଯେଉଁ ନୀତିରେ ଶିକ୍ଷାକୁ ବିଶ୍ୱମାନର ମାପଦଣ୍ଡକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ଏହା ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ । ନ୍ୟାସନାଲ କରିକୁଲମ ଫ୍ରେମୱାର୍କ, ଲର୍ଣ୍ଣିଂ ଟିଚିଂ ମ୍ୟାଟେରିଆଲ ଏବଂ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟପୁସ୍ତକର ବିକାଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି କନକ୍ଲେଭରେ ଉପସ୍ଥିତ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯୁଗମ କନକ୍ଲେଭ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନବପ୍ରବର୍ତ୍ତକଙ୍କୁ ଗୋଟିଏ ମଞ୍ଚରେ ଆଣିବାର ପ୍ରୟାସ । ଆଜିର ଏହି ଆୟୋଜନ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଇନୋଭେସନ କାପାସିଟି ଏବଂ ଡିପଟେକରେ ଭାରତର ଭୂମିକାକୁ ବଢାଇବା ପ୍ରୟାସକୁ ଅଧିକ ଗତି ପ୍ରଦାନ କରିବ । ଯୁଗମ କନକ୍ଲେଭ ଦେଶର ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ ପରମ୍ପରାକୁ




ବଢାଇବା ଦିଗରେ ବଡ ଭୂମିକା ନିର୍ବାହ କରିବ । ଶ୍ରୀ ପ୍ରଧାନ କହିଛନ୍ତି, ଏକାଡେମିଆ, ଇଣ୍ଡଷ୍ଟ୍ରି ଏବଂ ଇନୋଭେଟର୍ସ ମଧ୍ୟରେ ସମନ୍ୱୟ, ସହଯୋଗ ଏବଂ ସମାନତା ବଢାଇବା ପାଇଁ ୧୪୦୦ କୋଟି ଟଙ୍କାର ଯେଉଁ ନୂଆ ପ୍ରକଳ୍ପର ମୂଳଦୁଆ ପଡିଛି, ତାହାର ସବୁଠୁ ଅଧିକ ଲାଭ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ(ଏଏନଆରଏଫ୍), ଆମର ଆଇଇଟି, ଆଇଆଇଏସସି ଏବଂ ଆମର ଯୁବା ଇନୋଭେଟରଙ୍କୁ ମିଳିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ କଳ୍ପନାକୁ ଆଗକୁ ବଢାଇବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ । ଆଜି ଦେଶରେ ଗବେଷଣା ଏବଂ ନବସୃଜନର ଯେଉଁ ପ୍ରେରଣାଦାୟୀ ବାତାବରଣ ତିଆରି ହୋଇଛି, ତାହା ପ୍ରଧାନମନ୍ତ୍ରୀ ମୋଦିଙ୍କ ହିମାଳୟ ସଦୃଶ ପ୍ରତିବଦ୍ଧତା ଏବଂ ଦୂରଦର୍ଶୀ ନେତୃତ୍ୱ କାରଣରୁ ସମ୍ଭବ ହୋଇଛି, ଯାହା ଦେଶର ଯୁବବର୍ଗଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଛି । ୨୦୧୪ରେ ପ୍ରଥମେ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ କେବଳ ୩ଟି ରିସର୍ଚ୍ଚ ପାର୍କ୍ ଥିଲା, ଯାହା ଏବେ ୬କୁ ବୃଦ୍ଧି ହୋଇଛି । ଭାରତ ସରକାରଙ୍କ ସାମୂହିକ ପ୍ରୟାସରେ ୧୩ ନୂଆ ରିସର୍ଚ୍ଚ ପାର୍କର ମଧ୍ୟ କଳ୍ପନା କରାଯାଇଛି ।

## ପାକିସ୍ତାନର ମୁଖା ଖୋଲିଲା ଭାରତ: ଆତଙ୍କବାଦକୁ ପାଳୁଥିବା ଦୁଷ୍ଟ ଦେଶ

ନୂଆଦିଲ୍ଲୀ, ୨୯।୪: ଜାତିସଂଘରେ ଭାରତର ଉପ-ସ୍ଥାୟୀ ପ୍ରତିନିଧି (ଡିପିଆର) ଯୋଜନା ପଟେଲ ପାକିସ୍ତାନକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଥିଲେ ଯେ ପାକିସ୍ତାନ ଏକ 'ଦୁଷ୍ଟ ଦେଶ' ଯାହା ଆତଙ୍କବାଦକୁ ଆଶ୍ରୟ ଦିଏ ଏବଂ ସମଗ୍ର ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରେ। ଯୋଜନା ପଟେଲ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ସାମ୍ପ୍ରତିକ ସାକ୍ଷାତକାରର ମଧ୍ୟ ଉଲ୍ଲେଖ କରିଥିଲେ, ଯେଉଁଥିରେ ସେ ସ୍ୱୀକାର କରିଥିଲେ ଯେ ପାକିସ୍ତାନରେ ଆତଙ୍କବାଦକୁ ପ୍ରୋତ୍ସାହିତ କରାଯାଇଛି । ପଟେଲ କହିଥିଲେ ଯେ ଯେତେବେଳେ ମନ୍ତ୍ରୀ ନିଜେ ଏହାକୁ ଗ୍ରହଣ କରୁଛନ୍ତି, ସେତେବେଳେ ଆଉ କିଛି କହିବାର ଆବଶ୍ୟକତା ନାହିଁ। ଏହା ପାକିସ୍ତାନ ନିଜକୁ ପ୍ରକାଶ କରୁଛି ।ଜାତିସଂଘର ଆତଙ୍କବାଦ ବିରୋଧୀ ବୈଠକରେ ଭାଷଣ ଦେଇ ଯୋଜନା ପଟେଲ କହିଛନ୍ତି, 'ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ




ଖ୍ୱାଜା ଆସିଫ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ଆତଙ୍କବାଦୀଙ୍କୁ ତାଲିମ ଦିଏ ଏବଂ ସେମାନଙ୍କୁ ଟଙ୍କା ମଧ୍ୟ ଦିଏ। ଏହା ସ୍ପଷ୍ଟ କରେ ଯେ ପାକିସ୍ତାନ ବିଶ୍ୱରେ ଆତଙ୍କବାଦ ବିସ୍ତାର କରୁଥିବା ଏକ ଦେଶ। ଏବେ ବିଶ୍ୱ ଏହି ବିପଦରୁ ମୁହଁ ଫେରାଇବା ଉଚିତ ନୁହେଁ।'ଯୋଜନା ପଟେଲ ୨୨ ଏପ୍ରିଲରେ ଜାତିସଂଘରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗ ଉଠାଇଥିଲେ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ। ସେ କହିଥିଲେ ଯେ ଏହି ଆକ୍ରମଣ ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଥିଲା। ସେ କହିଛନ୍ତି ଯେ ଭାରତ ଦୀର୍ଘ ସମୟ ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି ଏବଂ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କ ଦେଶରେ ଆତଙ୍କବାଦୀମାନଙ୍କୁ ତାଲିମ ଦିଆଯାଇଛି, ଏହା କିଛି ନୂଆ ନୁହେଁ, ପାକିସ୍ତାନ ପୂର୍ବରୁ ଏହା କରିଆସୁଛି ଏବଂ ଆଜି ମଧ୍ୟ କରୁଛି। ଜାତିସଂଘ ବୈଠକରେ, ପାକିସ୍ତାନର ନାମ ନ ନେଇ, ଯୋଜନା ପଟେଲ କହିଥିଲେ ଯେ ଏକ ଦେଶର ପ୍ରତିନିଧିମାନେ ଏହି ମଞ୍ଚର ଅପବ୍ୟବହାର କରିଛନ୍ତି ଏବଂ ଭାରତ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ପହଲଗାମ ଆକ୍ରମଣ ପରେ ଭାରତକୁ ସମର୍ଥନ କରିବା ପାଇଁ ଯୋଜନା ପଟେଲ ଜାତିସଂଘ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଥିଲେ ଯେ ଭାରତ ଆତଙ୍କବାଦର ପୀଡିତମାନଙ୍କୁ କେବେ ଭୁଲିବ ନାହିଁ ଏବଂ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଯଥାସମ୍ଭବ ପ୍ରୟାସ କରିବ।

## ଦେବେନ୍ଦ୍ର ଫଡ଼ନବିସଙ୍କ ଘୋଷଣା

### ପହଲଗାମ ମୃତକଙ୍କ ପରିବାରକୁ ୫୦-୫୦ ଲକ୍ଷ ଟଙ୍କା, ସରକାରୀ ଚାକିରି

ନୂଆଦିଲ୍ଲୀ, ୨୯।୪: ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପାଇଁ ମହାରାଷ୍ଟ୍ର ସରକାରଙ୍କ ବଡ଼ ଘୋଷଣା । ମୃତକଙ୍କ ପରିବାର ପାଇଁ ୫୦-୫୦ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ । ଏହାସହ ପୀଡ଼ିତଙ୍କ ପିଲାଙ୍କୁ ମାଗଣା ଶିକ୍ଷା ଓ ପରେ ସରକାରୀ ଚାକିରି ମଧ୍ୟ ଦିଆଯିବ। ଗୁରୁବାର କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ଏହି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମହାରାଷ୍ଟ୍ରର ୬ ଜଣଙ୍କ ମୃତ୍ୟୁ ହୋଇଥିଲା । ଫଡ଼ନବିସ କହିଛନ୍ତି ଯେ ପୀଡ଼ିତଙ୍କ ସହ ଆମ ସରକାର ଛିଡ଼ା ହୋଇଛନ୍ତି । ଅନ୍ୟପଟେ ରାଜ୍ୟପାଳ ସି ପି ରାଧାକ୍ରିଷ୍ଣନ ପହଲଗାନ ଆତଙ୍କୀ ଆକ୍ରମଣ ଉପରେ ବିବାଦୀୟ ଟିପ୍ପଣୀ ଲାଗି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ କିଛି ପାର୍ଟି ଓ ସେମାନଙ୍କ ପଦାଧିକାରୀ ସ୍ଥିତିର ରାଜନୈତିକ ଲାଭ ନେବାକୁ ଚାହୁଁଛନ୍ତି । ରାଜ୍ୟପାଳ କହିଛନ୍ତି, 'ବିଷୟ ପୂରା ସ୍ପଷ୍ଟ...ସେମାନେ ଆମ ଦେଶ ଭିତରେ ଅଶାନ୍ତି ସୃଷ୍ଟି କରିବାକୁ ଚାହୁଁଛନ୍ତି । ପାକିସ୍ତାନ ଲଗାତାର ଏପରି କରୁଛି ।

## ଚୀନରେ ହୁତୁହୁତୁ ହୋଇ ଜଳିଲା ରେସ୍ତୋରାଁ: ୨୨ ମୃତ



ନୂଆଦିଲ୍ଲୀ, ୨୯।୪: ଚୀନରେ ଭୟଙ୍କର ଅଗ୍ନିକାଣ୍ଡ। ହୁତୁହୁତୁ ହୋଇ ଜଳିଲା ରେସ୍ତୋରାଁ । ଭୀଷଣ ଭାବେ ନିଆଁ ଲାଗିବା ଯୋଗୁ ୨୨ଜଣ ପ୍ରାଣ ହରାଇଛନ୍ତି। ସେହିପରି ୩ଜଣ ଆହତ ହୋଇଛନ୍ତି । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ରେସକ୍ୟୁ ଟିମ୍ ଗୁରୁତରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଏଯାଏଁ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସ୍ଥାନୀୟ ମିଡିଆ ରିପୋର୍ଟ ମୁତାବକ, ଚୀନର ପୂର୍ବ ସ୍ଥିତ ଲିୟାଓନିଙ୍ଗ ପ୍ରାନ୍ତର ଲିୟାଓୟାଙ୍ଗ ସହରରେ ଏହି ଅଗ୍ନିକାଣ୍ଡ ଘଟିଛି। ଦ୍ୱିପ୍ରହର ପ୍ରାୟ ୧୨.୨୫ ମିନିଟରେ ଏକ ରେସ୍ତୋରାଁରେ ଅଚାନକ ନିଆଁ ଲାଗିଯାଇଥିଲା । କ୍ଷଣକ ମଧ୍ୟରେ ନିଆଁ ଭୀଷଣ ରୂପ ଧାରଣ କରି ପୂରା ରେସ୍ତୋରାଁକୁ କବଜା କରିଥିଲା । ଯାହାଫଳରେ ହୋଟେଲ ଭିତରରୁ ଲୋକେ ବାହାରିବାକୁ ସୁଯୋଗ ପାଇନଥିଲେ । ଭୟଙ୍କର ଦୁର୍ଘଟଣାରେ ୨୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ରାଷ୍ଟ୍ରପତି ସି. ଜିନପିଙ୍ଗ ଘଟଣାକୁ ନେଇ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏହାସହିତ ଗୁରୁତରଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। । ଏହି ଭୟାବହ ଅଗ୍ନିକାଣ୍ଡରେ ୨୦ଜଣ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ସେହିପରି ଅନେକ ଲୋକ ଗୁରୁବାର ଭାବେ ଆହତ ହୋଇଥିଲେ ।

## ଜିପଲାଇନ୍ ଅପରେଟରକୁ ହେପାଜତକୁ ନେଲା ଏନଆଇଏ

### ୩ ଥର 'ଆଲ୍ଲା ହୁ ଆକବର' କହି ମୁଣ୍ଡ ହଲାଇଥିଲେ

ନୂଆଦିଲ୍ଲୀ, ୨୯।୪: ପହଲଗାମ ଆତଙ୍କୀ ଆକ୍ରମଣର ଏବେ ଆଉ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ଦେଖିଲେ ପ୍ରତି ଭାରତୀୟଙ୍କ ଲୋମ ଟାଙ୍କୁରି ଉଠିବ। ରିଷି ଭଟ୍ଟ ନାମକ ଜଣେ ବ୍ୟକ୍ତିଙ୍କ କିଛି ଭିଡିଓ ଏବଂ ଫଟୋ ସାମ୍ନାକୁ ଆସିଛି। ଏହି ଭିଡିଓଗୁଡ଼ିକ ଏପ୍ରିଲ ୨୨ ତାରିଖରେ ପହଲଗାମ ଅଞ୍ଚଳରେ ସୁଟ୍ କରାଯାଇଥିଲା। ଅହମଦାବାଦ ବାସିନ୍ଦା ରିଷି ଭଟ୍ଟଙ୍କ ଭିଡିଓରେ, ତଳେ ଗୁଳି ବର୍ଷା ହେଉଥିବା ସମୟରେ ସେ ଜିପ୍ ଲାଇନିଂ କରୁଥିବାର ଦେଖାଯାଉଛି। ସବୁଠୁ ବଡ଼ କଥା ହେଉଛି ଯେ ଆତଙ୍କବାଦୀ ଆକ୍ରମଣ ପରେ ମଧ୍ୟ ଜିପଲାଇନ୍



ଅପରେଟର ସେମାନଙ୍କୁ ଜିପଲାଇନରେ ମୃତ୍ୟୁମୁଖକୁ ଠେଲିଦେଇଥିଲେ। ତଥାପି, ରିଷିଙ୍କ ଜୀବନ ରକ୍ଷା ପାଇଗଲା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଯେତେବେଳେ ଜିପଲାଇନ୍ ଅପରେଟର ରିଷିଙ୍କୁ ତଳକୁ ଛାଡିଥିଲେ, ସେତେବେଳେ ଆତଙ୍କବାଦୀମାନେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ, ସେତେବେଳେ ସେ ଆଲ୍ଲା ହୁ ଆକବର କହିଥିଲେ। ବର୍ତ୍ତମାନ, ଏନଆଇଏ ସେହି ଜିପଲାଇନ୍ ଅପରେଟରଙ୍କୁ ହେପାଜତକୁ ନେଇଛି। ରିଷି କହିଛନ୍ତି ଯେ ତାଙ୍କ ସ୍ତ୍ରୀ ପ୍ରଥମେ ଜିପଲାଇନରେ ଯାଇଥିଲେ। ଏହା ପରେ ତାଙ୍କ ପୁଅ ଏବଂ ସେ ତୃତୀୟ ଥର ପାଇଁ ଗଲେ। ସେ କହିଥିଲେ ଯେ ଘରକୁ ଫେରିବା ପରେ ଯେତେବେଳେ ସେ ଭିଡିଓଟି ଦେଖିଲେ, ସେ ଆଶ୍ଚର୍ଯ୍ୟ ହୋଇଗଲେ। ସେ ଦେଖିଲେ ଯେ ପହଲଗାମର ଜିପଲାଇନ୍ ଅପରେଟର ତାଙ୍କୁ ଛାଡ଼ିବା ପରେ ତିନିଥର ମୁଣ୍ଡ ହଲାଇ ଆଲ୍ଲା ହୁ ଆକବର କହିଥିଲେ। ଜିପ୍ ଲାଇନ ଅପରେଟର 'ଆଲ୍ଲାହ ହୁ ଆକବର' କହିବା ପରେ, ଦ୍ରୁତ ଗତିରେ ଗୁଳିଚାଳନା ଆରମ୍ଭ ହୋଇଥିଲା।

## ବସ୍ତିରେ ଚାଲିଲା ବୁଲଡୋଜର, ୮୦୦ ଗିରଫ

ଅହମଦାବାଦ, ୨୯।୪: ପହଲଗାମ ଆକ୍ରମଣ ପରେ, ଅନେକ ରାଜ୍ୟର ପୋଲିସ ଅବୈଧ ଶରଣାର୍ଥୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ନିକଟରେ, ଗୁଜରାଟ ପୋଲିସ ସୁରଟ ଏବଂ ଅହମ୍ମଦାବାଦରୁ ୧୦୦୦ରୁ ଅଧିକ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଥିଲା। ସେହି ସମୟରେ, ଏବେ ପୋଲିସ ଚାନ୍ଦୋଲା ହ୍ରଦ ନିକଟରେ ନିର୍ମିତ ବାଂଲାଦେଶୀ ବସ୍ତି ଉପରେ ଚଢାଉ କରିଛି। ଚାନ୍ଦୋଲା ହ୍ରଦ ପାଖରେ ଗଢ଼ି ଉଠିଥିବା ସମସ୍ତ ବସ୍ତି ଧୂଳିସାତ୍ ହୋଇଯାଇଛି। ଏହି ସମଗ୍ର ଅଞ୍ଚଳରେ ଅବୈଧ ବାଂଲାଦେଶୀ ଶରଣାର୍ଥୀମାନେ ରହୁଥିଲେ। ଏବେ ପୋଲିସ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୮୦୦ରୁ ଅଧିକ ଲୋକଙ୍କୁ ଗିରଫ କରିଥିଲା। ଚାନ୍ଦୋଲା ହ୍ରଦ ଅଞ୍ଚଳରେ ବୁଲଡୋଜର ଚଳାଇବା ପୂର୍ବରୁ, ପୋଲିସ ସମଗ୍ର ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେଇଥିଲା। ଏହା ପରେ, ୫୦ଟି ଜେସିବି ମେସିନ ଏବଂ ୩୦ଟି ଏମଏମସି ଡମ୍ପର ଡକାଯାଇଥିଲା। ଏହି ସମୟରେ ଘଟଣାସ୍ଥଳରେ ୨୦୦୦ରୁ ଅଧିକ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ବସ୍ତି ଉପରେ କାର୍ଯ୍ୟାନୁଷ୍ଠାନ ସମୟରେ, ୮୦୦ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିଲା,

## ସୁପ୍ରିମକୋର୍ଟଙ୍କ ସ୍କାନରରେ ଦିଲ୍ଲୀର ସୁପରଟେକ୍ ପ୍ରକଳ୍ପ: ଯାଞ୍ଚ ପାଇଁ ସିବିଆଇକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୯।୪: ଖାଦ୍ୟ, ବସ୍ତ୍ର ପରି ମଣିଷର ମୌଳିକ ସୁବିଧାରେ ବାସଗୃହ ନିହାତି ଜରୁରୀ । ଘରେ ଖଣ୍ଡେ କିଣିବାକୁ ସମସ୍ତେ ଚାହାଁନ୍ତି । ସେ ବି ଯଦି ଦିଲ୍ଲୀ-ଏନସିଆର୍ ମିଳିବ ତାହାଲେ ଖୁସି ଦୁଇଗୁଣା । ହେଲେ ଘର ଟିଏ କିଣିବାକୁ ମଣିଷକୁ ଅନେକ ପରିଶ୍ରମ କରିବାକୁ ପଡ଼େ, ଯିଏ କିଣିଛି ସେ ହିଁ ଜାଣିଛି । ଘର ରେଜିଷ୍ଟ୍ରାସନ ପର୍ଯ୍ୟନ୍ତ ଅନେକ ସମସ୍ୟା ଦେଇ ମଣିଷ ଗତି କରିଥାଏ । ତେବେ ଏହାରି ଭିତରେ ସୁପ୍ରିମକୋର୍ଟ ଏନସିଆରରେ ଥିବା ସୁପରଟେକ୍ ପ୍ରକଳ୍ପକୁ ନେଇ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ପ୍ରକଳ୍ପ ବିରୋଧରେ ପାରମ୍ଭିକ ଯାଞ୍ଚ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ନ୍ୟାୟମୂର୍ତ୍ତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ୍ ଏନ କୋଟିଶ୍ୱର ସିଂହଙ୍କ ଦୁଇ ଜଣିଆ ଖଣ୍ଡପୀଠ ସିବିଆଇ ଦ୍ୱାରା ଦାୟର ହୋଇଥିବା ଆବେଦନର ଶୁଣାଣି କରିଛନ୍ତି । ଏଥିରେ ଅଦାଲତ ଉତ୍ତର ପ୍ରଦେଶ ଓ ହରିୟଣାର ଡିଜିପିକୁ ଯାଞ୍ଚ ପାଇଁ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ କମିଟି ସଦସ୍ୟ ତଥା ଡିଏସପି, ଇନିସପେକ୍ଟର, କନଷ୍ଟବଳଙ୍କ ସୂଚୀ ଦେବାକୁ ସିବିଆଇକୁ କହିଛନ୍ତି।

## ପେଗାସସ୍ ମାମଲାରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

# ଦେଶ ଆତଙ୍କବାଦୀଙ୍କ ବିରୋଧରେ ଗୁଇନ୍ଦାଗିରି କଲେ, ଏଥିରେ ଭୁଲ କ'ଣ ?

ନୂଆଦିଲ୍ଲୀ, ୨୯।୪: ଯଦି ସରକାର ଆତଙ୍କବାଦ ବିରୋଧରେ ଗୁଇନ୍ଦାଗିରି କରୁଛନ୍ତି ତେବେ ଏଥିରେ ଭୁଲ କଣ ? ସୁପ୍ରିମକୋର୍ଟ ମଙ୍ଗଳବାର ପେଗାସସ୍ ମାମଲାରେ ଶୁଣାଣି ବେଳେ ଏହି ଟିପ୍ପଣୀ କରିବା ସହ ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି । ଏହାସହ ସୁପ୍ରିମକୋର୍ଟ କହିଛନ୍ତି ଯେ ଏପରି କୌଣସି ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ, ଯାହା ଦେଶର ସୁରକ୍ଷା ଓ ଅଖଣ୍ଡତା ସହ ଜଡ଼ିତ ଥିବ । ତେବେ ସୁପ୍ରିମକୋର୍ଟ ସଂକେତ ଦେଇଛନ୍ତି ଯେ ସେ ବ୍ୟକ୍ତିର ଗୋପନୀୟତାର ଉଲ୍ଲଂଘନର ବ୍ୟକ୍ତିଗତ ଆଶଂକା ଉପରେ ବିଚାର କରିପାରନ୍ତି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂହ ଖଣ୍ଡପୀଠ କହିଛନ୍ତି ଯେ ବୈଷୟିକ ସମିତିର ରିପୋର୍ଟ ଉପରେ ରାସ୍ତାରେ ଚର୍ଚ୍ଚା ନହେବା ଦରକାର। ଜଣେ ଆବେଦନକାରୀଙ୍କ ପକ୍ଷରୁ



ହାଜର ହୋଇ ଓକିଲ ଦିନେଶ ଦ୍ୱିବେଦୀ ଶୁଣାଣି ବେଳେ କହିଥିଲେ, 'ପ୍ରଶ୍ନ ଏହା ଯେ କଣ ସରକାରଙ୍କ ସ୍ପାଇୱେର ସଫ୍ଟୱେର ଅଛି ଓ କ'ଣ ସେ ଏହାକୁ ବ୍ୟବହାର କରିପାରିବେ କି ? ଯଦି ସରକାରଙ୍କ ପାଖରେ ଏହା ଅଛି ତେବେ ଏହାର ବ୍ୟବହାରକୁ କେହି ରୋକି ପାରିବେ ନାହିଁ ।' ଏହା ଉପରେ ଖଣ୍ଡପୀଠ କହିଥିଲେ, 'ଯଦି ଦେଶ ଆତଙ୍କବାଦୀଙ୍କ ବିରୋଧରେ ସ୍ପାଇୱେର ବ୍ୟବହାର କରୁଛି, ତେବେ ଏଥିରେ ଭୁଲ କଣ ? ସ୍ପାଇୱେର ରଖିବା ଭୁଲ ନୁହେଁ, ପ୍ରଶ୍ନ ହେଉଛି ଏହା କାହା ବିରୋଧରେ ବ୍ୟବହାର ହେଉଛି । ଦେଶର ସୁରକ୍ଷା ସହ କୌଣସି ସାଲିସ କରାଯିବ ନାହିଁ । ସାଧାରଣ ନାଗରିକଙ୍କ ସମ୍ବିଧାନ ଅଧିନରେ ଗୋପନୀୟତାର ଅଧିକାର ସୁରକ୍ଷିତ ରଖାଯିବ ।' ଖଣ୍ଡପୀଠ କହିଛନ୍ତି, 'କୌଣସି ରିପୋର୍ଟ ଯାହା ଦେଶର ସୁରକ୍ଷା ଓ ଅଖଣ୍ଡତା ସହ ଜଡିତ ଥିବ, ତାକୁ ଆଦୌ ହାତ ମରାଯିବ ନାହିଁ । କିନ୍ତୁ ବ୍ୟକ୍ତିଗତ ରୂପେ ଯଦି କେହି ଜାଣିବାକୁ ଚାହାନ୍ତି ଯେ ରିପୋର୍ଟ ସେ ସାମିଲ ଅଛନ୍ତି କି ନାହିଁ, ତାର ସୂଚନା ଦିଆଯାଇପାରିବ । କିନ୍ତୁ ରିପୋର୍ଟ ଏପରି ଦସ୍ତାବଜ ହେବ ନାହିଁ, ଯାହାକୁ ରାସ୍ତା ଉପରେ ବି ଚର୍ଚ୍ଚା କରାଯିବ । ବୈଷୟିକ କମିଟି ରିପୋର୍ଟରୁ କେଉଁ କେଉଁ ତଥ୍ୟ ସମ୍ବନ୍ଧିକ ବ୍ୟକ୍ତିଙ୍କ ସହ ସେୟାର କରାଯାଇପାରିବ ତାର ଯାଞ୍ଚ ସୁପ୍ରିମକୋର୍ଟ କରିବେ । ମାମଲାର ପରବର୍ତ୍ତୀ ଜୁଲାଇ ୩୦ରେ ହେବ । ଉଲ୍ଲେଖଯୋଗ୍ୟ ପେଗାସସ୍ ଏକ ଇସ୍ରାଏଲୀ ସଫ୍ଟୱେର । ଏହାକୁ ମୋବାଇଲ୍ ଫୋନ୍ ହ୍ୟାକ୍ କରି ନଜର ରଖିବା ପାଇଁ ବ୍ୟବହାର କରାଯାଇଥାଏ । ୨୦୨୧ରେ ଅନେକ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ ଭାରତରେ ଅନେକ ସାମ୍ବାଦିକ, ନେତା ଓ ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ଫୋନର ଗୁଇନ୍ଦାଗିରି କରାଯାଇଥିଲା । ଏହାପରେ ସୁପ୍ରିମକୋର୍ଟ ଏହି ମାମଲାର ନିରପେକ୍ଷ ତଦନ୍ତ ଆଦେଶ ଦେଇଥିଲେ । ୨୦୨୧ରେ ସୁପ୍ରିମକୋର୍ଟ ପେଗାସସ ମାମଲାର ତଦନ୍ତ ପାଇଁ ବୈଷୟିକ କମିଟି ଓ ଏକ ନିରୀକ୍ଷମ କମିଟି ଗଠନ କରିଥିଲେ ।

## ପିପିଲି ବିଧାୟକଙ୍କ ଡ୍ରାଇଭରକୁ ଆକ୍ରମଣ



ପିପିଲି(ନିପ୍ର): ପୁରୀ ଜିଲ୍ଲା ପିପିଲି ବ୍ଲକ ବରଜୁପାଟଣା ଗ୍ରାମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଗାଡି ଓ ତାଙ୍କ ଡ୍ରାଇଭରଙ୍କୁ ଆକ୍ରମଣ ହୋଇଛି । ଆକ୍ରମଣର ଶିକାର ହୋଇଥିବା ଡ୍ରାଇଭର ପିପିଲି ଥାନାରେ ଲିଖିତ ଅଭିଯୋଗ କରିବାରେ ପିପିଲି ଥାନା କେସ ନଂ ୨୬୨/୨୫ ମାମଲା ଆଗତ କରାଯାଇଛି ଏବଂ ସମ୍ପୃକ୍ତ ଅଭିଯୁକ୍ତ ବିଭୁନା ବେହେରା (୪୨)କୁ ପୋଲିସ ଗିରଫକରି ପିପିଲି ଜୁଡ଼ିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରିଛି । ବରଜୁପାଟଣା ଗ୍ରାମରେ ପିପିଲି ବିଧାୟକ ଓ ପୁରୀ ସାଂସଦ ସମ୍ବିତ ପାତ୍ର ଆୟୁଷ୍ମାନ କାର୍ଡ ବଣ୍ଟନ କରିବା ପାଇଁ ପହଞ୍ଚିବା ପରେ ଗାଡିରୁ ଓହ୍ଲାଇ ଯାଇଥିଲେ । ତାଙ୍କ ଗାଡ଼ି ସେଠାରୁ କିଛି ବାଟ ଆସିବା ପରେ ବିଭୁନା ବେହେରା ମଦ୍ୟପାନ କରି ମଟର ସାଇକଲ ଆଣି ବିଧାୟକଙ୍କ ଗାଡ଼ିକୁ ଧକ୍କା ଦେଇଥିଲା । ଏଥିସହ ଗାଡ଼ିକୁ ବାଡେଇବା ସହିତ ଏକ ପ୍ଲାଷ୍ଟିକ ଚେୟାରରେ ଡ୍ରାଇଭରକୁ ଆକ୍ରମଣ କରିଥିଲା । ଏଥିରେ ଗାଡ଼ିର ଗ୍ଲାସ୍ ସ୍ଲାଇଡ୍ରରର ରଡ଼ ଭାଙ୍ଗିବା ସହିତ ଡ୍ରାଇଭରର ଗଞ୍ଜୀ ଚିରି ବେକ, ହାତ ଓ ମୁଣ୍ଡ ରେ ଆଘାତ ଲାଗିଛି । ଏହି ଘଟଣା ପରେ ପୋଲିସ୍ ପହଞ୍ଚି ଅସାମାଜିକ ଯୁବକକୁ ଥାନାକୁ ଉଠାଇ ଆଣିଥିଲା ।

## ମଲ୍‌ଟି ଲେବଲ ମାର୍କେଟିଂ ସ୍କାମ: ସାଇବର ଠକକୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ନିପ୍ର): ମଲ୍‌ଟି ଲେବଲ ମାର୍କେଟିଂ ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ସ୍ୱସ୍ତିକ ନାୟକ ଓରଫ ସୋନୁ (୨୭) ଓ ତାଙ୍କ ଘର ଇନଫୋସିଟି ଥାନା ଅନ୍ତର୍ଗତ କଳାରାହାଙ୍ଗ ଶ୍ରୀନିବାସରେ ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଅନଲାଇନରେ ମଲ୍‌ଟି ଲେବଲ ମାର୍କେଟିଂ ନାଁରେ ବହୁ ଲୋକଙ୍କୁ ପୁଞ୍ଜି ନିବେଶ କରିବାକୁ ଅଫର ଦେଇଥାନ୍ତି । ପରବର୍ତ୍ତୀ ସମୟରେ ଯଦି କେହି ବ୍ୟକ୍ତି ଟଙ୍କା ନିବେଶ କରିଥାନ୍ତି ତେବେ ତାକୁ ସଂପୂର୍ଣ୍ଣ ଭାବେ ଅଭିଯୁକ୍ତ ସ୍ୱସ୍ତିକ ଚଲୁ କରି ଦେଇଥାଏ । ସେହିପରି ଯାଜପୁର ଅଂଚଳର ପୂର୍ଣ୍ଣାବତୀ ପଣ୍ଡା ନାମକ ଜଣେ ଯୁବତୀ ଯିଏକି ବାଙ୍ଗୋଲରରେ ସଫ୍‌ଟୱେୟାର କଂପାନୀରେ କାର୍ଯ୍ୟ କରନ୍ତି । ସେ ମଧ୍ୟ ଏଭଳି ସମାନ ଠକେଇର ଶିକାର ହେବା ପରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ଏନେଇ ପୋଲିସ ଏକ ଠକେଇ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱସ୍ତିକକୁ ଗିରଫ କରିଛି । ଏଥିସହ ପୋଲିସ ଏହି ମାମଲାରେ ଅଭିଯୁକ୍ତ ଠାରୁ ୮ ଲକ୍ଷ ୩୨ ହଜାର ଟଙ୍କା ଜବତ ମଧ୍ୟ କରିଛି ।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲର ଧମକ, ଯୁବକ ଗିରଫ

ଭୁବନେଶ୍ୱର(ନିପ୍ର): ଜଣେ ଯୁବତୀଙ୍କୁ ପ୍ରେମ କରିବା ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଅଜାଣତରେ ତାଙ୍କର କିଛି ଅଶ୍ଳୀଳ ଫଟୋ ଉତ୍ତୋଳନ କରି ଏହାକୁ ଭାଇରାଲ କରିବାର ଧମକ ଦେବା ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତର ନାମ ସୁମିତ କୁମାର ଦାଶ ଓ ତାଙ୍କ ଘର ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅନ୍ତର୍ଗତ ଦାସସାହିରେ ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଜଣେ ଯୁବତୀଙ୍କୁ ଗତ ୫ ବର୍ଷ ଧରି ପ୍ରେମ କରୁଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସଂର୍ପକ ରଖିଥିଲେ । ଏପରିକି ଯୁବତୀଙ୍କ ଅଜାଣତରେ ଯୁବକ ଜଣଙ୍କ ତାଙ୍କର କିଛି ଅଶ୍ଳୀଳ ଫଟୋକୁ ଉତ୍ତୋଳନ କରି ନିଜ ଫୋନରେ ରଖିଥିଲେ । ଉଭୟଙ୍କ ସଂର୍ପକରେ ଫାଟ ହେବା ପରେ ଯୁବତୀ ଜଣଙ୍କ ଅଭିଯୁକ୍ତ ସୁମିତଙ୍କ ନିକଟରୁ ଦୂରେଇ ଯାଇଥିଲେ । ପରବର୍ତ୍ତୀ ସମୟରେ ସୁମିତ ନିଜ ପାଖରେ ରଖିଥିବା ଯୁବତୀଙ୍କ ଫଟୋକୁ ଭାଇରାଲ କରାଇ ଦେବାର ଧମକ ଦେଇଥିଲେ । ଏପରିକି ଏଥିପାଇଁ ୧୦ ଲକ୍ଷ ଟଙ୍କା ମାଗିଥିଲେ । ଫଳରେ ଯୁବତୀ ଜଣଙ୍କ ବାଧ୍ୟ ହୋଇ ସାଇବର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ସୁମିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ଭୁବନେଶ୍ୱର(ନିପ୍ର): ପ୍ରେମ, ପ୍ରତାରଣା ଲାଗତ ରାଜଧାନୀରେ ଜଣେ ଯୁବକ ଜୀବନ ହାରିଛନ୍ତି । ଭୁବନେଶ୍ୱର ବରମୁଣ୍ଡା ଦଳିତ ସାହିରେ ଜଣେ ୨୨ ବର୍ଷୀୟ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି । ପ୍ରେମରେ ପ୍ରତାରଣା ପରେ ଯୁବକ ଜଣକ ନିଜ ଜୀବନ ହାରିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ମୃତକ ହେଲେ ରାହୁଲ ଗୋଛାୟତ । ଏନେଇ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ରାହୁଲ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ । ଦୁହେଁ ମନ୍ଦିରରେ ବାହା ମଧ୍ୟ ହୋଇଥିଲେ । କିନ୍ତୁ ଯୁବତୀ ତାଙ୍କ ସହ ପ୍ରତାରଣା କରି ଅନ୍ୟ ଜଣେ ଯୁବକଙ୍କ ସହ ସଂପର୍କ ରଖିଥିଲେ । ରାହୁଲ କିଛି ରୋଜଗାର କରୁନଥିବାରୁ ଚାପ ପକାଉଥିଲେ । ଯୁବତୀଙ୍କ ଚାପରେ ରାହୁଲ ଜୀବନ ହାରିଥିବା ଘରଲୋକେ ଅଭିଯୋଗ ଆଣିଛନ୍ତି । ଏଥିସହ ସଂପୃକ୍ତ ଯୁବତୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ଗତକାଲି ସନ୍ଧ୍ୟାରେ ଝୁଲନ୍ତା ଅବସ୍ଥାରେ ରାହୁଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏହା ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଥିଲେ ହେଁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି । ପୋଲିସ ମୃତଦେହ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ପୂର୍ବ ବିବାଦକୁ ନେଇ ଯୁବକଙ୍କୁ ଅପହରଣ ଓ ମୁଣ୍ଡ ଜାମିନ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ଯୁବକଙ୍କୁ ଅପହରଣ ସହ ମୁଣ୍ଡ ଜାମିନ ରଖିବା ଅଭିଯୋଗରେ ବଡଗଡ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବାଲିଅନ୍ତାର ସୁନୀଲ ରାଉତ ଓରଫ ସିଲୁ । ପୁରୀ ଜିଲ୍ଲା ନିମାପଡ଼ାର ମିଳନ ହାତୀ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଅଭିଯୋଗକାରୀ, ମିଳନ ହାତୀ, ଜଣେ ରାସ୍ତା ସର୍ଭେୟର ଭାବରେ କାର୍ଯ୍ୟ କରନ୍ତି । ୩୧.୦୩.୨୦୨୫ ଦିନ ଅପରାହ୍ନରେ, ସେ ବ୍ୟକ୍ତିଗତ କାମ ପାଇଁ ଭୁବନେଶ୍ୱରରେ ଥିଲେ । ଅଭିଯୁକ୍ତ, ବୁଇପଡ଼ା ଗ୍ରାମର ସୁନୀଲ ରାଉତ, ମିଳନଙ୍କ ଭାଉଜ ଗୀତାଞ୍ଜଳି ହାତୀଙ୍କ ଜଣେ ଜଣାଶୁଣା ସହଯୋଗୀ, ଯାହାଙ୍କ ସହିତ ମିଳନର ଦୀର୍ଘକାଳୀନ ପାରିବାରିକ ବିବାଦ ଥିଲା । ପ୍ରତିଶୋଧ ନେବା ପାଇଁ, ଗୀତାଞ୍ଜଳି ହାତୀ ସୁନୀଲ ରାଉତଙ୍କ ସହ ତାଙ୍କୁ କ୍ଷତି ପହଂଚାଇବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି । ସେମାନଙ୍କ ଯୋଜନା ଅନୁଯାୟୀ, ୩୧.୦୩.୨୦୨୫ ଦିନ ଅପରାହ୍ନ ପ୍ରାୟ ୪:୦୦ ଟାରେ, ସୁନୀଲ ରାଉତ ମିଳନଙ୍କୁ ଡାକି ସାଇ ମନ୍ଦିର ନିକଟରେ ଭେଟିବାକୁ କହିଥିଲେ । ଯେତେବେଳେ ମିଳନ ପହଂଚିଲେ, ସୁନୀଲ ଏବଂ ଦୁଇଜଣ ଅଜଣା ବ୍ୟକ୍ତି ତାଙ୍କୁ ଜୋରଜବରଦସ୍ତ କାବୁ କରିନେଲେ, ଏକ ଛୁରୀ ଦେଖାଇଲେ, ତାଙ୍କ ଫୋନ୍ ଛଡ଼ାଇ ନେଲେ ଏବଂ ଧମକ ଦେଲେ । ଭୟରେ ମିଳନ ସେମାନଙ୍କ ବାଇକ୍‌ରେ ବସି ବୁଧିପଡ଼ା ନିକଟସ୍ଥ ଏକ ନିର୍ଜନ ଜଙ୍ଗଲକୁ ନେଇଗଲେ । ସେଠାରେ ଅଭିଯୁକ୍ତମାନେ ତାଙ୍କୁ ବିଧା, ଲାତ ଏବଂ କାଠ ପଟାରେ ପିଟିଲେ, ଯାହା ଫଳରେ ଗୁରୁତର ଆଘାତ ଲାଗିଲା ଏବଂ ପ୍ରବଳ ରକ୍ତସ୍ରାବ ହେଲା । ସେମାନେ ମିଳନର ପରିବାରକୁ ତାଙ୍କ ଫୋନ୍‌ରୁ ଫୋନ୍ କରି ୫୦,୦୦୦ ଟଙ୍କା ଦାବି କଲେ, ତାଙ୍କ ଠାରୁ ୭,୦୦୦ ଟଙ୍କା ମଧ୍ୟ ଛଡ଼ାଇ ନେଲେ । ପ୍ରାୟ ଚାରି ଘଂଟା ଧରି ଆକ୍ରମଣ ଜାରି ରହିଲା, ଯାହା ପରେ ଅଭିଯୋଗକାରୀ ମିଳନ ହାତୀ ଗୁରୁତର ଆଘାତ ଯୋଗୁଁ ଚେତାଶୂନ୍ୟ ହୋଇଗଲେ । ତାଙ୍କର ମୃତ୍ୟୁ ହୋଇଯାଇଥିବା ବିଶ୍ୱାସ କରି, ଅଭିଯୁକ୍ତମାନେ ତାଙ୍କ ମୋବାଇଲ୍ ଫୋନ୍‌କୁ ତାଙ୍କ ଟ୍ରାଉଜର ପକେଟରେ ରଖି ବଲାଇଂଟା ମେନ୍ ରୋଡ୍ ନିକଟରେ ଛାଡ଼ି ପଳାଇଗଲେ । ପରେ, ମିଳନ ଚେତା ଫେରି ପାଇଲେ ଏବଂ ତାଙ୍କ ପରିବାରକୁ ଫୋନ୍‌ରେ ଜଣାଇବାରେ ସଫଳ ହେଲେ । ପିସିଆର କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଡିସଚାର୍ଜ ହେବା ପରେ, ସେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କଲେ । ୨୮.୦୪.୨୦୨୫ ଦିନ ପ୍ରାୟ ୩:୩୦ ସମୟରେ, ବିଶ୍ୱସ୍ତ ସୂଚନା ପୋଲିସକୁ କେଶୁରା ଛକକୁ ନେଇଗଲା, ଯେଉଁଠାରେ ଅଭିଯୁକ୍ତଙ୍କୁ ଦେଖାଯାଇଥିଲା । ଖସିଯିବାକୁ ଚେଷ୍ଟା କରିବା ସମୟରେ, ଅଭିଯୁକ୍ତ ମନଗରାଜ ପଏଂଟ ନିକଟରେ ତାଙ୍କ ଗାଡ଼ିକୁ ଏକ ବିଦ୍ୟୁତ୍ ଖୁଂଟରେ ଧକ୍କା ଦେଇଥିଲା ଏବଂ ତାଙ୍କୁ ଗିରଫ କରାଯାଇଥିଲା । ପଚରାଉଚରା ପରେ, ଅଭିଯୁକ୍ତ ସ୍ୱୀକାର କରିଛି । ଅଧିକ ତଦନ୍ତ ଜାରି ରହିଛି ।

## ଗୋରୁ ବୋଝେଇ ପିକଅପ୍ ଗାଡି ଦୁର୍ଘଟଣାଗ୍ରସ୍ତ: ୧୦ ଗୋରୁ ଉଦ୍ଧାର



ଧାମନଗର(ନିପ୍ର): ଧାମନଗର ବ୍ଲକ ଅଞ୍ଚଳରେ ଏବେ ଗୋରୁ ବେପାରୀ ମନଇଛା ଚୋରା ବେପାର କରୁଛନ୍ତି । ଦୁଇଦିନ ତଳେ ଧାମନଗରରୁ ଦୁଇଟି ପିକଅପ୍‌ରେ ଗୋରୁ ଚାଲାଣ ହେଉଥିବା ବେଳେ ପୋଲିସ ପିଛା କରିଥିଲା । ହେଲେ ଅସୁରାଳି ନିକଟରେ ଦୁଇଟି ପିକଅପ୍ ଦୁର୍ଘଟଣାରେ ତିନି ଗୋରୁ ମୃତ ସହ ଜଣେ ଡ୍ରାଇଭରର ମୃତ୍ୟୁ ହୋଇଥିଲା । ସୋମବାର ବିଳମ୍ବିତ ରାତିରେ ସେଣ୍ଠପୁର ରାସ୍ତାରେ ଗୋରୁ ବୋଝେଇ ପିକଅପ ଦୁର୍ଘଟଣାରେ ୧୦ ଗୋରୁ ଉଦ୍ଧାର ହୋଇଛନ୍ତି । ସୂଚନା ଥାଉ କି ସୋମବାର ବିଳମ୍ବିତ ରାତିରେ ଯାଜପୁର ଜିଲ୍ଲା ବିଂଝାରପୁର ଅଞ୍ଚଳରୁ ଓଡି୨୯ଏ ୬୬୮୬ ପିକଅପରେ ବେଆଇନ ଭାବେ ୧୦ଟି ଗୋରୁ ଧାମନଗର ଆଡ଼କୁ ନେଉଥିବା ବେଳେ ସେଣ୍ଠପୁର ରାସ୍ତାରେ ଡ୍ରାଇଭର ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା । ଏହି ସମୟରେ ସ୍ଥାନୀୟ ଲୋକମାନେ ପହଞ୍ଚି ଗାଡିରେ ଥିବା ଗୋରୁଗୁଡ଼ିକୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ । ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲା । ଖବର ପାଇ ଧାମନଗର ପୋଲିସ ସକାଳେ ପହଞ୍ଚି ପିକଅପଟିକୁ ଥାନାକୁ ନେବା ସହ କେସ ନମ୍ବର ୧୪୮/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି ।

## ରାସ୍ତାରେ ଅଟକାଇ ଆକ୍ରମଣ ଓ ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ରାସ୍ତାରେ ଗାଡି ଅଟକାଇ ଲୁଟପାଟ କରିବା ଓ ମାଡ ମାରିବା ଅଭିଯୋଗରେ ଚନ୍ଦକା ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଅନୀଲ ରଂଜିତ । ପୁଲିସ ତାକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ତା ୨୯.୦୩.୨୦୨୫, ସକାଳ ୬:୧୫ରୁ ୭:୩୦ ମଧ୍ୟରେ, ଅଭିଯୋଗକାରୀ ରବି ସୋଭେଶ ତାଙ୍କ କଲେଜକୁ କାରରେ ଯାଉଥିବା ସମୟରେ, ଗୋଠପାଟଣା ଛକ ନିକଟରେ ଦୁଇଜଣ ଅଜଣା ବ୍ୟକ୍ତି ଏକ ମୋଟରସାଇକେଲରେ ତାଙ୍କୁ ଅଟକାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଏକ ଭଙ୍ଗା ବିୟର ବୋତଲ ଦେଖାଇ ତାଙ୍କ କାରରେ ଜୋରଜବରଦସ୍ତ ବସିଥିଲେ ଏବଂ ପାଇକରାପୁର ରାସ୍ତା ଆଡକୁ ଗାଡ଼ି ନେବାପାଇଁ ବାଧ୍ୟ କରିଥିଲେ । ପ୍ରାୟ ୩ ରୁ ୪ କିଲୋମିଟର ଯିବା ପରେ, ଅଭିଯୁକ୍ତ ମାନେ ଏକ ନିର୍ଜନ ସ୍ଥାନରେ ଗାଡ଼ିକୁ ଅଟକାଇ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ ମଧ୍ୟ କରିଥିଲେ ଏବଂ ପ୍ରାୟ ୧୫ ଗ୍ରାମ ଓଜନର ସୁନା ଚେନ୍ ତାଙ୍କ ପକେଟକୁ ବଳପୂର୍ବକ ଛଡ଼ାଇ ନେଇଥିଲେ । ଅଭିଯୋଗକାରୀ କୌଶଳ କ୍ରମେ ସେଠାରୁ ଖସି ଆସିବାରେ ସକ୍ଷମ ହେବାପରେ ଏନେଇ ଚନ୍ଦକା ଥାନାରେ ଘଟଣା ବିଷୟରେ ଜଣାଇଥିଲେ । ତଦନ୍ତ ସମୟରେ, ଅଭିଯୁକ୍ତ ଆସିସ୍ ରଞ୍ଜନ ସାମନ୍ତରାୟ ଏବଂ ଅମିତ ନାୟକ ନାମକ ଦୁଇ ଅଭିଯୁକ୍ତଙ୍କୁ ଗତ ତା ୦୩.୦୪. ୨୦୨୫ ରିଖରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆଜି ତା ୨୯.୦୪.୨୦୨୫ ରିଖ ଭୋର ସମୟରେ, ଏକ ସୂଚନା ଆଧାରରେ, ଫେରାର ଅଭିଯୁକ୍ତ ଅନିଲ୍ ରଣଜିତ୍ ଓରଫ ପାପୁଲ୍ ଓରଫ ବାୟାଙ୍କୁ ଓଲ୍ଡ ଟାଉନ ଅଂଚଳରୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ, ସେ ଅପରାଧ ସ୍ୱୀକାର କରିଥିଲେ । ଅଧିକ ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ମାନେ ପୂର୍ବ ଯୋଜନା କରି ଷଡ଼ଯନ୍ତ୍ର ମାଧ୍ୟମରେ ଅପରାଧ ଘଟାଇଥିଲେ ଓ ପରେ ଲୁଟ କରିଥିବା ସୁନା ଚେନ୍ ଘଟଣା ଦିନ ଖଣ୍ଡଗିରି ସ୍ଥିତ ମନାପୁରମ୍ ଫାଇନାନ୍ସ ଲିମିଟେଡ୍ ରେ ଅଭିଯୁକ୍ତ ଆସିସ୍ ରଞ୍ଜନ ସାମନ୍ତରାୟଙ୍କ ନାମରେ ୭୧,୦୦୦/- ଟଙ୍କାରେ ବନ୍ଧକ ରଖିଥିଲେ । ଅପରାଧ କରିବା ପରେ, ଅଭିଯୁକ୍ତମାନେ କୋଲକାତା ପଳାଇ ଯାଇଥିଲେ, ଯେଉଁଠାରେ ସେମାନେ ଦୁଇ ଦିନ ରହଣି ସମୟରେ, ପୋଷାକ ଏବଂ ଇଲେକ୍ଟ୍ରୋନିକ୍ ଜିନିଷ କିଣିଥିଲେ ଏବଂ ପରେ ଭୁବନେଶ୍ୱର ଫେରି ଆସିଥିଲେ ।

### ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଆକ୍ରମଣରୁ ବର୍ଞ୍ଚିଥିବା କଟକର ପରିବାରକୁ ଏନଆଇଏର ପଚରାଉଚରା

କଟକ(ନିପ୍ର): ଜାମ୍ମୁକାଶ୍ମୀର ରାଜ୍ୟ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରୁ ବଂଚିଥିବା ସ୍ଥାନୀୟ ଦେଉଳ ସାହିର ଭୋଳ ପରିବାରକୁ ପଚରାଉଚରା ପାଇଁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ)ର ଏକ ୩ଜଣିଆ ଟିମ୍ କଟକରେ ପହଞ୍ଚିଥିବା ଜଣାପଡ଼ିଛି । କଟକରୁ ଭୋଳ ପରିବାରର ୪ଜଣ ସଦସ୍ୟ ପହଲଗାମ ଯାଇଥିଲେ, ଯେତେବେଳେ ଏପ୍ରିଲ ୨୨ ତାରିଖରେ ଏହି ଘଟଣା ଘଟିଥିଲା, ଯାହା ସମଗ୍ର ଦେଶକୁ ଥରାଇ ଦେଇଥିଲା । ପହଲଗାମ୍ ହମଲାରେ ଅଳ୍ପକେ ଭୋଳ ପରିବାର ମୃତ୍ୟୁ ମୁଖରୁ ବର୍ଞ୍ଚ ଯାଇଥିଲେ । ହେଲେ ଏହି ପରିବାରର ଜଣେ ବୃଦ୍ଧା ମହିଳା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଆହତ ହୋଇଥିଲେ । ଗୃହ ମନ୍ତ୍ରଣାଳୟ (ଏମଏଚଏ) ଏହି ମାମଲା ଏନଆଇଏକୁ ହସ୍ତାନ୍ତର କରିବା ପରେ ଏନଆଇଏର ଏକ ତିନି ଜଣିଆ ଟିମ କଟକରେ ପହଞ୍ଚି ଭୋଳ ପରିବାରକୁ ପାଖାପାଖି ୨ ଘଣ୍ଟା ପଚରାଉଚରା କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଏନଆଇଏ ଟିମ ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥିଙ୍କ ପରିବାରକୁ ମଧ ପଚରାଉଚରା କରିଥିଲେ ।

## ମଟରସାଇକେଲ ଦୁର୍ଘଟଣାରେ ଦୁଇ ଗୁରୁତର

ବୁଗୁଡା(ନିପ୍ର): ବୁଗୁଡ଼ା-କରସିଙ୍ଗି ରାସ୍ତାର ବିରଞ୍ଚିପୁର ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଗୁରୁତର ଦ୍ୱୟ ହେଲେ ବିରଞ୍ଚିପୁର ଗ୍ରାମର ସୁରେନ୍ଦ୍ର ନାଇକ (୬୦) ଓ ସିମାଞ୍ଚଳ ବେହେରା (୨୫) ଏବଂ ଆହତ ଜଣକ ହେଲେ ଶିବରାମ ସେଠୀ (୨୨) । ପ୍ରକାଶ ଯେ, ସୋମବାର ରାତି ପ୍ରାୟ ସାଢେ ୯ଟା ବେଳେ ଶିବରାମ ଓ ସିମାଞ୍ଚଳ ମଟର



ସାଇକେଲରେ ବୁଗୁଡାରୁ ବିରଞ୍ଚିପୁର ଗାଁକୁ ଯାଉଥିବା ବେଳେ ଗାଁ ପୂର୍ବରୁ ରାସ୍ତାରେ ଚାଲି ଚାଲି ଯାଉଥିବା ସୁରେନ୍ଦ୍ରଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ସୁରେନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବେଳେ ସିମାଞ୍ଚଳର ଡାହାଣ ହାତ ଭାଙ୍ଗି ଯାଇଥିଲା ଏବଂ ମଟରସାଇକେଲ ଚାଳକ ଶିବରାମର ମୁହଁରେ ଆଘାତ ଲାଗିଥିଲା । ଆହତ ତିନିଜଣଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ପରେ ସୁରେନ୍ଦ୍ର ଓ ସିମାଞ୍ଚଳର ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା

### ବାଲିଚନ୍ଦ୍ରପୁର ଥାନାରେ ଦେଇଥିବା ଏତଲା ନେଇ ଫେରାଦ

କଟକ(ନିପ୍ର): ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବିବାଦରେ ଫସିଥିବା ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା । ବାଲିଚନ୍ଦ୍ରପୁର ଥାନାରେ ସେ ଦାୟାର କରିଥିବା ଏତଲା ଉପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୋନାଲି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଯେତେବେଳେ ତାଙ୍କୁ ୧୩ବର୍ଷ ବୟସ ହୋଇଥିଲା, ସେତେବେଳେ ତାଙ୍କ ଇଚ୍ଛା ବିରୁଦ୍ଧରେ ବାହାଘର ହୋଇଥିଲା । ୨୦୧୪ ମସିହାରେ ସେ ନାବାଳିକା ଥିବା ଅବସ୍ଥାରେ ମା' ହୋଇଥିଲେ । ପରେ ଉକ୍ତ ବିବାହକୁ ସେ ଗ୍ରହଣ କରି ନଥିଲେ । ତାଙ୍କ ଇଚ୍ଛା ବିରୁଦ୍ଧରେ ହୋଇଥିବା ସମସ୍ତ କାର୍ଯ୍ୟ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ବାଲିଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ । କିନ୍ତୁ ପୋଲିସ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ସ୍ୱାମୀ ବୋଲି ଦାବି କରୁଥିବା ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତ ସିଂହାରଙ୍କ ସହ ଗତ ୧୦ବର୍ଷ ହେଲା ତାଙ୍କର କୌଣସି ସଂପର୍କ ନାହିଁ ବୋଲି ଅଭିନେତ୍ରୀ ସୋନାଲି ତାଙ୍କ ଆବେଦନରେ ଦର୍ଶାଇଛନ୍ତି । ସେ ଅଲଗା ରହୁଛନ୍ତି ବୋଲି ସୋନାଲି ତାଙ୍କ ଆବେଦନରେ ଦର୍ଶାଇଛନ୍ତି । ଶ୍ରୀକ୍ଷେତ୍ର ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିବା ମଧ ସେ ଅଭିଯୋଗ କରିଛନ୍ତି । ସୋନାଲିଙ୍କ ଅଭିଯୋଗ ଆଧାରରେ ଶ୍ରୀକ୍ଷେତ୍ରଙ୍କ ବିରୋଧରେ ଧାରା ୩୭୬ ଓ ପୋକ୍ସୋ ଆଇନ ଅଧୀନରେ ମାମଲା ରୁଜୁ ହୋଇଥିବା ସୋନାଲିଙ୍କ ଓକିଲ ବ୍ୟୋମକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ନିଆଁ ଲଗାଇଲେ ଦୁର୍ବୃତ୍ତ: ଖୋଲା ଆକାଶ ତଳେ ପରିବାର



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୁରେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ଗୋଟିଏ ପରିବାର ଘରେ ଶୋଇଥିବାବେଳେ ସେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛି। ଆଉ ଜଣଙ୍କର ହାଣ୍ଡି ପୋଡ଼ା ରୁଆ ଘରପୋଡ଼ି ପାଉଁଶ ହୋଇଯାଇଛି । ସୂଚନାଯୋଗ୍ୟ କି ସୋମବାର ବିଳମ୍ବିତ ରାତିରେ ଲେଣ୍ଡୁ ମଠ ସାହି ସ୍ଥିତ ରମେଶ ସେଠୀ ଓ ତାଙ୍କ ପତ୍ନୀ ଘରେ ଶୋଇପଡ଼ିଥିବା ବେଳେ ତାଙ୍କ ଘରେ କେହି ଅଗ୍ନି ସଂଯୋଗ କରିଥିବାର ସେ ଅଭିଯୋଗ କରୁଥିବାବେଳେ ତାଙ୍କର ୨ ବଖରା ସମ୍ପୂର୍ଣ୍ଣ ଘର ପୋଡ଼ି ଯାଇଛି । ଘରେଥିବା ନଗଦ ଟଙ୍କା, ବିଭିନ୍ନ ଦରକାରୀ କାଗଜପତ୍ର, ଧାନ ଚାଉଳ, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ସେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି । ସେହିପରି ନୂଆ ଜଗନ୍ନାଥ ସଡ଼କ ନିକଟରେ ଜଳନ୍ଧର ମୁଦୁଲିଙ୍କର ଥିବା ହାଣ୍ଡି ପୋଡ଼ା ରୁଆ ଘରକୁ ମଧ କେହି ପୋଡ଼ି ଦେଇଥିବାବେଳେ ତାଙ୍କର ଘର ନଷ୍ଟ ହୋଇଛି । ନୂଆ ହାଣ୍ଡି ମାଠିଆ ନଷ୍ଟ ହୋଇଛି । ପରେ ଦୁର୍ବୃତ୍ତମାନେ ଲେଣ୍ଡୁ ସ୍କୁଲ ଛକରେ ଥିବା ଘରେ ନିଆଁ ଲଗାଇବା ଉଦ୍ୟମ କରିଥିଲେ ବି ସଫଳ ହୋଇପାରି ନଥିଲେ । ଖବର ପାଇ ଘଟଣା ସ୍ଥଳକୁ ଟାଙ୍ଗୀ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ଏବେ ଗାଁ ଗାଁରେ ଅସାମାଜିକ ବ୍ୟକ୍ତିମାନେ ମଦ, ଗଞ୍ଜେଇ ସମେତ ପ୍ରଚୁର ପରିମାଣର ବ୍ରାଉନସୁଗାର ସେବନ କରି ରାତି ତମାମ ବୁଲି ଛୋଟମୋଟ ଚୋରିଚାରି ଠାରୁ ଆରମ୍ଭ କରି ଅସାମାଜିକ କାର୍ଯ୍ୟ ଓ ରାହାଜାନୀ ଭଳି ଘଟଣା ଘଟାଉଥିବା ବେଳେ ସେମାନଙ୍କ ଭୟରେ ସ୍ଥାନୀୟ ଲୋକେ ତାଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହସ କରୁନାହାଁନ୍ତି ।

# ବାର୍ଷିକ ଉତ୍ସବ ହିଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାର ପ୍ରକୃଷ୍ଟ ମଞ୍ଚ



ଡେଲାଙ୍ଗ(ନିପ୍ର): ବାର୍ଷିକ ଉତ୍ସବ ମଞ୍ଚ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶିକ୍ଷା ପ୍ରତି ଅଧିକ ଉତ୍ସାହିତ କରିବାର ପ୍ରକୃଷ୍ଟ ମଞ୍ଚ ଓ ବିଦ୍ୟାଳୟ ବିକାଶ ପ୍ରତି ସମସ୍ତଙ୍କର ସହଭାଗିତା ସହଯୋଗିତାର ଆବଶ୍ୟକତା ରହିଛି ବୋଲି ଡେଲାଙ୍ଗ-ବ୍ଲକ୍‌ର ପୁରାତନ ବିଦ୍ୟାଳୟ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ନୂତନ ଶିକ୍ଷାନୀତି ୨୦୨୦ର ନିର୍ଯାସ ଉପସ୍ଥାପନ କରି ସତମାର୍ଗୀ ହେବାକୁ ସୁପରାମର୍ଶ ଦେଇ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ୧୯୦୩ ମସିହାରେ ସ୍ଥାପିତ ଏହି ଗରିମାମୟ ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ବିଧାୟକ ଓ ଶିକ୍ଷା ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗୋଦାବରୀଶ ଆଦର୍ଶ ବିଦ୍ୟାଳୟରେ ଏହି ବିଦ୍ୟାଳୟକୁ ସାମିଲ୍ କରିବାକୁ ବିଚାରକୁ ନିଆଯିବା ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ସମସ୍ତ କାର୍ଯ୍ୟ ସଫଳତାର ସହ ସମ୍ପାଦିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଯୋଗ ଦେଇଥିଲାବେଳେ ବିଶିଷ୍ଟ ଅତିଥି ଭାବେ ଭାରତ ସରକାରଙ୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପ୍ରାକ୍ତନ ଜନ ସଂପର୍କ, ସଂସ୍କୃତି ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ପିଲାମାନଙ୍କ ମାନସିକତାକୁ ଲକ୍ଷ୍ୟ ରଖି ଶିକ୍ଷା ଦେବା ସହ ସେମାନଙ୍କୁ ଆମ ଦେଶର ଐତିହ୍ୟ ଓ ଆଜିର ସମାଜରେ ଚଳିବାର ଧାରା ସମ୍ପର୍କରେ ସୁଶିକ୍ଷା ଦେବାକୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଦୀପକ କୁମାର ସାହୁ ଉତ୍ସବରେ ଉତ୍ସାହିତ କରି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପ୍ରାରମ୍ଭରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା । ସନ୍ତ୍ରାସବାଦୀଙ୍କ ଦ୍ୱାରା ଜାମୁ କାଶ୍ମୀରରେ ପହଲଗାମ୍ ଠାରେ ନିହତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା ଏହି ବିଦ୍ୟାଳୟର ଅବସରପ୍ରାପ୍ତ ବର୍ଷୀୟାନ୍ ଆଦର୍ଶ ଶିକ୍ଷକ ଦିବାକର ବିଶ୍ୱାଳଙ୍କ ସହ ଆମ ଅଞ୍ଚଳ ପାଇଁ କାର୍ଯ୍ୟ କରିଆସିଥିବା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ଧୀରେନ୍ଦ୍ର ସେନାପତିଙ୍କୁ ମାନପତ୍ର, ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । କମିଟି ସଭାପତି ପ୍ରମୋଦ କୁମାର ସେଠୀ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବାଇକରୁ ପଡି ମହିଳାଙ୍କ ମୃତ୍ୟୁ

ଆସିକା(ନିପ୍ର): ଆସିକା ମାମୁଡିହଠାରେ ବାଇକରୁ ପଡି ମହିଳାଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଥାଉକି ମଙ୍ଗଳବାର ଗାଙ୍ଗପୁର ଥାନା ବିରିପୁର ଗ୍ରାମର ସ୍ୱର୍ଗତ ସଞ୍ଜୟ ନାୟକଙ୍କ ସ୍ତ୍ରୀ ସଂଗୀତା ନାୟକ (୩୩) ନାମକ ଜଣେ ମହିଳା ନିଜ ଭିଣୋଇ ବାୟାଧର ନାୟକଙ୍କ ସହ ଓଡି ୦୭ଏ ୱାଇ୪୫୪୧ ଯୋଗେ ମାମୁଡ଼ିଅରୁ ଦେବଭୂମି ଯାଉଥିବା ବେଳେ ଭିଣୋଇ ବାୟାଧରଙ୍କ ବେପରୁଆ ଗାଡି ଚାଲାଣ ଯୋଗୁଁ ଗାଡ଼ିରୁ ଖସି ପଡ଼ି ରାସ୍ତାରେ କଚାଡି ହୋଇ ପଡିଯାଇଥିଲେ । ଯାହାଦ୍ୱାରା ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ସଂଗୀତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ନିଜେ ଗାଡି ଚାଳକ ବାୟାଧର ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଆସିକା ମେଡ଼ିକାଲରେ ପହଞ୍ଚି ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ପ୍ରକାଶ ଥାଉକି ଗତ ଏକ ବର୍ଷ ତଳେ ସଂଗୀତା ଙ୍କ ସ୍ୱାମୀ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ସଂଗୀତାଙ୍କ ମୃତ୍ୟୁ ହୋଇଛି ସଂଗୀତାଙ୍କ ଦୁଇଟି ସନ୍ତାନ ରହିଛନ୍ତି ବର୍ତମାନ ଏହି ଛୁଆ ଦୁଇଜଣ ବାପା ମାଆ ଛେଉଣ୍ଡ ହୋଇପଡିଛନ୍ତି ।



ଏମସିଏଲ ଦ୍ୱାରା ଆୟୋଜିତ ଅଲ ଇଣ୍ଡିଆ ସରକାରୀ ଭାଷା ସେମିନାରରେ 'ହଳଧର ନାଗ ଗ୍ରନ୍ଥାବଳି' ଏବଂ 'ସହିଦ ବିକା ନାୟକ କି ଖୋଜ' ପୁସ୍ତକ ଉନ୍ମୋଚନ

# ଭଲିବଲର ବିକାଶ ନେଇ କିସ୍ ଓ ଏଫ୍ଆଇଭିବି ଆଲୋଚନା

ଭୁବନେଶ୍ୱର, ୨୯ ।୪: କିସ୍ ଜରିଆରେ ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିଟ୍-କିସ୍ ଓ ଏଫ୍ଆଇଭିବି ମଧ୍ୟରେ ଆଲୋଚନା ହୋଇଛି । ଏ ସମ୍ପର୍କରେ ଆଲୋଚନା ପାଇଁ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସ୍ୱିଜରଲ୍ୟାଣ୍ଡସ୍ଥିତ ଏଫ୍ଆଇଭିବି ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା । ଏଫ୍ଆଇଭିବି ହେଉଛି ଭଲିବଲର ସର୍ବୋଚ୍ଚ ଆନ୍ତର୍ଜାତିକ ସଂଗଠନ । ଭାରତରେ ବିଶେଷ କରି ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ତୃଣମୂଳସ୍ତରରେ ଭଲିବଲର ପ୍ରସାର ଉପରେ ସୋମବାର ଏଫ୍ଆଇଭିବି କର୍ତ୍ତୃପକ୍ଷ ଓ ଶ୍ରୀ ସାମନ୍ତଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଅଚ୍ୟୁତ ସାମନ୍ତଙ୍କ ସହ ଏଫ୍ଆଇଭିବି ସଭାପତି ଫାବିଓ ଆଜେଭେଦୋ, ପୂର୍ବତନ ସଭାପତି ଡ. ଆରୀ ଏସ୍. ଗ୍ରାସା ଏବଂ ସାଧାରଣ ନିର୍ଦ୍ଦେଶକ ଷ୍ଟିଭ୍ ଟଟନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ପଦ ଛାଡ଼ିବା ପରେ ଭାରତରେ ଭଲିବଲ୍‌ର ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନଥିବା ଏଫ୍ଆଇଭିବି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ । ତେବେ ଖୁବ୍ ଶୀଘ୍ର କିଟ୍ ଓ କିସ୍ ଜରିଆରେ ଭାରତ ତଥା ବିଶେଷକରି ଓଡ଼ିଶାରେ ଭଲିବଲର ପ୍ରସାର ନିମନ୍ତେ କିସ୍‌ରେ ଅନେକଗୁଡ଼ିଏ ସେଣ୍ଟର ଅଫ୍ ଏକ୍ସଲେନ୍ସ ଖୋଲାଯିବ ବୋଲି ଏଫ୍ଆଇଭିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି କେନ୍ଦ୍ରଗୁଡ଼ିରେ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଆଗାମୀ ଦିନରେ ଓଡ଼ିଶାରେ ୪ଶହ ବିଦ୍ୟାଳୟକୁ ଏହି ବିକାଶଧାରାରେ ସାମିଲ କରାଯିବ ଏବଂ ପ୍ରତ୍ୟେକ ବିଦ୍ୟାଳୟକୁ ଭଲିବଲ୍ ଓ ନେଟ୍ ଯୋଗାଇ ଦିଆଯିବ ବୋଲି ଏଫ୍ଆଇଭିବି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ଏହା ସହ ପ୍ରତିବର୍ଷ ଏଫ୍ଆଇଭିବି କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ହୋଇଥିବା ଭଲିବଲ୍ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବ । ଏଥିରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି, ଏହା ଦ୍ୱାରା ଓଡ଼ିଶାରେ ଭଲିବଲ୍ ଓ ବିଚ୍ ଭଲିବଲ୍‌ର ଯଥେଷ୍ଟ ବିକାଶ ଘଟିବା ସହ ପାଇଁ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇପାରିବେ ।

# ଆଜି ରଥକାଠ ଅନୁକୂଳ

ପୁରୀ, ୨୯/୪(ନିପ୍ର): ଆଜି ଅର୍ଥାତ୍ ୩୦ତାରିଖରେ ପବିତ୍ର ଅକ୍ଷୟ ତୃତୀୟାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହେବ। ଏଥିପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ପୂଜା ପଣ୍ଡା ସେବାୟତମାନେ ଆଜ୍ଞାମାଳ ଧରି ରଥଖଳାରେ ପହଞ୍ଚିବେ। ଶ୍ରୀମନ୍ଦିର ଶ୍ରୋତୀୟ ବ୍ରାହ୍ମଣ ଓ ରାଜ ପୁରୋହିତଙ୍କ ବନଯୋଗ ବିଧିରେ ପୂଜାର୍ଚ୍ଚନା ସହ ବିଶ୍ୱକର୍ମା ମହାରଣାଙ୍କ ଶାଢ଼ୀ ବନ୍ଧାନୀତି ପରେ ସେଠାରେ ସୁନା କୁରାଢ଼ିରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ନୁକୂଳ ହେବ।ଏଥିପାଇଁ ଶ୍ରୀନହର ସମ୍ମୁଖରେ ରଥ ଚଳି ପ୍ରସ୍ତୁତ ହୋଇଛି। ଚାଳି ତଳେ ୯ଘର ବିଶ୍ୱକର୍ମା କାର୍ଯ୍ୟ କରିବେ। ରୂପକାରମାନେ ରଥ ଅଳଙ୍କରଣ କରିବେ। କରତୀ ସେବକ ତୁମ୍ବ, କାଟିବେ। ଚାଳି ତଳେ ପ୍ରଥମେ ରଥ ଚକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଚଳିତ ବର୍ଷର ରଥ ନିର୍ମାଣ ପାଇଁ ଆବଶ୍ୟକ ରଥ କାଠ ବିଭିନ୍ନ ବନଖଣ୍ଡ ଅଞ୍ଚଳରୁ ଆସି ପହଞ୍ଚୁଛି । ରଥ କାର୍ଯ୍ୟ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ବଡ଼ଦାଣ୍ଡ ଶ୍ରୀନହର ସମ୍ମୁଖରେ ୧୧ବଖର ରଥଚାଳି ପ୍ରସ୍ତୁତ ହୋଇଛି। ୩ବଖରା ଲେଖାଏଁ ରଥତ୍ରୟର ୯ ଘର ବିଶ୍ୱକର୍ମାଙ୍କ ପାଇଁ ରଥ ଚାଳି କରାଯାଇଛି।

# ୧୦ ବର୍ଷର ଦନ୍ତାହାତୀ ମୃତ



ବାରିପଦା, ୨୯/୪(ନିପ୍ର): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳର ଶାଳଚୁଆ ନିକଟରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ଏସିଏଫ ମଦନମୋହନ ମହାନ୍ତ, ରେଞ୍ଜର ରବିନ୍ଦ୍ର ମହାନ୍ତ ସମେତ ବନ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ହାତୀ ମୃତ୍ୟୁ କାରଣ ଅସ୍ପଷ୍ଟ ଥିବା ବେଳେ ହାତୀର ବୟସ ପାଖାପାଖି ୧୦ ବର୍ଷ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜେଏନୟୁ ପକ୍ଷରୁ ବନ୍ଧୁମିଳନ

ଭୁବନେଶ୍ୱର, ୨୯/୪(ନିପ୍ର): ଭୁବନେଶ୍ୱର ଠାରେ ଗତ ୨୭ରେ ଜେଏନୟୁ ପକ୍ଷରୁ ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଦିବଂଗତ ଛାତ୍ର ଛାତ୍ରୀ ତଥା ନିକଟ ଅତୀତରେ ପହଲଗାଁଓ କାଶ୍ମୀରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ନିହତ ଲୋକମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜେଏନୟୁର ପୂର୍ବତନ ପ୍ରଫେସର ଅଜୟ ପଟ୍ଟନାୟକ ନିଜର ଅଭିଭାଷଣରେ ତାଙ୍କ ଛାତ୍ର ଜୀବନର ଅଭୁଲା କାହାଣୀ ବଖାଣିଥିଲେ





। ତାଙ୍କ ବକ୍ତବ୍ୟରେ କହିଲେ ଯେ, ଅତୀତ କଥା ଭାବିଲେ ହୃଦୟ ପ୍ରଫୁଲିତ ହୋଇଯାଏ ଏବଂ ନିକଟ ଅତୀତରେ ବିଶ୍ୱ ବିଦ୍ୟାଳୟ ପରିଭ୍ରମଣ କରିଥିବା ଅଭଜ୍ଞତା ବଖାଣିଥିଲେ ।ସେ ତାଙ୍କର ବକ୍ତବ୍ୟରେ ଭୁବନେଶ୍ୱର ବ୍ୟତୀତ ଓଡିଶାର ବିଭିନ୍ନ ସ୍ଥାନରେ ଏହି ପରି କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରଫେସର ଅଶୋକ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନୂତନ ଭାବେ ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ ପାଇଁ ନୂତନ ଛାତ୍ର ଛାତ୍ରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ଡ଼ ଅମ୍ବିକା ପ୍ରସାଦ ନନ୍ଦ ତାଙ୍କ ଭାଷଣରେ କହିଲେ ଯେ, ଜେଏନୟୁର ପ୍ରତିଷ୍ଠା ଓ ଆଦର୍ଶ ସବୁ କ୍ଷେତ୍ରରେ ପ୍ରତୀୟମାନ ଏବଂ ସଂଘର କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବାପାଇଁ ପ୍ରୋତ୍ସାହିତ କରିଥିଲେ ।ଏହି ଅବସରରେ ସଂଘର ସ୍ମରଣିକା, ୨୦୨୫ ଉନ୍ମୋଚିତ ହୋଇଥିଲା। ପୁରାତନ ଛାତ୍ର ଛାତ୍ରୀ ସଂଘର ସାଧାରଣ ସଂପାଦକ ଡ଼ ମାନସ ରଂଜନ ନନ୍ଦ ସଂଘର ଗତ ବର୍ଷ ୨୦୨୪ ରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସଂଘର କୋଷାଧକ୍ଷ ରତିକାନ୍ତ ମହାପାତ୍ର ବିଗତ ବର୍ଷର ଆୟ ଓ ବ୍ୟୟର ତଥ୍ୟ ପୂର୍ବକ ସମସ୍ତ ପୂର୍ବତନ ଛାତ୍ର ଛାତ୍ରୀମାନଙ୍କ ସଂଘର ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ଆଲୁମନି ଆସୋସିଏସନ୍‌ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା ସଭ୍ୟମାନଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଇଥିଲେ। ପୂର୍ବତନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

# ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ-ଭୋଲଟେଜ୍ ନେଇ ଜନଅସନ୍ତୋଷ

**ବୋଲଗଡ,୨୯/୪(ନିପ୍ର):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସହ୍ୟ ଗୁଳୁଗୁଳି ହେଉଥିବା ବେଳେ ବୋଲଗଡ ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ୍‌ଚିନ୍ତା ବଢାଇ ଦେଇଛି। ବୋଲଗଡ ବ୍ଲକର ୫ ପଞ୍ଚାୟତକୁ ନୟାଗଡ ଜିଲ୍ଲା ଅନ୍ତର୍ଗତ ଇଟାମାଟିସ୍ଥିତ ରାଜପାଟଣା ଗ୍ରାମଠାରେ ଥିବା ଉଚ୍ଚ ବିଦ୍ୟୁତ ଜଙ୍କସନଠାରୁ ବିଦ୍ୟୁତ୍ ବିତରଣ କରୁଅଛି। ବୋଲଗଡ ବ୍ଲକଅଞ୍ଚଳରେ ଦିନକୁ ଦିନ ଅଘୋଷିତ ବିଦ୍ୟୁତ କାଟ୍ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ବିଦୁତ୍ ଶକ୍ତି ବିନା ଛାତ୍ରଛାତ୍ରୀମାନଙ୍କ ପାଠ ପଢିବାରେ ସମସ୍ୟା, ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ପ୍ରଭାବିତ, ବିଦ୍ୟୁତ ଚାଳିତ ଉଠା ଜଳସେଚନ ଓ ରୋଗୀମାନେ ବିଶ୍ରାମ ନେବାରେ ବ୍ୟାହତ ସହିତ ବିଦ୍ୟୁତ ଦ୍ୱାରା ବିଭିନ୍ନ ଜରୁରୀ କାର୍ଯ୍ୟ ଠପ୍ ହୋଇପଡୁଛି। ଦିନବେଳା ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଗୁଳୁଗୁଳି ହେଉଥିବା ବେଳେ ବିନା ସୂଚନାରେ ବାରମ୍ବାର ବିଦ୍ୟୁତ କାଟ ହେଉଛି। କର୍ମଚାରୀଙ୍କୁ ଯୋଗାଯୋଗ କଲେ ସନ୍ତୋଷଜନକ ଉତ୍ତର ମିଳୁ ନାହିଁ ତେବେ ବିଦ୍ୟୁତ କାଟ୍ କାହା ଇସାରାରେ ହେଉଛି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋ ଭୋଲ୍‌ଟେଜ ନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ସୁଫଳ ମୁଳୁନାହିଁ। ବୋଲଗଡ ବ୍ଲକ ଅଞ୍ଚଳରେ ଟାଟା ପାୱାର ବିଦ୍ୟୁତ କମ୍ପାନୀର ମନମାନି ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଅଛନ୍ତି । ଅନ୍ୟପଟେ ବିଦ୍ୟୁତ ଗ୍ରାହକମାନଙ୍କ ବିଦ୍ୟୁତ ସଂଯୋଗରେ ପୁରୁଣା ମିଟର ଠିକ୍ ଥିଲେ ମଧ୍ୟ ଘରେଘରେ ବାଧ୍ୟତାମୂଳକ ନୂତନ ମିଟର ଲଗାଇବା ଫଳରେ ବିଦ୍ୟୁତ ବିଲ୍ ଅଧିକ ଆସୁଥିବା ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି। ପୁରୁଣା ମିଟର ଏବଂ ନୂଆ ମିଟର ମଧ୍ୟରେ ବିଦ୍ୟୁତ ବିଲ୍ ଫରକ୍ ଆସିବା ଫଳରେ ଜନ ଅସନ୍ତୋଷ ଦେଖାଦେଇଛି। ଏହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରିବାକୁ ବୋଲଗଡ ବ୍ଲକ ଅଞ୍ଚଳର ଜନ ସାଧାରଣମାନେ ଦୃଢ଼ ଦାବି କରିଛନ୍ତି।

# ଓଡ଼ିଶୀ, ଛଉ, ସମ୍ବଲପୁରୀ ଓ ହୋ ମୁଣ୍ଡା ନୃତ୍ୟରେ ଦର୍ଶକ ବିମୋହିତ

ଭୁବନେଶ୍ୱର, ୨୯/୪(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଆଜି ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ 'ବିଶ୍ୱ ନୃତ୍ୟ ଦିବସ' ପାଳିତ ହୋଇଯାଇଛି। ଭାରତର ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଏବଂ ଲୋକନୃତ୍ୟର ବହୁଳ ପ୍ରଚାର ଓ ପ୍ରସାର କରିବା ସହିତ ଆମ ନୃତ୍ୟ ପରମ୍ପରା ଏବଂ ଐତିହ୍ୟକୁ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଆଜି ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ 'ବିଶ୍ୱ ନୃତ୍ୟ ଦିବସ' ପାଳନ କରାଯାଇଥିଲା। 'ବିଶ୍ୱ ନୃତ୍ୟ ଦିବସ' ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶୀ ନୃତ୍ୟ (ନୃତ୍ୟଶିଳ୍ପୀ ଶୁଭଲକ୍ଷ୍ମୀ ପଣ୍ଡା ଓ ସାଥୀଙ୍କ ଦ୍ୱାରା), ସମ୍ବଲପୁରୀ ନୃତ୍ୟ (ନୃତ୍ୟଶିଳ୍ପୀ ଆଲୋକ ପଣ୍ଡା ଓ ସାଥୀଙ୍କ ଦ୍ୱାରା), ପୁରୁଲିଆ ଛଉ ନୃତ୍ୟ (ନୃତ୍ୟଶିଳ୍ପୀ ଦିଲୀପ ଚନ୍ଦ୍ର ମାହତୋ ଓ ସାଥୀଙ୍କ ଦ୍ୱାରା) ଏବଂ ହୋ ମୁଣ୍ଡା ନୃତ୍ୟ (ଆଦିମ୍ ସଂସ୍କୃତି ପକ୍ଷରୁ) ଆଦିର ପରିବେଷଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡ଼ିଶୀ ଏବଂ ଗୋଟିପୁଅ



ନୃତ୍ୟଗୁରୁ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ଶ୍ରୀ ପାଲ୍ ଭାରତର ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଏବଂ ଲୋକନୃତ୍ୟ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନୃତ୍ୟ ହେଉଛି ଶିଳ୍ପୀର ସୃଜନଶୀଳତାକୁ ପରିପ୍ରକାଶ କରିବାର ଏକ ବଳିଷ୍ଠ ମାଧ୍ୟମ। ଆମ ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ଆମ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ନିଚ୍ଛକ ନିଦର୍ଶନ ଏବଂ ଏହାର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଆମେ ସମସ୍ତେ ସଦାସର୍ବଦା ଚେଷ୍ଟିତ ରହିବା ଉଚିତ୍ ବୋଲି ଗୁରୁ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପାଲ୍ ମତପ୍ରକାଶ କରିଥିଲେ।

# ଆଜିଠୁ ଚାରଧାମ ଯାତ୍ରା ଆରମ୍ଭ

ନୂଆଦିଲ୍ଲୀ, ୨୯ ।୪: ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବୁଧବାର ଠାରୁ ଉତ୍ତରାଖଣ୍ଡର ଚାର ଧାମ ଯାତ୍ରା ଆରମ୍ଭ ହେବ। ଉତ୍ତରକାଶୀ ଜିଲ୍ଲାରେ ଅବସ୍ଥିତ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିରର କବାଟ ଖୋଲିବା ସହ ଯାତ୍ରା ଆରମ୍ଭ ହେବ। ରୁଦ୍ରପ୍ରୟାଗ ଜିଲ୍ଲାର କେଦାରନାଥ ମନ୍ଦିରର ଦ୍ୱାର ମେ' ୨ରେ ଖୋଲିବ ଏବଂ ଚମୋଲି ଜିଲ୍ଲାର ବଦ୍ରିନାଥ ଧାମର କବାଟ ମେ' ୪ରେ ଖୋଲିବ। ବୈଦିକ ମନ୍ତୋଚ୍ଚାରଣ ଓ ଅନ୍ୟାନ୍ୟ ଧାର୍ମିକ ରୀତିନୀତି ମଧ୍ୟରେ ବୁଧବାର ଖୋଲିବ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିରର ଦ୍ୱାର। ଚଳିତ ବର୍ଷ ଏହି ତୀର୍ଥଯାତ୍ରା ଅଧିକ ଦିବ୍ୟ ଓ ଭବ୍ୟ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ସୁରକ୍ଷା, ଟ୍ରାଫିକ୍ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ପରିମଳକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବ୍ୟାପକ ବନ୍ଦୋବସ୍ତ କରିଛନ୍ତି।

# ମେ' ୨ରୁ ଓଜେଇଇ

ଭୁବନେଶ୍ୱର, ୨୯ ।୪: ଆସନ୍ତା ମେ' ୨ ତାରିଖରୁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଆରମ୍ଭ ହେଉଛି। ୩ଟି ପର୍ଯ୍ୟାୟରେ ଏହି ପରୀକ୍ଷା ହେବ । କମ୍ପ୍ୟୁଟର ବେସଡ ଟେଷ୍ଟ (ସିବିଟି) ମାଧ୍ୟମରେ ପରୀକ୍ଷା କରାଯିବ । ପୂର୍ବାହ୍ନ ୮ଟା ୩୦ରୁ ୧୦ଟା ୩୦, ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ଣ ୨ଟା ୩୦ ଏବଂ ଅପରାହ୍ଣ ୪ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ମଧ୍ୟରେ ପରୀକ୍ଷା ହେବା ନେଇ ସୂଚନା ରହିଛି । ପରୀକ୍ଷା ଆସନ୍ତା ମେ' ୨ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ସରିବ ।

## ଅବକାରୀ ଅଧୀକ୍ଷକଙ୍କୁ ଧରିଲା ଭିଜିଲାନ୍ସ,୩ ଲକ୍ଷ ନଗଦ ଜବତ

ଢେଙ୍କାନାଳ, ୨୯ ।୪: ଓଡ଼ିଶା ଭିଜିଲାନ୍ସ ମଙ୍ଗଳବାର ଢେଙ୍କାନାଳ ଜିଲାରେ ଅବକାରୀ ଅଧୀକ୍ଷକ କୃଷ୍ଣା ନାୟକଙ୍କୁ ରାସ୍ତାରେ ଅଟକାଇ ତାଙ୍କ ନିକଟରୁ ୩ ଲକ୍ଷ ଟଙ୍କା ନଗଦ ଜବତ କରିଛି। ଢେଙ୍କାନାଳର ଏହି ଅବକାରୀ ଅଧୀକ୍ଷକ କୃଷ୍ଣା ନାୟକଙ୍କ ଅବୈଧ ଅର୍ଥ ସମ୍ପର୍କରେ ପୂର୍ବ ସୂଚନା ଆଧାରରେ, ଭିଜିଲାନ୍ସର ଏକ ଦଳ ମଙ୍ଗଳବାର ତାଙ୍କୁ ଦେଉଳସାହି ରୋଡ଼ରେ ଏକ ଏସୟୁଭିରେ ଯାତ୍ରା କରୁଥିବା ବେଳେ ଅଟକାଇଥିଲା। ଅଟକ ସମୟରେ, ଭିଜିଲାନ୍ସ ଟିମ୍ ତାଙ୍କ ନିକଟରୁ ଜବତ ଟଙ୍କାର ଉତ୍ସ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ, ଉକ୍ତ ଟଙ୍କା ଟଙ୍କା ତାଙ୍କ ଗାଡ଼ି ସହିତ ଜବତ କରାଯାଇଥିଲା।

# 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେବାରୁ, ଜଣେ ବ୍ୟକ୍ତିଙ୍କୁ ପିଟିପିଟି ମାରିଦେଲେ ଲୋକ

ମାଙ୍ଗାଲୁରୁ, ୨୯ ।୪: କର୍ଣ୍ଣାଟକର ମାଙ୍ଗାଲୁରୁ ସହରରେ ଏକ ସ୍ଥାନୀୟ କ୍ରିକେଟ ମ୍ୟାଚ ସମୟରେ ଜଣେ ବ୍ୟକ୍ତିଙ୍କୁ 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେବା ଅଭିଯୋଗରେ ଉତ୍ୟକ୍ତ ଲୋକ ପିଟି ପିଟି ମାରି ଦେଇଛନ୍ତି। ଏହି ଘଟଣା ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ କୁଡୁପୁ ଅଞ୍ଚଳର ଭଟ୍ରା କାଲ୍ଲୁର୍ତି ମନ୍ଦିର ନିକଟରେ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ଅଜଣା ପରିଚୟର ଏହି ବ୍ୟକ୍ତି ମ୍ୟାଚ ଚାଲିଥିବା ସମୟରେ 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେଇଥିଲେ, ଯାହା ଦେଖି ଉପସ୍ଥିତ କିଛି ଲୋକ ତାଙ୍କୁ ଆକ୍ରମଣ କରିଥିଲେ। ତେବେ ବାଡ଼ି ଓ ଲାତ ମାଡ଼ରେ ତାଙ୍କୁ ନିର୍ମମ ଭାବେ ପିଟାଯାଇଥିଲା। କିଛି ଦର୍ଶକ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ରକ୍ଷା କରି ପାରି ନଥିଲେ। ଘଟଣା ପରେ ତାଙ୍କ ମୃତଦେହ ମନ୍ଦିର ନିକଟରୁ ଉଦ୍ଧାର ହୋଇଥିଲା। ମାଙ୍ଗାଲୁରୁ ପୋଲିସ କମିଶନର ଅନୁପମ ଅଗ୍ରୱାଲ କହିଛନ୍ତି ଯେ, ପ୍ରାରମ୍ଭିକ ତଦନ୍ତରେ ଶରୀରରେ ବାହ୍ୟ ଆଘାତର ଚିହ୍ନ ମିଳି ନ ଥିଲା। କିନ୍ତୁ, ୱେନଲକ ଜିଲ୍ଲା ହସ୍ପିଟାଲରେ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡିଛି ଯେ, ଅନ୍ତଃ ରକ୍ତସ୍ରାବ ଓ ବାରମ୍ବାର ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। କର୍ନାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ ଜାରି ରହିଥିବା କହିଛନ୍ତି। ଏପର୍ଯ୍ୟନ୍ତ ୧୫ ଜଣଙ୍କୁ ଗିରଫ କରାଯାଇଛି ଏବଂ ପୋଲିସ ସିସିଟିଭି ଫୁଟେଜ ଓ ମୋବାଇଲ ଟାୱାର ଡାଟା ଆଧାରରେ ଅଧିକ ଅଭିଯୁକ୍ତଙ୍କୁ ଖୋଜୁଛି। ଏହି ମାମଲା ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୨) ଅନୁଯାୟୀ ମବ ଲିଞ୍ଚିଂ ମାମଲା ଭାବେ ରୁଜୁ ହୋଇଛି, ଯେଉଁଥିରେ ଦୋଷୀ ସାବ୍ୟସ୍ତ ହେଲେ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ମିଳିପାରେ।

# ଆଗକୁ ହୋଇପାରେ ଅନ୍‌ଲାଇନ୍ କ୍ଲାସ୍

**ଭାପୁର,୨୯/୪(ନିପ୍ର):** ଖଣ୍ଡପଡା ନିର୍ବାଚନ ମଣ୍ଡଳୀକୁ ସାରା ଓଡ଼ିଶାରେ ଏକ ନମ୍ବର କାରିବା ପାଇଁ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଅହରହ ଉଦ୍ୟମ ଜାରିରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଭାପୁର ବ୍ଲକ ଅଞ୍ଚଳରେ ଶିକ୍ଷାକ୍ଷେତ୍ରରେ ଉନ୍ନତି ପାଇଁ ବିଧାୟକ ଶ୍ରୀ ସ୍ୱାଇଁ ଡିଏଭି ପବ୍ଲିକ ସ୍କୁଲ ଖୋଲିବାକୁ ଭୁବନେଶ୍ୱର ଡିଏଭି ସ୍କୁଲର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥିଙ୍କ ସହିତ ସୋମବାର ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଶତପଥି ପ୍ରତିଶ୍ରୁତି ଦେଇଛନ୍ତି ବିଭାଗୀୟ ଅଧିକାରୀମାନେ ଖୁବଶୀଘ୍ର ଭାପୁର ଅଞ୍ଚଳ ଗସ୍ତକରି ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିବେ। ସ୍କୁଲ ଖୋଲାହେଲେ ଭାପୁର ଅଞ୍ଚଳର ଛାତ୍ର ଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ। ବିଧାୟକଙ୍କ ଏଭଳି ଉଦ୍ୟମକୁ ଭାପୁର ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/03, ତା.28.04.2025ରିଖ
ଟେଣ୍ଡର ନଂ.: 06255009, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରଶସ୍ତ (Wider) ପ୍ରିଷ୍ଟ୍ରେସ୍‌ଡ କଂକ୍ରିଟ ସ୍ଲିପର, ପରିମାଣ : TS ଅନୁସାରେ।
ଟେଣ୍ଡର ଖୋଲାଯିବା ତାରିଖ : ତା. 23.05.2025 ରିଖ ।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-81/Q/25-26

# ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ଚିଠି

ଭୁବନେଶ୍ୱର, ୨୯ ।୪: ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ଚିଠି । ବାଚସ୍ପତିଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଚିଠି ଦେଇଛନ୍ତି । ପହଲଗାମ ହମଲା ପ୍ରସଙ୍ଗରେ ଆଲୋଚନା ପାଇଁ ସେ ଅନୁରୋଧ କରିଛନ୍ତି । ସୂଚନା ଥାଉ କି ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଚାଲିଯାଇଥିଲା ।

**AFFIDAVIT**
By virtue of an affidavit before the Notary public, khandapada, dist -Nayagarh,as on dated 28:04:2025 that I sri Bikash kumar debata, s/o, Bijaya kumar debata, vill/post -kainfulia, Ps-fatehgarh, Dist-Nayagarh, Odisha, declare that in my high school certificate from board of secondary education, odisha, my name and my father's name have been wrongly mentioned as Bikas kumar debata, s/o-Bijay kumar debata instead of Bikash kumar debata, s/o-Bijaya kumar debata. But my adhar card no -897537739237 is mentioned Bikash kumar debata, s/o-Bijaya kumar debata.So, the Bikash kumar debata, s/o - Bijaya kumar debata and Bikas kumar debata, s/o -Bijay kumar debata is the same and one person in our locality. Henceforth I shall be known as Bikash kumar debata s/o - Bijaya kumar debata for all purposes.
**Sd/-Bikash Kumar Debata.**

# ||||||||||| ମାଣ୍ଡିଆ ଚାଷ ଓ ଚାଷୀଙ୍କ ମନରେ ଫୁଟାଇଛି ହସ |||||||||||

# ବଜାରରେ ବିକ୍ରୟ ଓ ପ୍ରୋତ୍ସାହନ ପାଇଁ ସରକାରୀ ସହାୟତା ଦାବି

**କାକଟପୁର,୨୯/୪(ନିପ୍ର):** ମିଲେଟ ମିଶନ ଉପକୂଳବର୍ତ୍ତୀ ଚାଷୀଙ୍କ ପାଇଁ ସାଜିଲା ବରଦାନ। ଦିନଥିଲା ଧାନ ବଦଳରେ ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳରେ ବ୍ୟାପକ ମାଣ୍ଡିଆ ଚାଷ ହେଉଥିଲା। କିନ୍ତୁ ବଜାରରେ ମାଣ୍ଡିଆର ଦର କମିବା ସହ ପ୍ରୋତ୍ସାହନ ଅଭାବରୁ ଧୀରେଧୀରେ ମାଣ୍ଡିଆ ଚାଷ ଉପରୁ ମୁହଁ ଫେରାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଲେଟ ମିଶନ ଯୋଜନା ଅନୁପ୍ରାଣିତ ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ୪୦ଜଣ ମହିଳା ଏକତ୍ରିତ ହୋଇ ଆରମ୍ଭ କରିଥିଲେ ମିଲେଟ ପ୍ରଡ୍ୟୁସର ଗ୍ରୁପ। ୭ଏକର ଜମିରେ ଜୈବିକ ପଦ୍ଧତିରେ ତଥା କମ୍ ଖର୍ଚ୍ଚରେ ଅଧିକ ଲାଭଜନକ ଚାଷ କରିବା ପାଇଁ ଏବେ ବାଟ ଦେଖାଇଛି। ପ୍ରତ୍ୟେକ କଠିନତାକୁ ସାମ୍ନା କରି ଆଗକୁ ବଢିବାର ଦୃଢ଼ ଇଚ୍ଛାଶକ୍ତି ତାକୁ ବଞ୍ଚିବାର ରାହା ଦେଖାଇଥାଏ। ଏବେ



କ୍ଷେତରେ ଲହଡି ଭାଙ୍ଗୁଛି ପେଣ୍ଡାପେଣ୍ଡା ମାଣ୍ଡିଆ। ଯେତେ ଦୂର ପର୍ଯ୍ୟନ୍ତ ଆଖି ଯାଉଛି କେବଳ ମାଣ୍ଡିଆ ହିଁ ମାଣ୍ଡିଆ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଅଧୀନ ଉଦୟପୁର ଗାଁର ମହିଳାମାନେ ଜମିରେ ଫଳାଇଛନ୍ତି ସୁନାର ଫସଲ। ଅନୁକୂଳ ପାଗ ଏବଂ ଜମିରେ ଅତି ସହଜରେ ହୋଇପାରୁଛି ଏହି ମାଣ୍ଡିଆ ଚାଷ। ଆଉ ସେଥିପାଇଁ ମହିଳାମାନଙ୍କୁ ବେଶ ଆକୃଷ୍ଟ କରିଛି ଏହି ଚାଷ। ଏ ନେଇ ଉଦୟପୁର ଗ୍ରାମର ସ୍ୱାବଲମ୍ବି ମହିଳା କଲ୍ୟାଣୀ ସ୍ୱାଇଁ କୁହନ୍ତି ଧାନ କିମ୍ବା ଅନ୍ୟ ପାରମ୍ପରିକ ଚାଷଠାରୁ ମାଣ୍ଡିଆ ଚାଷରୁ ଭଲ ଅମଳ ଏବଂ ଲାଭ ମିଳୁଛି। ଅନ୍ୟ ଚାଷ ତୁଳନାରେ ଖର୍ଚ୍ଚ କମ୍, ପରିଶ୍ରମ କମ୍ ତା ସହିତ କମ୍ ପାଣିରେ ଲାଭ ବେଶୀ ହେଉଛି। ଧାନ ଚାଷ କଲେ ରୋଗ ପୋକର ଆଶଙ୍କା ଅନେକ ମାତ୍ରାରେ ରହିଥାଏ ହେଲେ ମାଣ୍ଡିଆ ଚାଷ କ୍ଷେତ୍ରରେ ତାହା କମ୍। ଏହି ଚାଷ କରି ବର୍ତ୍ତମାନ ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ମିଲେଟ ପ୍ରଡ୍ୟୁସର ଗ୍ରୁପର ୪୦ ମହିଳା ଲାଭାନ୍ୱିତ ହେଉଛନ୍ତି। ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ନଟକିଶୋର ମହାନ୍ତି କୁହନ୍ତି ପୁଷ୍ଟିଶସ୍ୟ ଭାବରେ ଏଇ କିଛି ବର୍ଷ ହେଲା ମାଣ୍ଡିଆ ବେଶ ଆଦୃତି ଲାଭ କରିଛି। ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତି ଏହାକୁ ଧୀରେଧୀରେ ଗ୍ରହଣ କରିବାକୁ ଲାଗିଲେଣି। ଏଥିରେ ପ୍ରଚୁର ମାତ୍ରାରେ ଆଇରନ, କ୍ୟାଲସିୟମ, ଫାଇବର, ପ୍ରୋଟିନ ଓ କାର୍ବୋ ହାଇଡ୍ରେଟ୍ସ ଥିବା ଯୋଗୁଁ ଏହା ବେଶ ସ୍ୱାସ୍ଥ୍ୟ ଉପଯୋଗୀ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମିଲେଟ ମିଶନ ଜରିଆରେ ଚାଷ ଓ ଏହାର ବ୍ୟବହାର ପାଇଁ ସଚେତନ ଏବଂ ପ୍ରୋତ୍ସାହିତ କରୁଛନ୍ତି।

**GOVERNMENT OF ODISHA, DEPARTMENTOF WATER RESOURCES** A-87
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDC-06/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDC-06/2025-26 |
| 5. | Estimated Cost | : Rs. 11,22,188 /- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.28.04.2025(10.00 AM) to dt.08.05.2025(5.30 PM) |
| 8. | Last date/ time for receipt of bid In the Portal | : dt.08.05.2025 (up to 5.30 PM) |
| 9. | Date and Place of opening of Bid | : dt.09.05.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar
OIPR-32405/11/0054/2526

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ